

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୫ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 DECEMBER 2021
Vol.No. 32 ■ No. 330 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନିର୍ବାଚନ ପୂର୍ବରୁ ଚାଷୀଙ୍କ ପାଇଁ ୨ ଲକ୍ଷ ପର୍ଯ୍ୟନ୍ତ ଋଣ ଛାଡ଼ କଲେ ପଞ୍ଜାବ ସରକାର



ଚଣ୍ଡିଗଡ, ୨୪/୧୨: ଆସନ୍ତାବର୍ଷ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଚାଷୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ପଞ୍ଜାବ ସରକାର। ଚାଷୀମାନଙ୍କୁ ୨ ଲକ୍ଷ ଟଙ୍କା ଯାଏ ଋଣ ଛାଡ଼ କରାଯିବ ବୋଲି ଆଜି ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ଚାଷୀଙ୍କ ପାଖରେ ୫ ଏକରରୁ କମ ଜମି ରହିଛି, ସେମାନଙ୍କୁ ୨ ଲକ୍ଷ ଟଙ୍କା ଯାଏ ଋଣ ଛାଡ଼ କରାଯିବ। ଯେଉଁ ଚାଷୀଙ୍କ ମୁଣ୍ଡରେ ୨ ଲକ୍ଷ ଟଙ୍କା ଯାଏ ଋଣ ରହିଛି, ସେଗୁଡ଼ିକୁ ସଂପୂର୍ଣ୍ଣ ଭାବେ ଛାଡ଼ କରାଯିବ। ସେହିପରି ଭୂମିହୀନ ଚାଷୀଙ୍କ ଋଣ ମଧ୍ୟ ଛାଡ଼ ହେବ। ଋଣ ନେଇଥିବା ଚାଷୀଙ୍କ ଖାତାରେ ପଞ୍ଜାବ ସରକାର ୧୦ରୁ ୧୫ ଦିନ ମଧ୍ୟରେ ଏଥିପାଇଁ ୨ ହଜାର କୋଟି ଟଙ୍କା ଜମା କରିବେ। ପଞ୍ଜାବ କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି। ଏଥିସହ ଜମି ବନ୍ଧା ରଖିଥିବା ଚାଷୀଙ୍କୁ ମଧ୍ୟ ଋଣ ଛାଡ଼ କରାଯିବ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ଋଣ ବି ମାଫ କରାଯିବ। ଏହାବାଦ ଆଗକୁ ଚାଷୀଙ୍କ ସବୁ ଋଣ ଛାଡ଼ କରିବାକୁ ପଞ୍ଜାବ କ୍ୟାବିନେଟ ଚିନ୍ତା କରୁଥିବା ସେ କହିଛନ୍ତି। ପଞ୍ଜାବ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୧.୫ ଲକ୍ଷ ଚାଷୀଙ୍କୁ ଫାଇଦା ମିଳିବ। ଏହାପୂର୍ବରୁ ରାଜ୍ୟ ସରକାର ୫.୬୩ ଲକ୍ଷ ଚାଷୀଙ୍କର ୪ ହଜାର ୬୧୦ କୋଟି ଟଙ୍କାର ଋଣ ମାଫ କରିଥିଲେ। ସେମାନଙ୍କ ମଧ୍ୟରେ ଥିବା ୧.୩୪ ଲକ୍ଷ ଛୋଟ ଚାଷୀଙ୍କୁ ୯୮୦ କୋଟି ଟଙ୍କାର ଆଶ୍ୱସ୍ତି ମିଳିଥିଲା। ଋଣ ଛାଡ଼ ବ୍ୟତୀତ ପଞ୍ଜାବ ସରକାର ଚାଷୀଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ୩୧ ଡିସେମ୍ବର ସୁଦ୍ଧା ପଞ୍ଜାବ ପୁଲିସ୍ ଚାଷୀଙ୍କ ନାଁରେ ▶▶ପୃଷ୍ଠା ୭

## ବଡ଼ଦିନ ଓ ନୂଆବର୍ଷ ପାଳନ ଉପରେ କଟକଣା, ଗାଇଡ୍ ଲାଇନ୍ ଜାରି କଲେ ସରକାର

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ବଡ଼ଦିନ ଓ ନୂଆବର୍ଷକୁ ଦୃଷ୍ଟିରେ ରଖି କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ସାରା ରାଜ୍ୟରେ କେଉଁଠି ନୂଆବର୍ଷ ପାଳନ କରାଯାଇ ପାରିବ ନାହିଁ । ଡିସେମ୍ବର ୨୫ ଏବଂ ୩୧ ଏବଂ ଜାନୁୟାରୀ ୧ ଓ ୨ ତାରିଖ ଏହି କଟକଣା ବଳବତର ରହିବ । ହୋଟେଲ, କ୍ଲବ, ରେଷ୍ଟୁରାଂଟ ଓ ପାର୍କ ଭଳି ସ୍ଥାନରେ କୌଣସି ସେଲିବ୍ରେସନ ହୋଇପାରିବ ନାହିଁ। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ କେବଳ ଚର୍ଚ୍ଚ ମଧ୍ୟରେ ବଡ଼ଦିନ ପାଳନ ପାଇଁ ଅନୁମତି ମିଳିବ। ଏଥିରେ ସର୍ବାଧିକ ୫୦ ଜଣଙ୍କୁ ଅନୁମତି ଦିଆଯାଇଛି । ଅପରପକ୍ଷରେ ଜିରୋ ନାଇଟ୍ ସେଲିବ୍ରେସନକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ହୋଟେଲ, କ୍ଲବ, ରେଷ୍ଟୁରାଂଟରେ ନୂଆବର୍ଷ ପାଳନ ସମ୍ପୂର୍ଣ୍ଣ ବନ୍ଦ ରହିବ। ପାର୍କ, କନଭେସନ ହଲ ଓ କଲ୍ୟାଣ ମଣ୍ଡପରେ ନୂଆବର୍ଷ ପାଳନ ଉପରେ କଟକଣା ଲଗାଯାଇଛି। ଏହି ସମୟରେ ବାହାଘର ବ୍ୟତୀତ ଅନ୍ୟସବୁ ଉତ୍ସବ ଉପରେ ରୋକ୍ ଲଗାଯାଇଛି । ହେଲେ ରିସେପସନ୍ ଭୋଜିକୁ ବାରଣ କରାଯାଇଛି। ▶▶ପୃଷ୍ଠା ୭

## ଫେବୃୟାରୀ ୩ ବେଳକୁ ଭାରତରେ ଓମିକ୍ରନ ଆଣିପାରେ ତୃତୀୟ ଲହର



ନୂଆଦିଲ୍ଲୀ, ୨୪/୧୨: ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଆଇଆଇଟି କାନପୁର ଓମିକ୍ରନ ଉପରେ ଏକ ନୂଆ ମଡେଲ ଆଣିଛି । ଏଥିରେ କୁହାଯାଇଛି, ଦେଶରେ ଓମିକ୍ରନ ତୃତୀୟ ଲହର ଆଣିବ ଏବଂ ଆସନ୍ତା ଫେବୃଆରୀ ୩ ତାରିଖରେ ସଂକ୍ରମଣ ଶୀର୍ଷରେ ପହଞ୍ଚିପାରେ । କରୋନାର ଏହି ନୂଆ ଭ୍ୟାରିଆଣ୍ଟ ଭାରତରେ ତୃତୀୟ ଲହର ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଇଆଇଟି କାନପୁରର ଗବେଷକମାନେ କହିଛନ୍ତି । ଏଥିରେ ▶▶ପୃଷ୍ଠା ୭

## ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ପରଲୋକ



ଭୁବନେଶ୍ୱର, ୨୪/୧୨ (ନି.ପ୍ର): ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କର ପରଲୋକ ହୋଇଛି । ଶୁକ୍ରବାର ସକାଳ ସାଢ଼େ ୯ଟାରେ ଭୁବନେଶ୍ୱରରେ ପରଲୋକ ହୋଇଥିବା ତାଙ୍କ ଝିଅ ଅନୀତା ଶୁଭଦର୍ଶିନୀ ସୂଚନା ଦେଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଜନ୍ମମାଟି କୋଦଳାକୁ ତାଙ୍କ ମୃତଦେହକୁ ନିଆଯିବ। ସେଠାରେ ଲୋକେ ଶେଷ ଦର୍ଶନ କରିବା ପରେ ପୁରୀରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ସେ ଅର୍ଥ ଓ ଗ୍ରାମ୍ୟ ଉନ୍ନୟନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ। ୧୯୪୦ ମସିହା ଅଗଷ୍ଟ ୧୫ ତାରିଖରେ ଜନ୍ମଲାଭ କରିଥିବା ବରିଷ୍ଠ ରାଜନେତା ରାମକୃଷ୍ଣ ପଟ୍ଟନାୟକ ଗଂଜାମ ଜିଲ୍ଲାର ଜଣେ ଟାଣୁଆ ନେତା ଥିଲେ। ୧୯୭୭, ୧୯୮୦, ୧୯୯୦, ୧୯୯୫ ଓ ୨୦୦୦ ମସିହାରେ ▶▶ପୃଷ୍ଠା ୭

## ୨ ଅଧ୍ୟାଦେଶକୁ କ୍ୟାବିନେଟ ମଞ୍ଜୁରୀ




ଭୁବନେଶ୍ୱର, ୨୪/୧୨ (ନି.ପ୍ର): ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ଆଗାମୀ ପଂଚାୟତ ନିର୍ବାଚନରେ ଓବିସିଙ୍କ ନିମନ୍ତେ ସିଟ୍ ସଂରକ୍ଷଣ ରହିପାରିବ ନାହିଁ ବୋଲି ହାଇକୋର୍ଟ ରାୟ ଦେବା ପରେ ରାଜ୍ୟ ସରକାର ଆଜି ୨ଟି ଦୁଇଟି ଅଧ୍ୟାଦେଶ ଆଣି ପୌର ଆଇନରେ ସଂଶୋଧନ କରିଛନ୍ତି। ଓଡ଼ିଶା ମ୍ୟୁନିସପାଲଟି ଆକ୍ଟ-୧୯୫୦ ଓ ଓଡ଼ିଶା ମ୍ୟୁନିସପାଲ କର୍ପୋରେସନ ଆକ୍ଟ-୨୦୦୩ରେ ଓବିସି ବର୍ଗଙ୍କ ନିମନ୍ତେ ଥିବା ସଂରକ୍ଷଣକୁ ଅଧ୍ୟାଦେଶ ମାଧ୍ୟମରେ ଉଚ୍ଛେଦ କରିବାକୁ ରାଜ୍ୟ କ୍ୟାବିନେଟ ଆଜି ମଞ୍ଜୁରୀ ଦେଇଛନ୍ତି। ତେବେ ପଂଚାୟତ ନିର୍ବାଚନରେ ଓବିସି ବର୍ଗଙ୍କ ସଂରକ୍ଷଣ ପାଇଁ ଓଡ଼ିଶା ଗ୍ରାମ ପଂଚାୟତ ଆଇନ-୧୯୬୪, ଓଡ଼ିଶା ପଂଚାୟତ ସମିତି ଆଇନ-୧୯୫୯ ଓ ଓଡ଼ିଶା ଜିଲ୍ଲା ପରିଷଦ ଆଇନ-୧୯୯୧ ସମାନ ପ୍ରାବଧାନ ଥିବା ସତ୍ତ୍ୱେ ଏହାକୁ ସଂଶୋଧନ ପାଇଁ କୌଣସି ଅଧ୍ୟାଦେଶ ଆଣିନଥିବା ରାଜ୍ୟ ସରକାର କେବଳ ପୌର ଆଇନକୁ ସଂଶୋଧନ ନିମନ୍ତେ ଅଧ୍ୟାଦେଶ କାହିଁକି ଆଣିଲେ ତାକୁ ନେଇ ପ୍ରଶ୍ନ ଉଠିଛି। ଏହାସହିତ ରାଜ୍ୟ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରୁ ଗଣମାଧ୍ୟମକୁ ଜାରି କ୍ୟାବିନେଟ ନିଷ୍ପତ୍ତିର ପ୍ରେସ୍ ବିବୃତ୍ତିରେ ଅଧ୍ୟାଦେଶ ସମ୍ପର୍କରେ କୌଣସି ଉଲ୍ଲେଖ ନଥିବାବେଳେ ମୁଖ୍ୟ ସଚିବଙ୍କ ଭିଡିଓ ବାର୍ତ୍ତାରେ ୨ଟି ଅଧ୍ୟାଦେଶକୁ କ୍ୟାବିନେଟ ଅନୁମୋଦନ ▶▶ପୃଷ୍ଠା ୭

## ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ବର୍ଷୀୟାନ ରାଜନେତା ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଆମ ଦଳର ବରିଷ୍ଠ ନେତା ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଅନୁଭବୀ ରାଜନୀତିଜ୍ଞ ଓ ଦକ୍ଷ ମଣିଷକୁ ହରାଇଲା। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି।

## ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ସାନି ବିଜ୍ଞପ୍ତି

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ପଂଚାୟତିରାଜ ବିଭାଗ ଦ୍ୱାରା ଏହି ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆସନ୍ତା ୧୦ ଦିନ ମଧ୍ୟରେ ଅର୍ଥାତ ୩ ତାରିଖ ସୁଦ୍ଧା ଏବାବଦରେ ଜନସାଧାରଣଙ୍କ ଠାରୁ ଅଭିଯୋଗ ଓ ପରାମର୍ଶ ଗ୍ରହଣ କରାଯିବ । ସାଧାରଣ ଲୋକେ ସେମାନଙ୍କର ଅଭିଯୋଗ ଇମେଲ ଯୋଗେ ଦାଖଲ କରିପାରିବେ । ଆଉ ଏହାପରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରକାଶ ପାଇଥିବା ସାନି ବିଜ୍ଞପ୍ତିରେ ୧୫ ଜିଲ୍ଲାର ଜିଲ୍ଲାପରିଷଦ ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । କନ୍ଧମାଳ, କେନ୍ଦ୍ରାପଡା, କୋରାପୁଟ, ଖୋର୍ଦ୍ଧା, ଗଞ୍ଜାମ, ଝାରସୁଗୁଡା, ଢେଙ୍କାନାଳ, ନୂଆପଡା, ପୁରୀ, ବଲାଙ୍ଗୀର, ବୌଦ୍ଧ, ମାଲକାନଗିରି, ଯାଜପୁର, ରାୟଗଡା, ସମ୍ବଲପୁର ଜିଲ୍ଲାର ଜିଲ୍ଲା ପରିଷଧ ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ସେହିଭଳି ଅନୁଗୁଳ, କଟକ, କଳାହାଣ୍ଡି, କେଉଁଝର, ଗଜପତି, ଦେଓଗଡ, ନୟାଗଡ, ବରଗଡ, ବାଲେଶ୍ୱର, ▶▶ପୃଷ୍ଠା ୭

## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ୍ୟ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି


DADLS-53
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା
OIPR : 15001/13/0094/2122

DADLS-53
ଓଡ଼ିଶା ସରକାର
ବଡ ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

କରୋନାର ଭୟ ଏବେ ବି ଦୂର ହୋଇନାହିଁ । ସତର୍କ ରହିଲେ ଆମେ ଏହାର ମୁକାବିଲା କରିପାରିବା । ତେଣୁ ମୋର ଅନୁରୋଧ, ନିଜର ଓ ନିଜ ପରିବାରର ସୁରକ୍ଷା ପାଇଁ ଆପଣମାନେ ସମସ୍ତେ କୋଭିଡ ନିୟମ କଡ଼ାକଡ଼ି ଭାବରେ ପାଳନ କରନ୍ତୁ ।

(ନବୀନ ପଟ୍ଟନାୟକ)
OIPR : 15001/13/0094/2122

DADLS-53
ପବିତ୍ର ବଡ଼ଦିନ ଉପଲକ୍ଷେ ବାର୍ତ୍ତା

ପବିତ୍ର ବଡ଼ଦିନ ଉପଲକ୍ଷେ ମୁଁ ରାଜ୍ୟର ସମସ୍ତ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କାମନା କରୁଛି ।

କୋଭିଡ୍ ନିୟମାବଳୀ ଅନୁପାଳନ ପୂର୍ବକ ବଡ଼ଦିନ ଉତ୍ସବ ପାଳନ କରିବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
OIPR : 15001/13/0094/2122

# କନ୍ଧମାଳ ଜିଲ୍ଲାରେ ୧୨୨ ଜଣ ଖବରକାଗଜ ହକରଙ୍କୁ ସରକାରଙ୍କ ବିଭିନ୍ନ ସୁବିଧା ପ୍ରଦାନ

କନ୍ଧମାଳ,୨୪/୧୨ (ନି.ପ୍ର): ଓଡ଼ିଶାର ଜନସାଧାରଣଙ୍କର ବିଶେଷକରି ଆର୍ଥିକ ଅନଗ୍ରସର ଲୋକମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ ବିଭିନ୍ନ ଯୋଜନାମାନ କରିଆସୁଛନ୍ତି । ତେବେ ବିଳମ୍ବ ହେଲେ ବି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ନିକଟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନଙ୍କ ମାଧ୍ୟମରେ ପଞ୍ଜିକୃତ ହୋଇଥିବା ରାଜ୍ୟର ସମ୍ବାଦପତ୍ର ହକର ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଏକ ଐତିହାସିକ ଘୋଷଣା କରିବା ସହିତ ପ୍ରାୟ ୭ ହଜାର ୨୫୯ ଜଣଙ୍କ ବ୍ୟାଙ୍କ ହିସାବ ଖାତାକୁ ଡେବିଟି ମାଧ୍ୟମରେ ୬ ହଜାର ଟଙ୍କା ଲେଖାଏଁ ପଠାଇବାର ଶୁଭାରମ୍ଭ କରିଛନ୍ତି । ଯାହାକି ଭାରତବର୍ଷର କୌଣସି ରାଜ୍ୟରେ ତାହା ହୋଇନାହିଁ । ସେମାନଙ୍କୁ ସେମାନଙ୍କର ହକ୍ ଦେଇ ମୁଖ୍ୟମନ୍ତ୍ରୀ ବହୁତ ଖୁସି ବୋଲି ଜଣାଇଛନ୍ତି । ସେହିପରି ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କା, ସାଧାରଣ ମୃତ୍ୟୁ ହେଲେ ୧ଲକ୍ଷ ଟଙ୍କା, ଦୁର୍ଘଟଣା ଯୋଗୁଁ ସମ୍ପୂର୍ଣ୍ଣ ଶାରିରୀକ ଅକ୍ଷମ ହୋଇଗଲେ ୧ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥ ରାଶି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦେବା ସହିତ ଆଂଶିକ ଶାରିରୀକ ଅକ୍ଷମଙ୍କ ପାଇଁ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସରକାରଙ୍କର ଜନହିତକାରୀ ଯୋଜନାଗୁଡ଼ିକୁ ଲୋକମାନଙ୍କ ନିକଟରେ ପହଂଚାଇବାରେ ଏହି ହକରମାନେ ସେତୁ ଭଳି କାର୍ଯ୍ୟ କରୁଛନ୍ତି । ଡିଜିଟାଲ ଯୁଗରେ ମଧ୍ୟ ସମ୍ବାଦପତ୍ରର ଚାହିଦା କିଛି କମ୍ ନାହିଁ । ଏମାନେ ଖରା, ବର୍ଷା, ବାତ୍ୟା, ଝଡ଼, ଶୀତ, କାକର, ଏପରିକି କୋଭିଡ୍-୧୯ ମହାମାରୀ ସମୟରେ ମଧ୍ୟ ନିଜ ନିଜର ଜୀବନକୁ ବାଜି ଲଗାଇ ସେମାନଙ୍କର କାମ କରିଚାଲିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କ୍ରମରେ ଆଜି କନ୍ଧମାଳ ଜିଲ୍ଲାର ୧୨୨ଜଣ ସମ୍ବାଦପତ୍ର ହକରଙ୍କ ବ୍ୟାଙ୍କ ହିସାବ ଖାତାକୁ ମଧ୍ୟ ୬ ହଜାର ଟଙ୍କା ଲେଖାଏଁ ପଠାଯିବା ବ୍ୟବସ୍ଥା କରାଯାଇଛି । ଭିଡିଓ କନଫରେନ୍ସିଂରେ ଯୋଗ ଦେଇଥିବା ୧୬ ହକରଙ୍କୁ କନ୍ଧମାଳ ଜିଲ୍ଲାପାଳ ଡା. ବୃନ୍ଦା ଡି.ପରିଚୟ ପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କୁ ମଧ୍ୟ ପରିଚୟ ପତ୍ର ପ୍ରଦାନ କରାଯିବ । ତେବେ, କେବେ ଓ କେଉଁଠାରେ ପ୍ରଦାନ କରାଯିବ ତାହା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଖୁବ୍ ଶିଘ୍ର ସୂଚନା ଦେବେ ।

# ସହରାଂଚଳରେ ବଢ଼ୁଛି ଟ୍ରାଫିକ ସମସ୍ୟା : ସମାଧାନ ଦାବି

ସମ୍ବଲପୁର ,୨୪/୧୨ (ନି.ପ୍ର): ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଏକ ସାଧାରଣ ସମସ୍ୟାରେ ପରିଣତ ହେଉଛି । ରାଜା ରାଜୁଡା ଅମଳରୁ ବସିଥିବା ଜନବସତି ଗୁଡିକ କେଉଁଠି ମାତ୍ରାଧିକ ସଙ୍କୁଚିତ ତ କେଉଁଠି ଦୁରଦୁରାନ୍ତ ବି ସୃଷ୍ଟି କରାଇଛି । ମାତ୍ର ପରବର୍ତୀ ସମୟରେ ସହରାଂଚଳର ଗୁରୁତ୍ୱ ବୃଦ୍ଧି ପାଇବା ପରେ ହୁ ହୁ ହୋଇ ଜନବସତି ମଧ୍ୟ ବଢିଚାଲିଲା । ଜନବସତି ବୃଦ୍ଧି ପାଉଥିବା ସୁଯୋଗରେ ଜବରଦଖଲ ବଢିବା ସଂପ୍ରତି ସହରର ବିଭିନ୍ନ ବିକାଶ ଦିଗରେ ପ୍ରତିବନ୍ଧକ ସାଜିବା ଆରମ୍ଭ କରିଛି । ଯାହା ଫଳରେ ସମ୍ବଲପୁର ସହରାଂଚଳ ଓ ଏହାର ପ୍ରମୁଖ ସଂଯୋଗକାରୀ ଅଂଚଳର ଅଧିକାଂଶ ରାସ୍ତାରେ ସଦାସର୍ବଦା ଟ୍ରାଫିକ ସମସ୍ୟା ଏକ ସାଧାରଣ ଘଟଣାରେ ପରିଣତ ହୋଇଥିବା ଦେଖାଯାଇଛି । ସବୁଦିନ ପରି ଗୁରୁବାର ପ୍ରତ୍ୟୁଷରେ ସହର ସନ୍ନିକଟ ଜାତୀୟ ରାଜପଥରେ ଗାଡ଼ି ପଛରେ ଗାଡ଼ି ଗୁଡ଼ିକ ଦୀର୍ଘ ସମୟ ଧରି ଅଟକି ରହିଥିବା ଦେଖିବାକୁ ମିଳିଥିଲା । ସକାଳ ୯ ବେଳେ ଗୋଲବଜାର ଛକରୁ ବୁଢ଼ାରଜା ପ୍ରମୁଖ ରାସ୍ତାରେ ଯାନବାହାନ ଚଳାଚଳରେ ଜାମ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ସେହିପରି ଆଜି ଦିନର ବିଭିନ୍ନ ସମୟରେ କାଇଁସିର-ସିନ୍ଦୁରପଙ୍କ- ବସଷ୍ଟାଣ୍ଡ, ଧନୁପାଲି ଛକରୁ ଖୋଲାବଜାର ଛକ, ବୁଢାରଜା- ଅଇଁଠାପାଲି ଛକ ରାସ୍ତାରେ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥିଲା । ଗୋଟିଏ ପଟେ ଟ୍ରାଫିକ ସମସ୍ୟା ନେଇ ସାଧାରଣ ଲୋକେ ପୋଲିସ ପ୍ରଶାସନର ଦୁର୍ବଳତାକୁ ଆକ୍ଷେପ କରୁଥିବା ବେଳେ ରାସ୍ତାର ସଙ୍କୀର୍ଣ୍ଣତା ହିଁ ପ୍ରମୁଖ କାରଣ ବୋଲି କୁହାଯାଉଛି । ଗୋଟିଏ ପଟେ ଜବରଦଖଲରେ ଜନବସତି ବୃଦ୍ଧି, ରାସ୍ତାର ସଙ୍କୀର୍ଣ୍ଣତା ତା ସହ ସହରରେ ଚଳାଚଳ କରୁଥିବା ଯାନବାହାନ ବୃଦ୍ଧି ଅନୁପାତରେ ରାସ୍ତାର ଅଭାବ ହିଁ ଟ୍ରାଫିକ ସମସ୍ୟାର ପ୍ରମୁଖ କାରଣ ବୋଲି ବିଭିନ୍ନ ମହଲରୁ ଜନମତ ପ୍ରକାଶ ପାଇଛି । ତେବେ ଗୁରୁବାର ଦିନ ସହରର ବିଭିନ୍ନ ରାସ୍ତାରେ ଟ୍ରାଫିକ ସମସ୍ୟା ନେଇ କେତେକ ଗଣମାଧ୍ୟମ ପ୍ରତିନିଧି ଜିଲା ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଇବା ପରେ ତୁରନ୍ତ ସମସ୍ୟାର ସମାଧାନ କରାଯାଇଥିବା ଦେଖିବାକୁ ମିଳିଥିଲା । ତେବେ ବିଭିନ୍ନ ସମୟରେ ସହର ଓ ସଂଯୋଗୀକରଣ ପ୍ରମୁଖ ରାସ୍ତାରେ ଯାନବାହାନ ଚଳାଚଳରେ ସୃଷ୍ଟି ହୋଇ ଆସୁଥିବା ଅବ୍ୟବସ୍ଥାକୁ ସ୍ଥାୟୀଭାବେ ସମାଧାନ କରିବା ପାଇଁ ବହୁ ବୁଦ୍ଧିଜୀବୀ, ସମାଜସେବୀ ବିଶେଷ କରି ସ୍କୁଲ କଲେଜର ଅନେକ ଛାତ୍ରଛାତ୍ରୀ ଦାବି କରିଛନ୍ତି ।

## ସ୍କାଉଟ ଗାଇଡ୍ସମାନଙ୍କ ଦ୍ୱାରା ବେଳାଭୂମି ସଫେଇ

ପଟାମୁଣ୍ଡାଇ ,୨୪/୧୨ (ନି.ପ୍ର): ଚାଲିଛି ପର୍ଯ୍ୟଟନର ଋତୁ । ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ରାଜନଗରର ପେଣ୍ଠ ବରୁଣେଇ ବେଳାଭୂମିରେ ଲାଗିଛି ପର୍ଯ୍ୟଟକଙ୍କ ଭିଡ଼ । ପର୍ଯ୍ୟଟନ ସ୍ଥଳୀଗୁଡିକୁ ସ୍ୱଚ୍ଛ ରଖିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ଭାରତ ସ୍କାଉଟ ଗାଇଡ଼ ସଂଗଠନ ପକ୍ଷରୁ ୨୨ତାରିଖ ଓ ୨୩ତାରିଖ ଦୁଇ ଦିନ ଧରି ଏକ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଏବଂ ବେଳାଭୂମି ସଫେଇ କ୍ୟାମ୍ପ ଅୟୋଜିତ ହୋଇଯାଇଛି । ଆଜି ଦ୍ୱିତୀୟ ଦିବସରେ ସ୍କାଉଟ ମାଷ୍ଟର ଓ ଗାଇଡ଼ କ୍ୟାପଟେନମାନେ ପ୍ରଥମେ ପେଣ୍ଠ ଗ୍ରାମର ରାସ୍ତା ସମେତ ବହୁ ପୁରାତନ ବନବିହାରୀଜୀଉ ମନ୍ଦିର ପରିସର ସଫା କରିଥିଲେ । ତତ୍ପରେ ପେଣ୍ଠ ଇକୋ ରିଟ୍ରିଟ ଠାରୁ ବରୁଣେଇ ବିଟ ହାଉସ ପର୍ଯ୍ୟନ୍ତ ସମୁଦ୍ର କୂଳ ନିକଟବର୍ତି ଅଂଚଳକୁ ପଲିଥିନ ଓ ଆବର୍ଜନା ମୁକ୍ତ କରାଯାଇଥିଲା । ଜିଲ୍ଲା ସ୍କାଉଟ କମିଶନର ପୀତବାସ ପଣ୍ଡା ଉଦଯାପନୀ ଉତ୍ସବରେ ଯୋଗ ଦେଇ ସ୍କାଉଟ ମାଷ୍ଟର ଓ ଗାଇଡ଼ କ୍ୟାପଟେନ ମାନଙ୍କୁ ଆଗାମୀ ଦିନରେ ଏହିପରି ସେବା କାର୍ଯ୍ୟ ଚାଲୁ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ସମୂହ ରାଷ୍ଟ୍ରଗାନ ପରେ ଜିଲ୍ଲା ସଂଗଠନର ସଂପାଦିକା ସ୍ମିତା ପ୍ରତିଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ସ୍କାଉଟ ମାଷ୍ଟର ଉପେନ୍ଦ୍ର ସାହୁ, ଗୋପୀନାଥ ଦ୍ୱିବେଦୀ, ସରୋଜକାନ୍ତ ବିଶ୍ୱାଳ,ବିଜୟ କୁମାର ପ୍ରଧାନ, ପବିତ୍ର ରାଉଳ, ଗାଇଡ଼ କ୍ୟାପଟେନ ଜୟନ୍ତୀ ଦେଇ,ରାଜଲକ୍ଷ୍ମୀ ମହାରଣା, ରୋଭର ରାହୁଲ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ଖୋର୍ଦ୍ଧା - ବଲାଙ୍ଗୀର ନିର୍ମାଣାଧିନ ରେଳପଥ , ଉପେକ୍ଷାର ଅନ୍ତ ନାହିଁ

ବଲାଙ୍ଗିର,୨୪/୧୨ (ନି.ପ୍ର): ଖୋର୍ଦ୍ଧା - ବଲାଙ୍ଗୀର ନିର୍ମାଣାଧିନ ରେଳପଥ ସମଗ୍ର ଦେଶର ଏକ ବିଳମ୍ବିତ ରେଳ ପ୍ରକଳ୍ପ ଭାବେ ଜଣାଶୁଣା । ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାର ଜନସାଧାରଣଙ୍କ ଦାବୀକୁ ସମ୍ମାନ ଦେଇ ଏହି ରେଳପଥର ନିର୍ମାଣ କାର୍ଯ୍ୟକୁ କ୍ଷୀପ୍ରତର କରିବା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ରେଳ ବିଭାଗ ଆଗେଇ ଆସି ୨୦୧୫ ମସିହାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ । କୌଣସି ଏକ ରେଳ ପଥର ନିର୍ମାଣ ପାଇଁ କେନ୍ଦ୍ର ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ଏଭଳି ବୁଝାମଣା ପତ୍ର ସ୍ୱାକ୍ଷରକୁ ଦେଶରେ ପ୍ରଥମ ବୋଲି ପ୍ରଚାର କରାଯାଇଥିଲା ।

ଏହି ବୁଝାମଣା ପତ୍ର ଅନୁଯାୟୀ, ୨୦୨୧ ମସିହା ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା । କିନ୍ତୁ, ରେଳପଥ ନିର୍ମାଣ କାର୍ଯ୍ୟରେ ବିଶେଷ ଅଗ୍ରଗତି ହୋଇନାହିଁ ଏବଂ ବର୍ତମାନ ମଧ୍ୟ ଉପେକ୍ଷାର ଅନ୍ତ ହୋଇନାହିଁ ବୋଲି ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ପୂର୍ବତଟ ରେଳ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟକୁ ସ୍ଥାନୀୟ ଯାଦବ ଉବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରି ଅଭିଯୋଗ କରିଛନ୍ତି । ଓଡ଼ିଶାର ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଦେଶର ରେଳମନ୍ତ୍ରୀ ଦାୟୀତ୍ୱ ନେବା ପରେ ମଧ୍ୟ ରାଜ୍ୟ ରାଜଧାନୀରୁ ଏହି ରେଳପଥ ଦ୍ୱାରା ସଂଯୋଗ ହେବାକୁ ଥିବା ଅଂଚଳର ଲୋକଙ୍କ ଭାଗ୍ୟ ବଦଳି ନାହିଁ । ଓଡ଼ିଶା ପ୍ରତି ରେଳ ବିଭାଗର ଉପେକ୍ଷାମୂଳକ ମାନସିକତା ଆଜିବି ବଳବତର ରହିଛି ବୋଲି ପଣ୍ଡା କହିଛନ୍ତି । ବୁଝାମଣା ପତ୍ର ଅନୁସାରେ, ରାଜ୍ୟ ଓ କେନ୍ଦ୍ର ୫୦-୫୦ ଭାଗ ଅର୍ଥ ଖର୍ଚ୍ଚ କରିବା ସଙ୍ଗେ ରାଜ୍ୟ ମାଗଣାରେ ଜମି ହସ୍ତାନ୍ତର କରିବା ପାଇଁ ସ୍ଥିର ହୋଇଥିଲା । କିନ୍ତୁ, ୨୦୧୫ ମସିହା ରାଜିନାମା ଅନୁଯାୟୀ, ରାଜ୍ୟ ଓ କେନ୍ଦ୍ର ୫୦-୫୦ ଭାଗ ଅର୍ଥ ଅଂଶ ଖର୍ଚ୍ଚ କରିନଥିବା ଶ୍ରୀ ପଣ୍ଡା କହିଛନ୍ତି । ୨୦୧୫ ୧୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୬ ବର୍ଷରେ ତଥା ରାଜିନାମା ସମୟସୀମା ମଧ୍ୟରେ ରେଳ ବିଭାଗ ସମୁଦାୟ ୧୦୯୦ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ରାଜ୍ୟ ପ୍ରଦାନ କରିଛି ମାତ୍ର ୪୮୩ କୋଟି ଟଙ୍କା । ରାଜ୍ୟ ୧୮ -୧୯ ଓ ୧୯-୨୦ ବର୍ଷରେ ଆଦୌ ଅର୍ଥ ପ୍ରଦାନ କରି ନଥିବା ଜଣାଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୧ ବର୍ଷ ବଜେଟରେ ଏହି ରେଳପଥ ପାଇଁ ୧ ହଜାର ୫୦ କୋଟି ଟଙ୍କା ରେଳ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା । ଏହି ନିର୍ଦ୍ଦିଷ୍ଟ ରେଳପଥ ପାଇଁ ବିଗତ ୧୦ ବର୍ଷର କେବଳ ବଜେଟ୍ ଘୋଷଣାକୁ ଅନୁଧ୍ୟାନ କଲେ ପ୍ରାୟ ୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥରାଶି ଘୋଷଣା କରାଯାଇଥିବା ବେଳେ ବାସ୍ତବରେ କିନ୍ତୁ ଖର୍ଚ୍ଚ କରାଯାଇଛି ମାତ୍ର ୧ ହଜାର ୩ ଶହ ୪୪ କୋଟି ଟଙ୍କା । ଏହି ନିର୍ମାଣାଧିନ ରେଳପଥ ପାଇଁ ରେଳ ବିଭାଗର ଦୀର୍ଘସୂତ୍ରୀ ଅବହେଳା ସମସ୍ତଙ୍କୁ ଜଣାଥିଲା । କିନ୍ତୁ, ୨୦୧୫ ମସିହା ରାଜିନାମାକୁ ଦେଖିଲେ ରାଜ୍ୟର ଅବହେଳା ମଧ୍ୟ କିଛି କମ୍ ନୁହେଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ବିଛୁପାଲି ଠାରୁ ଝାରତରଭା ଷ୍ଟେସନ ମାତ୍ର ୧୦.୩୫ କି.ମି. ଦୂରତା ପର୍ଯ୍ୟନ୍ତ ଚଳିତ ଆର୍ଥିକ ବର୍ଷରେ ରେଳ ଗଡିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷ ଶେଷ ହେବା ଉପରେ କିନ୍ତୁ ଏହି ସ୍ୱଳ୍ପ ଦୂରତାକୁ ଧାର୍ଯ୍ୟ ସମୟ ମଧ୍ୟରେ ରେଳ ଚଳାଚଳ ସମ୍ପ୍ରସାରଣ ହେବା ଆଶା ଅତ୍ୟନ୍ତ କ୍ଷୀଣ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଗତ ସାଧାରଣ ନିର୍ବାଚନ ପୂର୍ବରୁ ତଥା ୨୦୧୯ ମସିହା ଜାନୁଆରୀ ୧୫ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗିର-ବିଛୁପାଲି ଟ୍ରେନର ଲୋକାର୍ପଣ କରି ସମ୍ପୂର୍ଣ୍ଣ ରେଳପଥର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଥିଲେ । ହେଲେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶୃତି ପାଣିର ଗାର ସଦୃଶ ହୋଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ବର୍ତମାନ ଏହି ରେଳପଥକୁ ସମ୍ପୂର୍ଣ୍ଣ କରିବା ପାଇଁ ୨୦୨୪ ମସିହାକୁ ଧାର୍ଯ୍ୟ ସମୟ ଘୁଂଚାଇ ଦିଆଯାଇଛି, ହେଲେ ଦୀର୍ଘ ୬୮ କି.ମି. ପାଇଁ ଷ୍ଟେଜ ୧ ଜଙ୍ଗଲ ଜମି ଡାଇଭର୍ସନ ଅନୁମତି ବର୍ତମାନ ପର୍ଯ୍ୟନ୍ତ ମିଳିନଥିବା ଜଣାଯାଇଛି । ୧୯୯୪-୯୫ ମସିହାରେ ମଞ୍ଜୁରୀପ୍ରାପ୍ତ ଏହି ନିର୍ମାଣାଧିନ ପ୍ରକଳ୍ପ ପାଇଁ ୨୭ ବର୍ଷ ପରେ ବି ଜଙ୍ଗଲ ଜମି ଡାଇଭର୍ସନ ଷ୍ଟେଜ ୧ ଅନୁମତି ମିଳିନଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପକୁ ନେଇ କଥା ବେଶି, କାମ କମ୍ କୁ ଇଙ୍ଗିତ କରୁଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ଷ୍ଟାମ୍ପ ପେପର ଅଭାବ ନେଇ ଅଭିଯୋଗ

ପୁରୀ,୨୪/୧୨ (ନି.ପ୍ର): ଷ୍ଟାମ୍ପ ପେପର ଅଭାବ ଓ କଳାବଜାରୀ ନେଇ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ନାଥଶର୍ମାଙ୍କୁ ଅଭିଯୋଗ କରିଛନ୍ତି ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ । ପୁରୀ କୋର୍ଟ ପରିସରରେ ଷ୍ଟାମ୍ପ ଭେଣ୍ଡର ମାନେ ଷ୍ଟାମ୍ପ ପେପର ଚଢା ଦରରେ ବିକୁଛନ୍ତି । ଯାହା ଦ୍ୱାରା ସାଧାରଣ ଲୋକ ହୁଅନ୍ତୁ କି ସ୍କୁଲ କଲେଜେ ଛାତ୍ରଛାତ୍ରୀ ହୁଅନ୍ତୁ ସେମାନେ ଦଶ ଟଙ୍କାର ପେପରକୁ ତିନି ଗୁଣା ଚାରି ଗୁଣା ଅଧିକ ଦାମ ଦେଇ କିଣୁଛନ୍ତି । ଏଥିପାଇଁ ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ନାଥଶର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଷ୍ଟାମ୍ପ ପେପର କଳାବଜାରୀ ରୋକିବା ପାଇଁ ନିବେଦନ କରିଛନ୍ତି । ଉକ୍ତ ଦାବି ପତ୍ର ପ୍ରଦାନ ସମୟରେ ଯୁବ ଅଧିବକ୍ତା ସଂଘର ସଭାପତି ବିଶ୍ୱଜିତ ପ୍ରଧାନ, ଆବାହକ ଅନିଲ କୁମାର ସାହୁ, ସୁଭାଶିଷ ମହାନ୍ତି, ଦେବାଶିଷ ଦାଶ, ସୁରେଶ ମହାପାତ୍ର, ରଘୁନାଥ ପଟ୍ଟନାୟକ, ଭାଗବତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମକୁମାରୀଜ୍ ଦ୍ୱାରା ସକ୍ରିୟ କୃଷକ ଦିବସ ପାଳନ

କେନ୍ଦ୍ରାପଡ଼ା,୨୪/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନସ୍ଥ ସୁନାଇଲୋ ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ଜ୍ଞାନ ଜ୍ୟୋତି ଭବନ ସଭାକକ୍ଷରେ ରାଷ୍ଟ୍ରିୟ କୃଷକ ଦିବସକୁ କୃଷକ ସମ୍ମାନ ଦିବସ ରୂପେ ପାଳନ କରାଯାଇଛି । ୨୩ ଡିସେମ୍ବରକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମଦିବସକୁ ରାଷ୍ଟ୍ରୀୟ କୃଷକ ଦିବସ ରୂପେ ଭାରତରେ ପାଳନ କରାଯାଇଥାଏ । ଏହି ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗ ଏଜୁକେସନ୍ ଏବଂ ରିସର୍ଚ୍ଚ ଫାଉଣ୍ଡେସନ ଅଧିନସ୍ଥ କୃଷି କାର୍ଯ୍ୟ ଚାଲୁଅଛି ।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଂଟ : ଜିସିସି କ୍ରିକେଟ କେନ୍ଦ୍ରାପଡା ଫାଇନାଲରେ

ଧର୍ମଶାଳା,୨୪/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁରସ୍ଥ ସତ୍ୟସାଇ ଖେଳ ପଡିଆରେ ୩୯ ତମ ରାଜ୍ୟ ସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଂଟ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମି ଫାଇନାଲ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ରାଉରକେଲାକୁ ହରାଇ ପ୍ରଥମ ଦଳଭାବେ ଜିସିସି କ୍ରିକେଟ କେନ୍ଦ୍ରାପଡା ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ପ୍ରଗତି ସ୍ପୋର୍ଟିଂ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଡେଭିଡ ସାଙ୍ଗା ୩୩ ଓ ଉମେଶ ଗୌତମ ୨୬ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ପ୍ରଣବ ଦୁବେ ଓ ସୌରଭ ବିଶ୍ୱାଳ ଦୁହେଁ ୩ ଟି ଲେଖାଁଏ ଉଇକେଟ ନେଇଥିଲେ । ୧୫୬ ରନର ବିଜୟ ଲକ୍ଷ ନେଇ ଜିସିସି କେନ୍ଦ୍ରାପଡା ୧୭.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ ହାସଲ କରି ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସଂରକ୍ଷଣ କରିଛି । ଦଳ ପକ୍ଷରୁ ଓମକାର ପ୍ରତାପ ସିଂହ ୬୫ ଓ ଅଭିଜିତ ଦାସ ୪୨ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ସ୍ୱରୂପ ଦାସ ଓ ଅଙ୍କିତ ପ୍ରସାଦ ପ୍ରତ୍ୟେକ ୨ଟି ଲେଖାଁ ଉଇକେଟ ନେଇଥିଲେ । ସତ୍ୟସାଇ କ୍ଲବର ସଭାପତି ପ୍ରିୟନାଥ ରାଉତ ଯୋଗ ଦେଇ ପ୍ରତାପ ସିଂହଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ଆଜିର ଖେଳକୁ ପ୍ରଭାତ ଜେନା ଓ ଉତ୍କଳ ଜେନା ପରିଚାଳନାରେ ସହଯୋଗ କରିଥିବା ବେଳେ ଭାଷ୍ୟକାରଭାବେ ମଂଟୁ ଦାସ, ଅରୁଣ ପତି ଓ ପ୍ରିୟନାଥ ରାଉତ । ସ୍କୋରର ଭାବେ ଚିନ୍ମୟ ଦଳାଇ, ସାଇ ପ୍ରବୀର ସାହୁ ଓ ବବି ନାରାୟଣ ସେଠୀ ସହଯୋଗ କରିଥିଲେ । ସୁବ୍ରତ ସତ୍ୟଜିତ ରାଉତ, ଦିଲିପ ଜେନା, ଶୁକଦେବ ବିଶ୍ୱାଳ, ସରୋଜ ଜେନା, ହେମନ୍ତ ସାହୁ, ରଂଜିତ ନାୟକ, ରାଜେଶ ଜେନା, ଆଲୋକ ବିଶ୍ୱାଳ, ସୁନିଲ ଜେନା, ମନୋରଂଜନ ଦାସ, ନିରଞ୍ଜନ ଦାସ ଓ ଆୟୁଷମାନ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା କାଲି ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚ ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱର ସହ ୟୁନିକ୍ ଭଦ୍ରକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ଚାଷୀଠାରୁ ଧାନ କିଣୁନି ପ୍ରଶାସନ

ଜୟପୁର ,୨୪/୧୨ (ନି.ପ୍ର): ମଣ୍ଡି ଆରମ୍ଭ ହୋଇଥିଲେ ବି ଜୟପୁର ଉପଖଣ୍ଡ ରେ ମଣ୍ଡି ସୁରୁଖୁରୁରେ ଚାଲିନାହିଁ । ଏସଏସଜି ଗ୍ରୁପକୁ ଧାନ କ୍ରୟ ପାଇ ପ୍ରଶାସନ ଦାୟିତ୍ୱ ଦେଇଥିବା ବେଳେ ସେମାନେ କ୍ରୟ କରୁ ନାହାଁନ୍ତି । ଗତ କାଲି ବଡଜିଉନାରେ ମଣ୍ଡି ଥିବା ବେଳେ ଧାନ କ୍ରୟ ହୋଇନଥିବା ନେଇ ବିଜେପିର ରାଜ୍ୟ ସ୍ଥାୟୀ ସଦସ୍ୟ ଗୌତମ ସାମନ୍ତରାୟ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି । ଯାହାର ୧୨ ଏକର ଜମି ରହିଛି ସେହି ଚାଷୀକୁ ୧ ଏକର ଜମିର ଟୋକେନ ଦିଆଯାଇଛି । ଏସଏସଜି ଗ୍ରୁପ ମାନଙ୍କୁ ତାଲିମ ଦିଆଯାଇ ନାହିଁ । ମିଲ ମାଲିକ ନିୟନ୍ତ୍ରଣରେ ଏଏସଜି ଗ୍ରୁପ ମାନେ ରହୁଛନ୍ତି । ଧାନ କ୍ରୟ ହୋଇ ପାରୁ ନାହିଁ । ତୁରନ୍ତ ଧାନ କ୍ରୟ ନହେଲେ ଆଗାମି ଦିନରେ ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ଧାରଣା ଦେବାକୁ ଉପ ଜିଲାପାଳ ଙ୍କୁ ଚେତାବନି ଦେଇ ଫେରିଥିବା ଜଣାଯାଇଛି । ସେହିପରି ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ସେମଲାଗୁଡା ଧାନ ମଣ୍ଡି ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲା ଯୋଗାଣ ଅଧିକାରିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗତ ୧୫ ତାରିଖରୁ ଖରିଫ ମଣ୍ଡି ଆରମ୍ଭ ହୋଇଥିବା ବେଳେ ଆଜି ଯାଏ ଧାନ କ୍ରୟ କରାଯାଉ ନାହିଁ । ମଣ୍ଡିରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦେଖା ମିଳୁନାହିଁ । ଶୀତ କାକରରେ ଚାଷୀ ଧାନକୁ ମଣ୍ଡିରେ ରଖି ରାତି ଦିନ ଜଗି ବସିଛି । ତେଣୁ ପ୍ରଶାସନ ତୁରନ୍ତ ଧାନ କ୍ରୟ କରିବାକୁ ଶତାଧିକ ଚାଷୀ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମଲାଗୁଡା ମଣ୍ଡିର ସମସ୍ତ ଚାଷୀମାନେ ଧାନ ବିକ୍ରୟ ପାଇ କାମତା ଲ୍ୟାମ୍ପରେ ପଞ୍ଜିକରଣ କରିଛନ୍ତି । ମଣ୍ଡି ଆରମ୍ଭ ହୋଇଥିଲେ ବି ଧାନ କ୍ରୟ ହୋଇନାହିଁ । ଧାନ କ୍ରୟ ହେଉନଥିବାରୁ ଚାଷୀ ମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିବା ସେ ସୂଚନା ଦେଇଛି । ଆଗକୁ ରବି ଧାନ ଚାଷ ଏବଂ ବଡ ଦିନ ଥିବାରୁ ସମସ୍ୟା ଅଧିକ ଜଟିଳ ହେବାକୁ ଲାଗିଛି । ତେଣୁ ପ୍ରଶାସନ କ୍ରୟ କରିବାକୁ ଜଗନ୍ନାଥ ପେଂଟିଆ, ଟଙ୍କ ଧର ରାଉତ, ହରି ହର ସାହୁ, ରବିନ୍ଦ୍ର ପୁଜାରି ପ୍ରମୁଖ ଦାବି କରିଛନ୍ତି । ଏନେଇ ପ୍ରଶାସନ ଆସନ୍ତା ସୋମାବାର ମଣ୍ଡିରୁ ଧାନ କ୍ରୟ କରାଯିବ ପୋଲିସ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଯଦି ପ୍ରଶାସନ ସୋମବାର ଧାନ କ୍ରୟ ନକଲେ ରାସ୍ତାରୋକ କରିବା ସହ ଚାଷୀ ଆତ୍ମହୃତି ଦେବାକୁ ଚେତାବନୀ ଦେଇଥିବା ଜଣାଯାଇଛି । ସେହିପରି ଜୟପୁର ବ୍ଲକର କୁମୁଲିପୁଟ ଲ୍ୟାମ୍ପ ଅଧିନରେ ଥିବା ଚାଷୀଙ୍କ ଧାନ କ୍ରୟ ନେଇ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । କୁମୁଲିପୁଟ ପଂଚାୟତ ଅନ୍ତର୍ଗତ ଚାଷୀମାନେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ ଙ୍କ ଦ୍ୱାରସ୍ଥ ହୋଇ ଦାବୀ ପତ୍ର ପ୍ରଦାନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି କୁମୁଲିପୁଟ ଲ୍ୟାମ୍ପ ଠାରେ ଗତ ୨୦ ତାରିଖ ରେ ଧାନ ବିକ୍ରୟ ମଣ୍ଡି ଘୋଷଣା କରାଯାଇଥିଲା । କିନ୍ତୁ ଧାନ ବିକ୍ରୟ ହୋଇ ପାରିଲା ନାହିଁ । ଯାହା ଫଳରେ ଚାଷୀ ମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ୩ ଦିନ ଭିତରେ ମଣ୍ଡିରେ ଧାନ ବିକ୍ରୟ କରାଯାଇ । ଯଦି ସମସ୍ୟାର ସମାଧାନ କରା ନକେଲେ ତାହା ହେଲେ ସମସ୍ତ ଚାଷୀଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେବାକୁ ସରପଂଚ ତ୍ରିନାଥ ମୁଦୁଲି ,ଗଜେନ୍ଦ୍ର ମାଝୀ, ଗୋର ଭୁମିଆ, ସୋମନାଥ କମାର, ବଳରାମ ଭୁମିଆ ଚେତାବନି ଦେଇଛି । ସେହିପରି ଜୟପୁର ଅଂଚଳରେ ଲାଗି ରହିଥିବା ଧାନ ମଣ୍ଡିର ସମସ୍ୟା ଓ ଲ୍ୟାମ୍ପ ମାନଙ୍କ ଦ୍ୱାରା ଧାନ କ୍ରୟ ଆରମ୍ଭ ହୋଇନଥିବାରୁ ତାହାର କାରଣ ଓ ସମାଧାନ ପାଇ ବିଜେପିର ଏକ ଚାରି ଜଣିଆ ଟିମ ଜୟପୁର ଡିଆରସିଏସ ଦାୟିତ୍ୱରେ ଥିବା ଏଆରସିଏସ ରଞ୍ଜନ ଉଲ୍କା ଏବଂ ଜିଲା ଯୋଗାଣ ଅଧିକାରି ପ୍ରଦୀପ ପଣ୍ଡା ଙ୍କ ସହ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ । ଏନେଇ ଜୟପୁର ଉପ ଜିଲ୍ଲାପାଳ କହିଛନ୍ତି ଆରଏମସି କୁ ଦାୟିତ୍ୱ ଦିଆଯାଇଛି । ୨ ଦିନ ଭିତରେ ମଣ୍ଡିରେ ଧାନ କିଣିବେ । ଲ୍ୟାମ୍ପ ମାନେ ମଧ୍ୟ ସହ ଯୋଗ କରିବେ । ଖୁବ ଶୀଘ୍ର ଧାନ କ୍ରୟ କରାଯିବ ।

# ଟିକାବାଲି ବ୍ଲକ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ

କନ୍ଧମାଳ ,୨୪/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ର ଗୁଟୀଙ୍ଗିଆ ଖେଳ ପଡିଆ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଓ୍ୱାଣିଶ୍ରୀ ଯୁଥ କ୍ଲବ ଗୁଟୀଙ୍ଗିଆ ର ମିଳିତ ଆନୁକୂଲ୍ୟରେ ବ୍ଲକ ସ୍ତ ରୀ ୟ ଯୁବକ ସଂଘ ଖେଳ କୁଦ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଜ଼ିଲ୍ଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼ ଯୋଗ ଦେ ଇ ଥିବା ବେଳେ ସନ୍ନମାନିତ ଅତିଥି ଭାବରେ ସରପଞ୍ଚ ଗୁଟିଙ୍ଗିଆ ର ଉଦୟ କୁମାର ପ୍ରଧାନ, ପାଡାଙ୍ଗି ଗ୍ରାମ ପଂଚାୟତ ର ସରପଂଚ ଲଳିତ କୁମାର ପ୍ରଧାନ, ଓ୍ୱାର୍ଡ ମେମ୍ବର ରବି ଚନ୍ଦ୍ର ପ୍ରଧାନ, ତଅଂଳା ସମାଜର ସଭାପତି ଶତ୍ରୁଘନ ନାୟକ, ସଭ୍ୟ ଶ୍ୟାମ ସୁନ୍ଦର ନାୟକ, ଉମାକାନ୍ତ ଦେହୁରୀ, ସାଂସଦ ପ୍ରତିନିଧି ଜନ୍ମେଜୟ ନାୟକ, ସମାଜ ସେବୀ ନରୋତମ ପ୍ରଧାନ ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜ଼ିଲ୍ଲା ଯୁବ ଅଧିକାରୀ ନଭନୀତ କୁମାର, ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ ଦିଗବିଜୟ ପ୍ରଧାନ ପ୍ରମୁଖ ଯୋଗ ଦେ ଇ ଥିଲେ । ଏହି ପ୍ରତିଯୋଗିତାରେ ଫୁଟବଲ, ଭଲି ବଲ, କବାଡି, ଦୌଡ଼ାକୁଦ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ୍ ଗୁଟିଟିଙ୍ଗି ଫୁଟବଲ ଟିମ ଓ ହିନ୍ଦୁସ୍ତାନ କ୍ଲବ ଟଂଚଲା ସାହି ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏଥିରେ ଗୁଟିଙ୍ଗିଆ ଫୁଟବଲ ଟିମ ୩-୧ ଗୋଲ ରେ ହିନ୍ଦୁସ୍ତାନ କ୍ଲବ ଟଂଚଳ । ସାହି କୁ ପରାସ୍ତ କରି ଚମ୍ପିଆନ ହୋଇଥିଲେ । ଏହି ମ୍ୟାଚକୁ ରେଫରୀ ଭାବରେ ରାକେଶ କୁମାର କୋଠଦେଲେଇ ପରିଚାଳନା କରିଥିବା ବେଳେ ସହଯୋଗ ମିଳନ କୁମାର ବିଶୋଇ, ସନ୍ତୋଷ ନାୟକ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସ ର ମୁଖ୍ୟ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ କ୍ରୀଡା ପ୍ରେମୀ ଯୁବ ଭାଇ ଓ ଭଉଣୀ ଅବଗତ କରିଥିଲେ । ପ୍ରତିଯୋଗିତାରେ ବିଜୟୀ ଟିମ କୁ ୨ ଜାର ୫ ଶହ ଟଙ୍କା ଅର୍ଥ ରାଶି ସହ ଟ୍ରଫି ଓ ଉପ ବିଜୟୀ ଟିମ କୁ ନଗଦ ୨ ହଜାର ଟଙ୍କା ସହ ଟ୍ରଫି ଓ ପ୍ରମାଣ ପତ୍ର ଏବଂ ବିଭିନ୍ନ ପ୍ରତିଯୋଗୀତାରେ ବିଜୟୀ ପ୍ରତିଯୋଗୀ ଟ୍ରଫି ସହ ପ୍ରମାଣପତ୍ର ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରା ଯା ଇ ଥିଲା । ପ୍ରଥମ କରି ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଏବଂ ବାଣୀ ଯୁଥକ୍ଲବ ଗୁଟିଙ୍ଗିଆ ତରଫରୁ ମହିଳା ବନ୍ଧୁ ତା ପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଥିତ ହୋ ଇ ଥିଲା ଏଥିରେ ଜିରିଡ଼ିକିଆ ଫୁଟବଲ ଟିମ ପେନାଲ ଟିକ ରେ ୩-୧ ରେ ଗୁଟୀଙ୍ଗିଆ ଟିମ କୁ ପରାସ୍ତ କରି ବିଜୟୀ ହୋଇ ଥିଲେ ।

# କୃଷି ଉତ୍ପାଦକ ଗୋଷ୍ଠୀ ସୁର୍ଗାଭଟ୍ଟାର ବାର୍ଷିକ ସାଧାରଣ ସଭା

କନ୍ଧମାଳ,୨୪/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ଗ୍ରାମପଚାଂୟତ ସ୍କୁଲ ପଡ଼ିଆରେ ସୁର୍ଗାଭଟ୍ଟା ଉତ୍ପାଦକ ଗୋଷ୍ଠିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ୨୦୧୬ ମସିହାରେ ଏହା ନାବାର୍ଡର ସହାୟତା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ପ୍ରଚେଷ୍ଟାରେ ଚାଷୀ ମାନଙ୍କର ଉତ୍ପାଦିତ ଦ୍ରବ୍ୟ ଗୁଡିକୁ ବିକ୍ରିବଟାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଗଠନ ହୋଇଥିଲା । ଏହି ଗୋଷ୍ଠିରେ ୭୩୨ ଜଣ ପାଂଚ ଲକ୍ଷ ଦଶ ହଜାର ଟଙ୍କା ଅଂଶଧନ ଦେଇ ସଭ୍ୟ ଓ ସଭ୍ୟା ହୋଇଛନ୍ତି । ଭାରତ ସରକାରଙ୍କ ୨୦୧୩ କମ୍ପାନୀ ନିୟମ ଅନୁଯାୟୀ, ଏହାର ପଞ୍ଜିକରଣ କରାଯାଇଛି । କୃଷିଜାତ ଦ୍ରବ୍ୟ ବ୍ୟବସାୟ କରିବା ସହିତ ଚାଷୀ ମାନଙ୍କୁ ଚାଷ ବିଷୟରେ ସଚେତନତା କରିବା ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଏହା କରି ଆସୁଛି । ସ୍ୱାତୀ ଅନୁଷ୍ଠାନ ସେମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିରନ୍ତର ସହଯୋଗ କରୁଛି ।

ଆଜିର ସାଧାରଣ ସଭାରେ ସୁର୍ଗାଭଟ୍ଟାର କାର୍ଯ୍ୟନିର୍ବାହୀ ହୃଷିକେଶ ଆମାୟତ ଏହାର ବାର୍ଷିକ ବିବରଣି ଓ ଆର୍ଥିକ ସମିକ୍ଷା ଉପସ୍ଥାନ କରିଥିଲେ । ଏହି ବାର୍ଷିକ ସାଧାରଣ ସଭାରେ ବିଭିନ୍ନ ସରକାରୀ ଅଧିକାରୀ ମାନେ ଯୋଗଦେଇ ଚାଷୀ ମାନଙ୍କ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ବିଷୟରେ କହିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ସଞ୍ଜିବ ମହାନ୍ତି ( ଡି.ଡି.ଏମ, ନାବାର୍ଡ, ଫୁଲବାଣୀ ) ଯୋଗଦେଇଥିଲେ ଏବଂ ଉତ୍ପାଦକ ଗୋଷ୍ଠିର ସମସ୍ତ କୃଷକ ମାନଙ୍କୁ କମ୍ପାନୀର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । କିଭଳି ଭାବରେ ନିଜର ଉତ୍ପାଦିତ ଦ୍ରବ୍ୟକୁ ଉଚିତ୍ ମୁଲ୍ୟରେ ବିକ୍ରୟ କରିପାରିବେ ଓ ବ୍ୟବସାୟି ମାନଙ୍କଠାରୁ ଓଜନ ସମ୍ପର୍କୀୟ ଠକାମିରୁ ମୁକ୍ତ ହୋଇପାରିବେ ସେ ଏହାର ଉପାୟ କୃଷକ ମାନଙ୍କୁ ବୁଝାଇଥିଲେ । ଉତ୍ପାଦକ ଗୋଷ୍ଠିର ସି.ଇ.ଓ ଏବଂ ବି.ଓ.ଡି ମେମ୍ବର ମାନଙ୍କୁ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ପ୍ରତ୍ୟେକ ହାଟରେ ବୋର୍ଡ ମାରିବାକୁ ଅନୁରୋଧ କରିଥିଲେ । ଉତ୍ପାଦକ ଗୋଷ୍ଠିର କୃଷକ ମାନଙ୍କୁ ସୁର୍ଗାଭଟ୍ଟା ଉତ୍ପାଦକ ଗୋଷ୍ଠି ମାଧ୍ୟମରେ ଉତ୍ପାଦିତ ଦ୍ରବ୍ୟକୁ ବିକ୍ରୟ କରିବାକୁ ଉତ୍ସାହିତ କରିଥିଲେ । ଉପସ୍ଥିତ ବେଣୁଧର ନାୟକ, ଏସ.ଓ, କେ.କେ.ଡିଏ, ବେଲଘର ମଧ୍ୟ କୃଷକ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ କିପରି ସୁଯୋଗ ପାଇପାରିବେ ତାହାର ଉପାୟ କହିଥିଲେ । ଡଃ.ସସ୍ୱତି ଅନନ୍ଦିତା ପ୍ରାଣି ବିଭାଗର ସୁବିଧା ସୁଯୋଗ ସମ୍ପର୍କରେ କୃଷକ ମାନଙ୍କୁ ବୁଝାଇଥିଲେ । ସୁଦିପ୍ତ ମାହାନ୍ତି ଜେ.ଏ.ଓ, କେ.କେ.ଡିଏ, ବେଲଘର ମଧ୍ୟ କୃଷକ ମାନଙ୍କୁ କୃଷି ସମ୍ପର୍କରେ ଉତ୍ସାହ ପ୍ରଦାନ କରିଥିଲେ । ପ୍ରଦୀପ କୁମାର ସ୍ୱାଇଁ କିପରି ବ୍ୟବସାୟକୁ ବଢେଇ ଆଗାମି ଦିନରେ ଏକ ସ୍ୱାବଲମ୍ବି ଅନୁଷ୍ଠାନ ହୋଇ ଚାଷୀ ମାନଙ୍କ ଉନ୍ନତିରେ ସାହାଯ୍ୟ ହେବ କହିଥିଲେ । ଶେଷରେ ସୁର୍ଗାଭଟ୍ଟା ଉତ୍ପାଦକ ଗୋଷ୍ଠିର ସଭାପତି ନୂତନ ବାର୍ଷିକ ଯୋଜନା ପାଠ କରିଥିଲେ ଏବଂ ଉପସ୍ଥିତ ଅତିଥି ଓ ଉତ୍ପାଦକ ଗୋଷ୍ଠିର ସମସ୍ତ କୃଷକ ମାନଙ୍କୁ ଧନ୍ୟବାଦ ଦେଇ ବାର୍ଷିକ ସାଧାରଣ ସଭାକୁ ସମାପ୍ତ ଘୋଷଣା କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ଗୁପ୍ତେଶ୍ୱର ବଡସେଠ୍ ପରିଚାଳନା କଲାବେଳେ ଗୋଷ୍ଠିର କର୍ମକତା ନରେନ୍ଦ୍ର ମାଝି, ପିଟୁକୁ ମାଝି, କୁଶ ସାନସେଠ୍, ଦେବେନ୍ଦ୍ର ଜାନି, ପ୍ରଶାନ୍ତ ମାଝି ସହଯୋଗ କରିଥିଲେ ।

# ବଡ଼ଦିନ




**ଅକ୍ଷୟ କୁମାର ରାଉତ**




ସଂସ୍କୃତି କଳା, ଆଦର୍ଶ, ବିଚାର ଓ ବିଶ୍ୱାସର ସଂସାର ବା ନୈତିକ, ଆଧାତ୍ମିକ, ନୀତିଗତ ଲପଲବ୍ଧ, ଆଚାର ବିଚାର ପରିପ୍ରକାଶ ଅଟେ। ସଂସ୍କୃତି ଓ ସଭ୍ୟତା ଏକ ନୁହଁନ୍ତି। ଗୋଟିଏ ମନୁଷ୍ୟର ଶରୀର ସଭ୍ୟତାର ସହିତ ସମ୍ବନ୍ଧ ଥିବା ବେଳେ ଆତ୍ମାର ସମ୍ବନ୍ଧ ସଂସ୍କୃତି ସହିତ ଥାଏ। ସଂସ୍କୃତି ଓ ସଭ୍ୟତା କୌଣସି ସମୟରେ ଏକ ବ୍ୟକ୍ତିର ବିଚାରଧାରା ନୁହେଁ। ତାହା ପ୍ରାଚୀନକାଳରୁ ଏ ପର୍ଯ୍ୟନ୍ତ ପ୍ରବାହିତ ସାମଗ୍ରିକ ବିଚାରଧାରା ଅଟେ। ସଂସ୍କୃତି ଓ ସଭ୍ୟତା ମାନବ ବିକାଶର ଦ୍ୱିପ୍ରାଥମିକ ଉପାଦାନ। ସଂସ୍କୃତି ସର୍ବଦା ସ୍ଥାୟୀ ଓ ସଭ୍ୟତା ପରିବର୍ତ୍ତନଶୀଳ। ତେଣୁ ମନୁଷ୍ୟ ସର୍ବଦା ସମାଜରେ ରହିବାକୁ ଭଲ ପାଏ। କୌଣସି କାରଣରୁ ସମାଜରେ ବିଶୃଙ୍ଖଳା ଦେଖାଦେଲେ, ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର, ଅନ୍ୟାୟ ଓ ଅତ୍ୟାଚାରର ବିଲୋପ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଧରାପୃଷ୍ଠରେ ମହାମାନବ ମାନେ ଅବତରଣ କରନ୍ତି। ସମୟ ସ୍ରୋତରେ ସମାଜିକ ବ୍ୟବସ୍ଥାର ବିବିଧ ପରିବର୍ତ୍ତନ ପାଇଁ ଭିନ୍ନ ଭିନ୍ନ ଧର୍ମ ମୁଣ୍ଡ ଟେକିଥାଏ। ସେହିପରି ଏକ ଧର୍ମହେଉଛି ଖ୍ରୀଷ୍ଟଧର୍ମ। ସମାଜରୁ ସତ୍ୟାଚାର, ଅନ୍ୟାୟ, ଶୋଷଣର ବିଲୋପ କରି ସତ୍ୟର ମାର୍ଗ ଦେଖାଇବା ପାଇଁ ଧରାପୃଷ୍ଠରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଆବିର୍ଭାବ ହେଲା। ସେହିଦିନଟି ହେଉଛି ବଡଦିନ (କ୍ରିସ୍‌ମାସ୍, ଏକ୍ସ ମାକ୍ସ ବା ଡିସେମ୍ବର ୨୫ ତାରିଖ)। ପିତା ଯୋଶେଫ୍ ଓ ମାତା ମେରୀଙ୍କର କୋଳମଣ୍ଡନ କରି ବେଥ୍‌ଲହମ୍‌ର ଏକ ମେଣ୍ଢାଶାଳରେ ଜନ୍ମ ଗ୍ରହଣ କରିଥିଲେ ପ୍ରଭୁ ଯୀଶୁଖ୍ରୀଷ୍ଟ। ତାଙ୍କ ଜନ୍ମରେ ଉଜ୍ଜ୍ୱଳ ଦିବ୍ୟାଲୋକରେ ଆକାଶ ଝଲସି ଉଠିଥିଲା। ସେ ସମୟରେ କିଛି ଅଲୌକିକ ଘଟଣାର ଦୃଶ୍ୟ ଦୃଷ୍ଟିଗୋଚର ହେବାର କଥିତ ଅଛି।

ଧରାବକ୍ଷରେ ଯୀଶୁଖ୍ରୀଷ୍ଟଙ୍କର ପଦାର୍ପଣ ଏକ ମହାନ୍ ଉଦ୍ଦେଶ୍ୟରେ ହୋଇଥିଲା। ସେହି ପବିତ୍ର ଦିବସର ରାତ୍ରରେ ସ୍ୱର୍ଗଦୂତଙ୍କ ମୁଖରୁ ନିସୃତ ହୋଇଥିଲା ଯେଉଁ ବାଣୀ ତାହା ବିଶ୍ୱବାସୀଙ୍କର ମଙ୍ଗଳ କରିଥିଲା। ଜଗତରେ ଶାନ୍ତି ଫେରି ଆସିବାର ସଙ୍କେତ ଦେଇଥିଲା। ଯୀଶୁଖ୍ରୀଷ୍ଟଙ୍କ ବିଷୟରେ କିଛି ଅଲୌକିକ କଥା ଶୁଣିବାକୁ ମିଳେ। ତାଙ୍କର ସ୍ୱର୍ଶରେ ବହୁ ଅନ୍ଧ, ଛୋଟା, ରୁଗ୍‌ଣ ବ୍ୟକ୍ତି ସୁସ୍ଥ ହୋଇଉଠୁଥିଲେ। ଏପରିକି ମୃତ ଶରୀରରେ ଜୀବନ ସଂଚାର ହେଉଥିଲା। ତାଙ୍କର କାର୍ଯ୍ୟକଳାପରେ ଥିଲା ଚମତ୍କାରିତା। ତାଙ୍କର, ଜୀବନ ଧାରଣ ପ୍ରଣାଳୀ ଥିଲା ସାଧାରଣ ଓ ନିରାଡମ୍ବର। ତାଙ୍କର ବିଶେଷ ଗୁଣ ଥିଲା ଶତ୍ରୁମାନଙ୍କୁ କ୍ଷମା ପ୍ରଦାନ କରିବା। ସେ ଥିଲେ ଜନକଲ୍ୟାଣକାରୀ, ତାଙ୍କର କର୍ମଥିଲା ଅତି ଉଚ୍ଚକୋଟୀର। ସମସ୍ତ ସ୍ୱର୍ଗୀୟ ଓ ଈଶ୍ୱରୀୟ ଗୁଣରେ ସେ ଭୂଷିତ ହୋଇଥିଲେ। ସେ ନିଜକୁ ଈଶ୍ୱର ନକହି ଈଶ୍ୱରଙ୍କ ସନ୍ତାନ ବୋଲି କହୁଥିଲେ। ସ୍ନେହ, ତ୍ୟାଗ, ଶାନ୍ତି, ସେବା ଓ ସତ୍ୟର ବାର୍ତ୍ତା ସେ ପ୍ରଚାର କରିଯାଇଛନ୍ତି। ତେଣୁ ବଡଦିନଟି ସେହି ମହାନ୍ ଦେବପୁରୁଷଙ୍କ ମହନୀୟ କ୍ରିୟା କର୍ମକୁ ସୂଚାଇଦିଏ।

ଡିସେମ୍ବର ୨୫ ତାରିଖରେ ପୃଥିବୀର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସରେ ବଡଦିନ ଉତ୍ସବ ପାଳନ କରିଥାଆନ୍ତି। ଏଥି ନିମନ୍ତେ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ବହୁ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ କରି ଦେଇଥାଆନ୍ତି। ଘରଦ୍ୱାର ପରିଷ୍କାର କରି ସୁନ୍ଦର ଭାବରେ ସଜାନ୍ତି। ଗୀର୍ଜାଗୁଡିକ ଉଜ୍ଜ୍ୱଳ ରଙ୍ଗୀନ୍ ଆଲୋକରେ ସାଜସଜ୍ଜା ହୋଇଥାଏ। ବଡଦନ ବୃକ୍ଷଟି ସୁସଜ୍ଜିତ ହୋଇ ପ୍ରତ୍ୟେକ ଗୃହର ଶୋଭାବର୍ଦ୍ଧନ କରେ। ଖ୍ରୀଷ୍ଟିୟାନ୍‌ମାନେ ନବବସ୍ତ୍ର ପରିଧାନ କରି ନିର୍ମଳ ମନରେ ଗୀର୍ଜାରେ ସମବେତ ହୋଇ ତ୍ରାଣକର୍ତ୍ତା ପ୍ରଭୁଯୀଶୁଙ୍କୁ ପ୍ରାର୍ଥନା କରନ୍ତି। ଅତି ଆଡମ୍ବର ନାଚଗୀତ ଓ ଖାଦ୍ୟପେୟରେ ଏ ଉତ୍ସବଟି ପାଳନ ହୁଏ। ବଡଦିନ ଉପଲକ୍ଷେ ଲୋକମାନେ ସାଙ୍ଗସାଥି ଓ ବନ୍ଧୁବାନ୍ଧବଙ୍କୁ ଅଭିନନ୍ଦନ ଜ୍ଞାପନ କରନ୍ତି।

ପ୍ରଭୁ ଯୀଶୁଙ୍କ ଅମୃତବାଣୀ ଓ ମହନୀୟ କାର୍ଯ୍ୟକଳାପ ଏହି ବଡଦିନରେ ଜନମାନସକୁ ପ୍ରଭାବିତ କଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ପଥସୁଗମ ହେବ।


ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫


# ରାଜନୀତିର ଭୀଷ୍ମ ପିତାମହ ତଥା ଆଦର୍ଶ ବ୍ୟକ୍ତିତ୍ୱ ଭାରତ ରତ୍ନ ଅଟଳ ବିହାରୀ


**ଅରବିନ୍ଦ ତ୍ରିପାଠୀ**






ଯେଉଁ କେତେଜଣ ମହାମାନବ ସ୍ୱକର୍ମ, ଆଚରଣ, ନେତୃତ୍ୱ, ଦେଶମାତୃକାର ସେବା ଇତ୍ୟାଦି ଦ୍ୱାରା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ତଥା ସମସ୍ତ ବର୍ଗର ଜନସାଧାରଣଙ୍କ ଭିତରେ ନୂଆ ଆଶା ସୃଷ୍ଟି କରିପାରିଛନ୍ତି ସେହିପରି ଏକାଧାରାରେ ଜଣେ ବଳିଷ୍ଠ, କର୍ମଠ, ଦକ୍ଷ, ସୁସାହିତ୍ୟିକ, ବିଶିଷ୍ଟ କବି, ସାମ୍ବାଦିକ, ସଂଗଠକ, ସମ୍ପାଦକ, ରାଜନୈତିକ ଆଦର୍ଶ ବ୍ୟକ୍ତିତ୍ୱ ତଥା ଭାରତ ରାଜନୀତିର ଭୀଷ୍ମ ପିତାମହ, ଭାରତରତ୍ନ, ପଦ୍ମଭୂଷଣ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ। ସେ ଏପରି ଜଣେ ବିବାଦ ବିହୀନ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଯାହାର କେହି ପ୍ରାୟ ବଇରୀ ନ ଥିଲେ। ସମସ୍ତେ ତାଙ୍କୁ ଶ୍ରଦ୍ଧା, ସମ୍ମାନ କରିଥାନ୍ତି। ହଠାତ୍ ତାଙ୍କର ବିୟୋଗରେ ୧୬/୮/୨୦୧୮ ତାରିଖରେ ସାରା ଭାରତ ବର୍ଷ ତଥା ବିଶ୍ୱ ଏକ ଧ୍ରୁବ ତାରାଙ୍କୁ ହରାଇଲା। ଏପରି ବ୍ୟକ୍ତିତ୍ୱ ଜନ୍ମ ନେବା ବହୁତ କଷ୍ଟକର। ରାଜନୈତିକ କ୍ଷେତ୍ରରେ ହେଉ ଅବା ସାହିତ୍ୟ କ୍ଷେତ୍ରରେ ହେଉ ସବୁଥିରେ ସେ ଛାଡ଼ି ଯାଇଛନ୍ତି ତାଙ୍କର ଏକ ସ୍ୱତନ୍ତ୍ର ଛାପ। ଯାହାକୁ କି ପୂରଣ କରିବା ଅସମ୍ଭବ। ସେ ଏପରି ଏକ ଜନନାୟକ ଭାରତ ବର୍ଷର ଯାହାକି ବିରଳ। ବାଦ ବିବାଦ, ମାନ-ସମ୍ମାନ ସବୁଠାରୁ ସେ ଥିଲେ ଉର୍ଦ୍ଧ୍ୱରେ। ତାଙ୍କର ମହା ବିୟୋଗରେ ସାରା ବିଶ୍ୱ ସ୍ତମ୍ଭିଭୂତ ହେବା ସହିତ ଭାରତ ମାତା ତା'ର ଏକ ସୁଯୋଗ୍ୟ ସନ୍ତାନକୁ ହରାଇଲା। ଛୋଟଠାରୁ ଆରମ୍ଭ କରି ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଜଣାଇଥିଲେ ବିଦାୟର ଅଶ୍ରୁ। ଏହିପରି ମହାମାନବଙ୍କର ଶରୀର ଚାଲିଯାଇଛି ମାତ୍ର ତାଙ୍କର କର୍ମ, ଆଦର୍ଶବ୍ୟକ୍ତିତ୍ୱ, ଆଜିବି ଜନମାନସରେ ରହିଛି ଓ ରହିଥିବ, ଯେତେ ଦିନ ପର୍ଯ୍ୟନ୍ତ ଭାରତ ବର୍ଷ ରହିଥିବ। ତାଙ୍କର ବିୟୋଗରେ ବହୁ ରାଜନେତାଙ୍କଠାରୁ ଆରମ୍ଭ କରି ପଡ଼ୋଶୀ ରାଷ୍ଟ୍ରର ପ୍ରମୁଖ ବ୍ୟକ୍ତିତ୍ୱ, ସାଧାରଣ ଜନତା, ଆନ୍ତର୍ଜାତୀୟ ସ୍ତରର ମୁଖ୍ୟ ସମସ୍ତେ ମର୍ମାହତ ହୋଇପଡ଼ିଛନ୍ତି। ରାଷ୍ଟ୍ରୀୟ ସଂପୂର୍ଣ୍ଣ ମର୍ଯ୍ୟାଦା ସହ ତାଙ୍କର ମର ଶରୀରକୁ ସ୍ମୃତିସ୍ଥଳଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ତାଙ୍କ ଶେଷକୃତ୍ୟରେ ଜନସମୁଦ୍ର ଦେଖିବାକୁ ମିଳିଥିଲା। ଯାହାକି ବହୁତ କମ ବ୍ୟକ୍ତିଙ୍କ ଜୀବନରେ ଆସେ।

ଭୂମିଷ୍ଠ -

୧୯୨୪ ମସିହା ଡିସେମ୍ବର ୨୫ ତାରିଖରେ ମଧ୍ୟପ୍ରଦେଶର ଗୋଆଲିଅରଠାରେ ପିତା କୃଷ୍ଣ ବିହାରୀ ବାଜପେୟୀ ଓ ମାତା କୃଷ୍ଣାବିହାରୀଙ୍କ ଔରସରୁ ଅଟଳ ଭୂମିଷ୍ଠ ହୁଅନ୍ତି। ପିତା ଅଧ୍ୟାପନା କରିବା ସହିତ କାବ୍ୟ ରଚନାରେ ରତ ରହୁଥିଲେ। ମାତା ସୁଗୃହିଣୀ ହେବା ସହିତ କାବ୍ୟ କବିତାରେ ଗଭୀର ରୁଚି ରଖୁଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ଅଟଳ ବିହାରିଙ୍କ ସୁଗୁଣ ସବୁ ପିଲାଟି ଦିନରୁ ଜଣାପଡିଥିଲା। ପ୍ରାଥମିକ ଶିକ୍ଷା ଲାଭ କଲାପରେ ଅଟଳ ଗୋୟାଲିୟରର ଭିକ୍ଟୋରିଆ କଲିଜିଏଟ୍ ସ୍କୁଲରେ ନାମ ଲେଖାଇଥିଲେ। ଏହା ପରେ ଭିକ୍ଟୋରିଆ ସ୍କୁଲରେ ପାଠ ପଢିଲେ। ପାଠ ପଢା ସହିତ କବିତା ଲେଖିବା, ଦେଶ ସେବା, ଲୋକମାନଙ୍କର ସୁବିଧା ଅସୁବିଧା ସମୟରେ ଠିଆ ହେବା ଇତ୍ୟାଦିକୁ ସେ ଭଲ ପାଉଥିଲେ।

ମହାବିଦ୍ୟାଳୟ ଶିକ୍ଷା-

ବି.ଏ. ପାଶ୍ କଲା ପରେ ଅଟଳ ରାଜନୀତି ବିଜ୍ଞାନରେ ମାଷ୍ଟର ଡିଗ୍ରୀ କରିବା ପାଇଁ କାନପୁର ଗଲେ। ସେଠାରେ ଡି.ଏ.ଭି. କଲେଜରେ ଏମ୍.ଏ.ରେ ନାମ ଲେଖାଇଲେ। ମାଷ୍ଟର ଡିଗ୍ରୀ ହାସଲ କଲାପରେ ଜଣେ ଅଧ୍ୟାପକ ହିସାବରେ ରହିବାକୁ ତାଙ୍କର ପ୍ରବଳ ଇଚ୍ଛା ହେଉଥିଲା। ମାତ୍ର ବିଧିର ବିଧାନ ଥିଲା ଅନ୍ୟ ପ୍ରକାରର। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନରେ ଯୋଗଦାନ କରି ଦେଶ ମାତୃକାର ସେବା କରିବା ପାଇଁ ମନ ବଳାଇଲେ। ଏହି ସଂଗଠନରେ ସେ ସକ୍ରିୟ ହେବା ସହିତ ଧୀରେ ଧୀରେ ନିଜର ବୁଦ୍ଧି, ଜ୍ଞାନ ବଳରେ ମୁଖ୍ୟ ପଦରେ ରହିଲେ। ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ୨୪ ଦିନ ଜେଲ ଦଣ୍ଡ ଭୋଗ କରିଥିଲେ। ଜେଲରୁ ଫେରି ସଂଘର ପ୍ରଚାରକ ଭାବରେ କାର୍ଯ୍ୟକଲେ।

ଖବରକାଗଜରେ ସାମିଲ-

ଲକ୍ଷ୍ନୌରୁ ପ୍ରକାଶ ପାଉଥିବା ରାଷ୍ଟ୍ର ଧର୍ମ ପତ୍ରିକାର ପ୍ରଥମ ସଂପାଦକ ଭାବରେ ନିଯୁକ୍ତି ପାଇ ନିଜର ଅନ୍ତର୍ନିହିତ ଗୁଣ ବଳରେ ଏହାକୁ ବିକଶିତ କରାଇଥିଲେ। ସେଠାରୁ କାଶୀ ଯାଇ ସେ 'ଚେତନା' ନାମକ ଆଉ ଏକ ସାପ୍ତାହିକୀ ପତ୍ରିକାର ସଂପାଦକ ଦାୟିତ୍ୱ ଗ୍ରହଣ କଲେ। 'ପଞ୍ଚଜନ୍ୟ' ପତ୍ରିକାର ମଧ ଉଲ୍ଲେଖନୀୟ ଦାୟିତ୍ୱ ତୁଲାଇଥିଲେ। ବୀର ଅର୍ଜ୍ଜୁନ ନାମକ ପତ୍ରିକାର ସଂପାଦନା ମଧ କରିଥିଲେ।

ଭାରତ ରତ୍ନ ଉପାଧି-

ତା୨୭.୦୩.୨୦୧୫ ରିଖ ମସିହାରେ ଭାରତର ମହାମହିମ ତତ୍‌କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ସମସ୍ତ ପ୍ରୋଟୋକଲ ଭାଙ୍ଗି ଅଟଳ ବିହାରୀଙ୍କ ବାସଭବନକୁ ଯାଇ ତାଙ୍କୁ ଭାରତରତ୍ନ ଉପାଧିରେ ସମ୍ମାନୀତ କରିଥିଲେ। ତାଙ୍କ ସହିତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ଶରଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଅଟଳ ବିହାରୀ ବାଜପେୟୀ ଏପରି ଜଣେ ବ୍ୟକ୍ତି ଥିଲେ, ସମସ୍ତ ରାଜନୈତିକ ଦଳ, ବ୍ୟକ୍ତିବିଶେଷ, ଦେଶ ଓ ଦେଶବାହାରେ ମଧ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନର ଜନସାଧାରଣ ଗ୍ରହଣ କରିଆସିଛନ୍ତି।

ରାଜନୀତିକ ଘଟଣା-

ଅଟଳ ବିହାରୀ ବାଜପେୟୀ ଜନସଂଘରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ଏଥିରେ ବହୁ ସଭ୍ୟ ସାମିଲ ହୋଇଥିଲେ। ୧୯୫୫ ମସିହାରେ ପ୍ରଥମ କରି ନିର୍ବାଚନରେ ବିଜୟଲକ୍ଷ୍ମୀ ପଣ୍ଡିତଙ୍କ ସହିତ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିଲେ ମଧ୍ୟ ୧୯୫୭ ମସିହାରେ ପ୍ରଥମ କରି ବଳରାମପୁର ଲୋକସଭା ଆସନରୁ ବିଜୟୀ ହୋଇଥିଲେ। ବାଜପେୟୀ ଭାରତୀୟ ଜନସଂଘର ସ୍ଥାପନ କରିଥିଲେ। ୧୯୬୨ ମସିହାରେ ରାଜ୍ୟ ସଭାର ସଦସ୍ୟ ଭାବରେ ମନୋନୀତ ହେଲେ। ୧୯୬୭ ମସିହାରେ ପୁଣିଥରେ ଲୋକସଭାକୁ ନିର୍ବାଚିତ ହୋଇଆସିଲେ। ୧୯୬୮ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ଭାରତୀୟ ଜନସଂଘର ଅଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ। ୧୯୭୭ ମସିହାରେ ମୋରାରଜୀ ଦେଶାଇଙ୍କ ମନ୍ତ୍ରୀମଣ୍ଡଳରେ ବୈଦେଶିକ ମନ୍ତ୍ରୀ ଭାବରେ ସାମିଲ ହୋଇଥିଲେ। ସେହିବର୍ଷ ଜାତିସଂଘରେ ହିନ୍ଦୀରେ ଭାଷଣ ଦେଇ ଭାରତର ପକ୍ଷ ଦୃଢ ଭାବରେ ରଖିବା ସହିତ ସମସ୍ତ ଦେଶବାସୀଙ୍କୁ ଚକିତ କରିଦେଇଥିଲେ। ସେହି ବର୍ଷ ୧୯୭୭ ମସିହାରେ ଜାତୀୟ ଜରୁରୀ ପରିସ୍ଥିତି ସମୟରେ ବିନା କାରଣରେ ୧୯ ମାସ କାଳ ଜେଲ ଦଣ୍ଡାଦେଶ କାଟିଥିଲେ। ୧୯୮୦ ମସିହାରେ ଲାଲକୃଷ୍ଣ ଆଡଭାନୀଙ୍କ ସହିତ ମିଶି ଭାରତୀୟ ଜନତା ପାର୍ଟି ନାମକ ନୂଆ ଦଳ ଗଠନ କଲେ। ବିରୋଧୀ ଦଳ ଭାବରେ ସେ ସରକାରଙ୍କୁ ବହୁ ଗଠନ ମୂଳକ ପରାମର୍ଶ ଦେଇ ସାହାଯ୍ୟ କରିବା ସହିତ ଦେଶର ସେବା କରିଥିଲେ। ଭାରତ ପ୍ରତି ଅଟଳ ବିହାରୀଙ୍କ ନିଃସ୍ୱାର୍ଥପର ସେବା ପାଇଁ ୧୯୯୨ ମସିହାରେ ପଦ୍ମ ବିଭୂଷଣ ଉପାଧିରେ ଭାରତ ସରକାର ଭୂଷିତ କରିଥିଲେ। ଉତ୍ତର ପ୍ରଦେଶର 'ହିନ୍ଦୀ ସଂସ୍ଥାନ' ପକ୍ଷରୁ ହିନ୍ଦୀ ଗୌରବ ସମ୍ମାନରେ ସମ୍ମାନୀତ ହୋଇଥିଲେ। ୧୯୯୫ ମସିହାରେ ସର୍ବଶ୍ରେଷ୍ଠ ସାଂସଦ ଭାବରେ ଅଟଳ ବିହାରୀ ବାଜପେୟୀ ସମ୍ମାନୀତ ହେଲେ। ସେ ପାଇଥିବା ବହୁ ସମ୍ମାନ ମଧ୍ୟରେ କେତୋଟି ପ୍ରମୁଖ ସମ୍ମାନ ହେଲା ପଦ୍ମବିଭୂଷଣ, କାନପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍, ଲୋକମାନ୍ୟ ତିଳକ ଆୱାର୍ଡ ଇତ୍ୟାଦି। ଉପସାଗରୀୟ ମୁସଲମାନ ଦେଶଗୁଡିକ ତାଙ୍କୁ ମହାନ ଜନନାୟକ ଭାବରେ ସମ୍ବର୍ଦ୍ଧନା ଦେଇଥିଲେ। ୧୯୯୬ ମସିହାରେ ପ୍ରଥମ ଥର କରି ସେ ସରକାର ଗଢିଲେ। ଏହା ମାତ୍ର ୧୩ ଦିନ ପାଇଁ ହୋଇପାରିଥିଲା। ତା ପରେ ୧୩ଟି ଦଳକୁ ମିଶାଇ ୧୩ ମାସ ସରକାର ଗଠନ କରିଥିଲେ। ମାତ୍ର ସରକାରରୁ ଡି.ଏମ୍.କେ ସମର୍ଥନ ପ୍ରତ୍ୟାହାର କରିବାରୁ ଅଟଳ ବିହାରୀଙ୍କ ସରକାର ଭାଙ୍ଗିଯାଇଥିଲା। ପରିଶେଷରେ ୧୯୯୯ ମସିହାରେ ତ୍ରୟୋଦଶ ଲୋକସଭା ଗଠନ କରି ତୃତୀୟ ଥର ପାଇଁ ଅଟଳ ବିହାରୀ ଭାଜପେୟୀ ଭାରତର ପ୍ରଧାନମନ୍ତ୍ରୀ ହେଲେ। ଜଣେ ସୁବକ୍ତା, ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଓ ଜନନାୟକ ଭାବରେ ଭାରତୀୟ ଜନସାଧାରଣଙ୍କ ମନରେ ଏକ ବିରଳ ପରିଚୟ ସୃଷ୍ଟି କରିପାରିଛନ୍ତି। ୯ଥର ଲୋକସଭାର ସାଂସଦ ତଥା ଦୁଇଥର ରାଜ୍ୟସଭାର ସଦସ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି। କବି ଭାବରେ ତାଙ୍କର ସୁଖ୍ୟାତି ରହିଛି। ତାଙ୍କ ରଚିତ ୫୧ଟି କବିତାର ଅନେକ କଥା କବିତା ଆକାରରେ ପ୍ରକାଶ ପାଇଥିଲା। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଚବିଶଟି ଆଞ୍ଚଳିକ ଦଳକୁ ନେଇ ମିଳିତ ସରକାର ବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଗଠନ କରାଗଲା। ଏହାକୁ ମିଶାଇ ନେହେରୁଙ୍କ ପରେ ସର୍ବାଧିକ ତିନିଥର ପ୍ରଧାନମନ୍ତ୍ରୀ ହେବାରେ ରେକର୍ଡ ପ୍ରତିଷ୍ଠା କଲେ। ଜୟ ଜବାନ, ଜୟ କିଶାନ ପରେ ଜୟ ବିଜ୍ଞାନକୁ ସେ ଯୋଡିଥିଲେ। କୃଷି, ବିଜ୍ଞାନ, ସଡକ, ଯୋଗାଯୋଗ ଇତ୍ୟାଦିରେ ଉଲ୍ଲେଖ୍ୟନୀୟ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ। ପୋଖରାନ ପରୀକ୍ଷଣର ସଫଳତା, ଲାହୋର ଚୁକ୍ତି, ଭାରତ ପାକିସ୍ଥାନ ସଂପର୍କର ଉନ୍ନତି, ଜାତୀୟ ରାଜପଥର ଉନ୍ନତି କରଣ, ଯୋଗାଯୋଗ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଇତ୍ୟାଦି ତାଙ୍କ କାର୍ଯ୍ୟକାଳ ଭିତରେ ସର୍ବଶ୍ରେଷ୍ଠ କାର୍ଯ୍ୟ। ୧୯୯୮ ମସିହାରେ ୟୁ.ଏନ୍ ମିଲେନିୟମ ସମିତିରେ ଉଦ୍‌ବୋଧନ ଦେଇ ଭାରତ ଓ ଆମେରିକାକୁ ମିଶାଇବାର ବାର୍ତ୍ତା ଦେଇଥିଲେ। ୧୯୯୯ମସିହା ପୋଖରାନ୍‌ଠାରେ ପରମାଣୁ ବୋମା ପରୀକ୍ଷା କରି ସମଗ୍ର ବିଶ୍ୱକୁ ଚମକାଇଦେଇଥିଲେ। ଭାରତର ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ଜରୁରୀ ଥିଲା। ଲାହୋର ବସ୍ ସେବା, ପଡୋଶୀ ତଥା ଅନ୍ତରାଷ୍ଟ୍ରୀୟ ଦେଶମାନଙ୍କ ସହିତ ମିଶି କାର୍ଯ୍ୟ କରିବା ବାଣିଜ୍ୟ ବେପାର ଇତ୍ୟାଦି ମହତ କାମ ସେ କରିଥିଲେ। ଗୁଜୁରାଟର ଗୋଧ୍ରାଠାରେ ଦଙ୍ଗା ହୋଇଥିବା ଘଟଣାରେ ଅଟଳଜୀ ସମସ୍ତ ରାଜନୀତିର ଉର୍ଦ୍ଧ୍ୱକୁ ଯାଇ ସେତେବେଳର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜଧର୍ମ ପାଳନ କରିବା ପାଇଁ କହିଥିଲେ। ଏହା ଜଣେ ଉତ୍ତମ ଶାସକର ପରିଚୟ ଦେବା ସହିତ ସମସ୍ତ ବିରୋଧୀ ଦଳ ଆଚମ୍ବିତ ହୋଇଯାଇଥିଲେ

ସେ ପାଇଥିବା ବହୁ ସମ୍ମାନରୁ କିଛି-

ପଦ୍ମବିଭୂଷଣ - ୧୯୯୨
କାନପୁର ବିଶ୍ୱବିଦ୍ୟାଳୟରୁ
ଡିଲିଟ୍- ୧୯୯୩
ଲୋକମାନ୍ୟ ତିଲକ
ଆୱାର୍ଡ - ୧୯୯୪
ଶ୍ରେଷ୍ଠ ସାଂସଦ
ସମ୍ମାନ- ୧୯୯୪
ଗୋବିନ୍ଦ ବଲ୍ଲବ
ସମ୍ମାନ- ୧୯୯୪
ଦେଶର
ସର୍ବୋଚ୍ଚ ବେସାମରିକ ସମ୍ମାନ
ଭାରତ ରତ୍ନ- ୨୦୧୫
ବାଂଲାଦେଶ
ମୁକ୍ତିଯୋଦ୍ଧା ସମ୍ମାନ- ୨୦୧୫

ଏହିପରି ଅନେକ ପୁରସ୍କାର ଓ ସମ୍ମାନ ସେ ପାଇଛନ୍ତି। ଜଣେ ସରଳ, ନିରାଡ଼ମ୍ବର ବ୍ୟକ୍ତିତ୍ୱ ଭାବେ ସାରା ପୃଥିବୀରେ ଅଦ୍ୱିତୀୟ ଭାବେ ସୁନାମ ଅର୍ଜନ କରିଛନ୍ତି।

ତାଙ୍କ ବିଷୟରେ କିଛି ଅଜଣା କଥା-

♦ ସେ ଏକମାତ୍ର ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟକାଳ ସଂପୂର୍ଣ୍ଣ କରିଛନ୍ତି।

♦ ତିନିଥର ପ୍ରଧାନମନ୍ତ୍ରୀ ହେବାର ରେକର୍ଡ ତାଙ୍କ ନାମରେ ଅଛି।

♦ ଜାତିସଂଘରେ ହିନ୍ଦୀ ଭାଷାରେ ବକ୍ତୃତା ଦେବାରେ ବାଜପେୟୀ ହେଉଛନ୍ତି ପ୍ରଥମ ତଥା ଏକମାତ୍ର ପ୍ରଧାନମନ୍ତ୍ରୀ।

♦ ବାଜପେୟୀଙ୍କ ପାଣ୍ଡିତ୍ୟରେ ପଣ୍ଡିତ ନେହେରୁ ଘୋଷଣା କରିଥିଲେ ଯେ ସେ ଦେଶର ନିଶ୍ଚୟ ପ୍ରଧାନମନ୍ତ୍ରୀ ହେବେ। ତାଙ୍କ ଭବିଷ୍ୟତ ବାଣୀ ସତ୍ୟ ହେଲା।

♦ ଜୀବନକାଳ ମଧ୍ୟରେ ତାଙ୍କ ଶରୀରରେ ୧୦ଥର ଅସ୍ତ୍ରୋପଚାର ହୋଇଛି।

♦ ବାଜପେୟୀଙ୍କ ପ୍ରିୟ ସ୍ଥାନ ହେଉଛି ହିମାଚଳ ପ୍ରଦେଶର ମନାଲି।

♦ ଡଃ ମନମୋହନ ସିଂ ଅଟଳ ବିହାରୀ ବାଜପେୟୀଙ୍କୁ ଭାରତୀୟ ରାଜନୀତିର ଭୀଷ୍ମ ପିତାମହ ବୋଲି ସମ୍ବୋଧନ କରିଥିଲେ।

♦ ଡିସେମ୍ବର ୨୦୦୫ରେ ବାଜପେୟୀ ରାଜନୀତିରୁ ସନ୍ୟାସ ନେଇଥିଲେ।

♦ ଅବିବାହିତ ଥିବା ବାଜପେୟିଙ୍କ ପାଳିତ କନ୍ୟା ହେଲେ ନମିତା ଭଟ୍ଟାଚାର୍ଯ୍ୟ।

ଏହି ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ଭାରତ ତଥା ବିଶ୍ୱରେ ବିରଳ। ସଦା ଅଟଳ, ଅବିଚଳିତ, ଅବିନାଶୀ ମହାମାନବଙ୍କୁ ୯୭ତମ ଜୟନ୍ତୀ ଅବସରରେ ଶତ ଶତ ପ୍ରଣାମ।


+ମୁଖପାତ୍ର
ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ
ମୋ-୯୯୩୭୬୮୯୬୮୩


# ଅନନ୍ୟ ପ୍ରତିଭାର ଅଧିକାରୀ ଅଟଳ ବିହାରୀ ବାଜପେୟୀ


**ବିଶ୍ୱବିଜୟୀ ଦାଶ**




ଭାରତବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ, ଲବ୍ଧ ପ୍ରତିଷ୍ଠିତ ଲେଖକ, ପ୍ରଖର ବକ୍ତା, ରାଜନୀତି ରେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ଅନନ୍ୟ ଚ଼ିନ୍ତାନାୟକ ତଥା ସର୍ବୋପରି ମଣିଷ ପରି ମଣିଷ ଟିଏ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ। ଅଟଳ ବିହାରୀ ବାଜପେୟୀ ୧୯୨୪ ମସିହା ଡ଼ିସେମ୍ବର ୨୫ ତାରିଖରେ ଗ୍ୱାଲିୟରର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ।

ତାଙ୍କ ପିତାଙ୍କ ନାମ କୃଷ୍ଣ ବିହାରୀ ବାଜପେୟୀ ଓ ମାତା ଙ୍କ ନାମ କୃଷ୍ଣା ଦେବୀ। ତାଙ୍କ ପିତା ଜଣେ କବି ଏବଂ ଶିକ୍ଷକତା କରୁଥିଲେ।

ଛାତ୍ର ଜୀବନରୁ ଅଟଳ ବିହାରୀ ବାଜପେୟୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ଜଡ଼ିତ ଥିଲେ। ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ବାଜପେୟୀ ଜୀ ସ୍ନାତକ ଡ଼ିଗ୍ରୀ ହାସଲ କରିଥିଲେ।ଏହାପରେ କାନପୁର ଡ଼ିଏଭି କଲେଜରୁ ରାଜନୀତି ବିଜ୍ଞାନରେ ଏମ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ।ପରବର୍ତ୍ତୀ ସମୟରେ ବାଜପେୟୀ ଜୀ ପୂର୍ଣ୍ଣ କାଳୀନ ପ୍ରଚ଼ାରକ ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟରେ ନିଷ୍ଠାର ସହ ଲାଗିଯାଇଥିଲେ।

ବାଜପେୟୀ ଜୀ ଦୀର୍ଘ ବର୍ଷ ଧରି ରାଷ୍ଟ୍ରଧର୍ମ, ପଞ୍ଚ ଜନ୍ୟ, ବୀର ଅର୍ଜୁନ ଆଦି ରାଷ୍ଟ୍ରବାଦୀ ପତ୍ରପତ୍ରିକାର ସଂପାଦନା କରିଥିଲେ। ସଂଘର୍ଷମୟ ଜୀବନ, ପରିବର୍ତ୍ତନଶୀଳ ପରିସ୍ଥିତି, ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ, ଜେଲ ଜୀବନ ଆଦି ବିଷୟ ତାଙ୍କ କାବ୍ୟ



କବିତାରେ ପ୍ରକାଶ ପାଇଛି।ତାଙ୍କର କବିତା ସଂକଳନ 'ମେରି ଇକ୍ୟାବନ କବିତାୟେଁ' (ମୋର ୫୧ ଟି କବିତା) ବେଶ୍ ଲୋକପ୍ରିୟ।

ଅଟଳ ବିହାରୀ ବାଜପେୟୀ ଜୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ୧୯୪୨ ମସିହାରେ ଜେଲ ଯାଇଥିଲେ।୧୯୭୫ ରେ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚ଼ନକୁ ଆହ୍ଲାବାଦ୍ ହାଇକୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ସେ ଜରୁରୀକାଳୀନ ପରିସ୍ଥିତି ଜାରି କଲେ ଏବଂ ଦେଶର ସବୁ ତୁଙ୍ଗ ବିରୋଧୀ ନେତାଙ୍କୁ ଗିରଫ କରାଗଲା।ବାଜପେୟୀ ଙ୍କୁ ମଧ ୨୨ ମାସ କାଳ କାରାବରଣ କରିବାକୁ ପଡ଼ିଥିଲା।

ଭାରତୀୟ ଜନସଂଘ ର ପ୍ରତିଷ୍ଠାତା ମଧରେ ବାଜପେୟୀ ଜୀ ଅନ୍ୟତମ। ବାଜପେୟୀ ଜୀ ୧୯୬୮ ରୁ ୧୯୭୩ ପର୍ଯ୍ୟନ୍ତ ଜନସଂଘ ର ଅଧକ୍ଷ ଥିଲେ।

ବାଜପେୟୀ ଜୀ ୧୯୫୫ ମସିହାରେ ପ୍ରଥମ କରି ଲୋକସଭା ନିର୍ବାଚ଼ନ ଲଢ଼ି ପରାସ୍ତ ହୋଇଥିଲେ। ୧୯୫୭ ମସିହା ରେ ଅନୁଷ୍ଠିତ ଦ୍ୱିତୀୟ ସାଧାରଣ ନିର୍ବାଚ଼ନରେ ବାଜପେୟୀ ଜୀ ମାତ୍ର ୩୩ ବର୍ଷ ବୟସରେ ଉତ୍ତରପ୍ରଦେଶର ବଳରାମପୁର ଲୋକସଭା ଆସନରୁ ଜନସଂଘ ର ପ୍ରାର୍ଥୀ ଭାବେ ଜିତି ଲୋକସଭାକୁ ପ୍ରଥମ କରି ଯାଇଥିଲେ। ସେତେବେଳେ ବାଜପେୟୀ ଜୀ ଯେଉଁ ଭାଷଣ ଦେଇଥିଲେ ତାହା ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ନେହେରୁ କହିଥିଲେ ଯେ, ବାଜପେୟୀ ଦିନେ ଭାରତର ପ୍ରଧାନମନ୍ତ୍ରୀ ହେବେ।ମୋରାରଜୀ ଦେଶାଇ ସରକାରରେ ବାଜପେୟୀ ୧୯୭୭ରୁ ୧୯୭୯ ଯାଏଁ ବୈଦେଶିକ ମନ୍ତ୍ରୀ ହୋଇଥିଲେ।ତାଙ୍କ ବିବୃତି, 'ଆପଣ ବନ୍ଧୁମାନଙ୍କୁ ପରିବର୍ତ୍ତନ କରିପାରିବେ,ମାତ୍ର ପଡ଼ୋଶୀ ମାନଙ୍କୁ ପରିବର୍ତ୍ତନ କରିପାରିବେ ନାହିଁ 'ଆଜି ବୈଦେଶିକ ନୀତି ରେ ଏକ ଜନପ୍ରିୟ ବିବୃତି ଭାବେ ଖ୍ୟାତ ହୋଇଛି। ବାଜପେୟୀ ପ୍ରଥମ ବୈଦେଶିକ ମନ୍ତ୍ରୀ ଥିଲେ,ଯିଏକି ଜାତିସଂଘରେ ହିନ୍ଦୀରେ ଭାଷଣ ଦେଇ ଭାରତକୁ ଗୌରବାନ୍ୱିତ କରିଥିଲେ। ୧୯୮୦ ମସିହା ଏପ୍ରେଲ ୬ ତାରିଖରେ ପ୍ରତିଷ୍ଠା ହୋଇଥିଲା ଭାରତୀୟ ଜନତା ପାର୍ଟି ଏବଂ ଭାରତୀୟ ଜନତା ପାର୍ଟିର ଅଧକ୍ଷ ପଦ ଅଟଳ ବିହାରୀ ବାଜପେୟୀଙ୍କୁ ଅର୍ପଣ କରିଦିଆଗଲା। ୧୯୯୬ ମସିହା ରେ ଅଟଳ ବିହାରୀ ବାଜପେୟୀ ପ୍ରଥମ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ, ମାତ୍ର ୧୩ ଦିନ ସେ ପ୍ରଧାନମନ୍ତ୍ରୀ ପଦରେ ରହିପାରିଥିଲେ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆବର୍ଷରେ ନୂଆ ରୂପରେ...

ନୂଆବର୍ଷ ଆସିବାକୁ ଆଉ ମାତ୍ର କେଇଟା ଦିନ ବାକି । କିନ୍ତୁ ଏହାକୁ ମନାଇବା ସକାଶେ କାହାରି ମନରେ ସରାଗ ନାହିଁ । ବରଂ ସମଗ୍ର ବିଶ୍ୱ କରୋନା ଭୂତାଣୁର ନୂଆ ଭେରିଆଣ୍ଟ୍ ଓମାଇକ୍ରନ୍‌ର ସଂକ୍ରମଣକୁ ମୁକାବିଲା କରିବା ସକାଶେ ସବୁ ସାଧନ ଏକାକାର କରିଦେଇଛି । ବ୍ରିଟେନ୍ ଠାରୁ ଆମେରିକା ପର୍ଯ୍ୟନ୍ତ, ଅଷ୍ଟ୍ରେଲିଆ ଠାରୁ ଚୀନ୍ ଯାଏ, ଇସ୍ରାଏଲ ଠାରୁ ନେଇ ଭାରତ ପର୍ଯ୍ୟନ୍ତ ସଭିଙ୍କ ମନରେ ଗୋଟିଏ ଚିନ୍ତା । ଓମାଇକ୍ରନର ପ୍ରଭାବ କେତେ ବ୍ୟାପକ ଓ ସାଂଘାତିକ ହେବ । ଦକ୍ଷିଣ ଆଫ୍ରିକାରୁ ମାତ୍ର କେଇ ମାସ ପୂର୍ବେ ମୁଣ୍ଡ ଟେକିଥିବା କରୋନାର ଏହି ନୂଆ ଭେରିଆଣ୍ଟ୍ ଯେତିକି ଦ୍ରୁତ ବେଗରେ ମାଡ଼ିଚାଲିଛି ସେଥିରେ ବିଶ୍ୱର ଶତାଧିକ ରାଷ୍ଟ୍ର ଆକ୍ରାନ୍ତ ହୋଇସାରିଲେଣି । ବ୍ରିଟେନ୍‌ରେ ଏହା ଏତେ ସଙ୍ଗୀନ ଆକାର ଧାରଣ କରିଛି ଯେ, ତାହା ଡେଲଟା ଭେରିଆଣ୍ଟ ଠାରୁ ଅଧିକ ବିପଦ ସୃଷ୍ଟି କରିଛି । ଦିନକୁ ଏବେ ସେ ଦେଶରେ ଏକ ଲକ୍ଷରୁ ଅଧିକ ନୂଆ ସଂକ୍ରମିତ ଚିହ୍ନଟ ହେବା ପରିସ୍ଥିତିର ଗମ୍ଭୀରତାକୁ ସୂଚୀତ କରେ । ଆମେରିକା, ଜର୍ମାନୀ, ଅଷ୍ଟ୍ରେଲିଆ ଓ ଚୀନ୍ ଆଦି ରାଷ୍ଟ୍ରରେ ମଧ ଅନୁରୂପ ସ୍ଥିତି । ଆମେରିକାରେ ଏହା ୫୦ରୁ ଅଧିକ ରାଜ୍ୟକୁ ବ୍ୟାପିବା ପରେ ରାଷ୍ଟ୍ରପତି ଜୋ ବାଇଡେନ୍ ଏବେ ସେ ଦେଶର ନାଗରିକମାନଙ୍କୁ ଟିକାକରଣ କରିବା ନିମନ୍ତେ ସେନାବାହିନୀକୁ ନିୟୋଜିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଆଷ୍ଟ୍ରେଲିଆରେ ଯୁଦ୍ଧକାଳୀନ ଭିତ୍ତିରେ ଟିକାକରଣ ଓ ମେଡିକାଲ ସେବାକୁ ପ୍ରସ୍ତୁତ କରାଯାଉଛି । ଚୀନ୍ ଏ ଦିଗରେ ଆଉ ପାଦେ ଆଗେଇ ନିଜର ପ୍ରାୟ ଦେଢ଼ କୋଟି ଲୋକଙ୍କୁ ଆବଦ୍ଧ କରି ସଂକ୍ରମଣକୁ ରୋକିବା ସକାଶେ ପଦକ୍ଷେପ ଗ୍ରହଣ କରିସାରିଛି । ଇସ୍ରାଏଲରେ ଏବେ ଦ୍ୱିତୀୟ ବୁଷ୍ଟର ଡୋଜ୍ (ଅର୍ଥାତ୍ ଚତୁର୍ଥ ଡୋଜ୍) ଟିକାଦିଆ ଆରମ୍ଭ ହୋଇଛି । ଏହା କେବଳ ଭାତହାଣ୍ଡିରୁ ଗୋଟିଏ ଚିପି ଅବସ୍ଥାକୁ ଅନୁମାନ କରିବା ଭଳି । ଆଫ୍ରିକା, ଏସିଆ, ଲାଟିନ୍ ଆମେରିକୀୟ ବିକାଶଶୀଳ ରାଷ୍ଟ୍ରଙ୍କ ଅବସ୍ଥା ଯେ ଆହୁରି ସାଂଘାତିକ ହେବାକୁ ଯାଉଛି ତାହାର ସଂକେତ ଏବେଠାରୁ ମିଳିସାରିଲାଣି । ଭାରତର ସ୍ଥିତି ମଧ କୌଣସି ଗୁଣେ ଊଣା ନୁହେଁ । ଗୁରୁବାର ସୁଦ୍ଧା ଦେଶରେ ଓମାଇକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୧୭୧ ଛୁଇଁଛି । ତାହା କେବଳ ସଂଗୃହୀତ ଆକ୍ରାନ୍ତଙ୍କ ନମୁନା ପରୀକ୍ଷାରୁ ଜଣାପଡ଼ିଛି । କିନ୍ତୁ ଏହି ସଂକ୍ରମିତ ଯେ କେତେ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି ଏବଂ ଏବେସୁଦ୍ଧା ଆଉ କେତେ ଲୋକଙ୍କ ନମୁନା ପରୀକ୍ଷା ହୋଇନାହିଁ ତାହା ଜଣାପଡ଼ିନାହିଁ । ପ୍ରତିଦିନ ଯେଉଁ ମାତ୍ରାରେ ଏହି ସଂଖ୍ୟା ବୃଦ୍ଧି ପାଉଛି ତାହା ଭବିଷ୍ୟତରେ ଦ୍ୱିତୀୟ ଲହର ଅବସ୍ଥା ଯେ ସୃଷ୍ଟି ନକରିବ ସେକଥା କିଏ କହିବ ? ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବେଠାରୁ ଓମାଇକ୍ରନ୍ ସଂକ୍ରମଣ ପ୍ରସଙ୍ଗରେ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି । ଦୁଇବର୍ଷ ପୂର୍ବେ କରୋନା ମହାମାରୀ ଆରମ୍ଭ ହେବାବେଳେ ଡବ୍ଲୁଏଚଓ ବିଶ୍ୱକୁ ସତର୍କ କରିବାରେ ଯେଉଁ ଟାଳଟୁଳ ନୀତି ଅବଲମ୍ବନ କରିଥିଲା ଏବେ ସେତିକି ଆଗୁଆ ସତର୍କ ସୂଚନା ଦେଉଛି । ଓମାଇକ୍ରନର ସଂକ୍ରମଣ ମାତ୍ରା କରୋନାର ପୂର୍ବ ଲହର ଠାରୁ ପ୍ରାୟ ସାଢ଼େ ପାଞ୍ଚଗୁଣ ଅଧିକ ଏବଂ ଦୁଇ ଡୋଜ୍ ଟିକା ନେଇଥିବା ଲୋକ ମଧ ଏହାଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି ବୋଲି ଏହି ବୈଶ୍ୱିକ ସଂସ୍ଥା ଚେତାବନୀ ଶୁଣାଇଛି । ତେଣୁ କେବଳ ଉପଯୁକ୍ତ ସତର୍କତା ଅବଲମ୍ବନ ଏଥିରୁ ରକ୍ଷା ପାଇବାର ସବୁଠାରୁ ଉତ୍ତମ ଉପାୟ ବୋଲି ବୁଝାପଡୁଛି । ଭାରତରେ ଏପର୍ଯ୍ୟନ୍ତ ବୁଷ୍ଟର ଡୋଜ୍ ଟିକା ପ୍ରଦାନ ନେଇ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଗ୍ରହଣ କରାଯାଇନାହିଁ । ତେବେ ଅନେକ ଭୂତାଣୁ ବିଜ୍ଞାନୀ, ଚିକିତ୍ସକ ଓ ରାଜନେତା ବୁଷ୍ଟର ଡୋଜ୍ ପ୍ରଦାନ ସପକ୍ଷରେ ଯୁକ୍ତି ଦର୍ଶାନ୍ତି । ଅନ୍ୟାନ୍ୟ ରାଷ୍ଟ୍ରରେ ତାହା ଦିଆଗଲେ ଭାରତ ମଧ ପଛରେ ରହିବନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟକ୍ତିଗତ ଭାବେ କରୋନା ସଂକ୍ରମଣ ପରିଚାଳନା ଦିଗରେ ଯେଉଁ ଆଗ୍ରହ ପ୍ରଦର୍ଶନ କରିଆସୁଛନ୍ତି । ସେଥିରେ ଦେଶବାସୀଙ୍କ ସୁରକ୍ଷା ନିମନ୍ତେ ଯାହାକିଛି କରାଯିବା ଆବଶ୍ୟକ ତାହା ଅବଶ୍ୟ ଗ୍ରହଣ କରିବେ ବୋଲି ଆଶା କରାଯାଇପାରେ । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଓମାଇକ୍ରନ୍ ସଂକ୍ରମଣ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଏହାର ମୁକାବିଲା ସକାଶେ ସେ କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ସର୍ବତ୍ର ପ୍ରସ୍ତୁତି ଓ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାଯାଏ । ଭାରତ କରୋନାର ଦୁଇ ଦୁଇଟି ଲହରକୁ ସଫଳତାର ସହ ମୁକାବିଲା କରିସାରିଛି । ତେଣୁ ଓମାଇକ୍ରନ୍ ଲହରକୁ ମଧ ସେହି ନିଷ୍ଠା ଓ ଶୃଙ୍ଖଳାର ସହିତ ମୁକାବିଲା କରିବାକୁ ସକ୍ଷମ ହୋଇପାରିବ ବୋଲି ଭାବିବା ଅନୁଚିତ ହେବନାହିଁ । ଏଥିପାଇଁ ଦେଶବାସୀଙ୍କ ଠାରୁ ଯେଉଁ ସହଯୋଗର ଅପେକ୍ଷା ରଖାଯାଏ ତାହା ଯୋଗାଇବା ବର୍ତ୍ତମାନ ସମୟର ଆହ୍ୱାନ ।

## ବଡ଼ଦିନ


ଆଚାର୍ଯ୍ୟ ପ୍ରଦୀପ କୁମାର ଦାସ




ଆଜିର ଏଇ ସ୍ମରଣିୟ ଦିନରେ ନମସ୍କାର । ଆଜି ମହାପୁରୁଷ ଯୀଶୁଙ୍କର ଜନ୍ମ ଜୟନ୍ତୀ । ଏହାକୁ ଖ୍ରୀଷ୍ଟିୟାନମାନେ ପାଳନ କରୁ କରୁ ଆମ ଭାରତରେ ଅନ୍ୟ ଧର୍ମାବଲମ୍ବୀମାନେ ମଧ ପାଳନ କରିବାକୁ ଆରମ୍ଭ କରିବା ଏକ ମର୍ଯ୍ୟାଦାରେ ପରିଣତ ହେଲାଣି । ଏହା ସତ୍ୟ ଇତିହାସକୁ ଦୁଇଭାଗ କରି ଯୀଶୁଖ୍ରୀଷ୍ଟ ଧରାବତରଣ କରିଥିଲେ । ସେ ହିଁ କେବଳ ସମୟ ସ୍ରୋତକୁ ଉଜାଣି ବହାଇଲେ ଯେ ଖ୍ରୀଷ୍ଟପୂର୍ବ ୧ରୁ ୩ ପର୍ଯ୍ୟନ୍ତ ହଜିଗଲା ।

ଏବେ ଯେପରି ବଡ଼ଦିନ ପାଳନ ହେଉଛି ଖ୍ରୀଷ୍ଟଙ୍କର ଜନ୍ମର ୩୩୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କୌଣସି ପ୍ରକାର ବଡ଼ଦିନ ପାଳନ ହେବାର ପ୍ରମାଣ ନାହିଁ । ଖ୍ରୀଷ୍ଟାବ୍ଦ ୩୩୬ରେ ପ୍ରଥମ କରି ବଡ଼ଦିନ ପାଳନ ହେବାର ପ୍ରଥା ସୃଷ୍ଟି ହେଲା । ଏହି ବିଷୟରେ ଅନେକ ଲୋକକଥା, କାହାଣୀ ଏବଂ ଘଟଣା ଶୁଣିବାକୁ ମିଳେ । ସେ ମଧ୍ୟରେ ମୁଖ୍ୟ ଘଟଣା ଏହିପରି ତାହା ରୋମୀୟ ସମ୍ରାଟ କନଷ୍ଟାଣ୍ଟିନୋପଲଙ୍କର ସମୟ ଥିଲା । ସେ ତାଙ୍କର ସ୍ତ୍ରୀ ହେଲେନାଙ୍କ ଦ୍ୱାରା ପ୍ରଭାବିତ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ସେ ସମ୍ରାଟ ଥିବାରୁ ତାଙ୍କ ଦ୍ୱାରା ଖ୍ରୀଷ୍ଟଧର୍ମ ରୋମର ରାଷ୍ଟ୍ରଧର୍ମ ଭାବେ ଗୃହୀତ ହେଲା । ଅଗା, ବଗା, ଖଗା ସଭିଏଁ ଖ୍ରୀଷ୍ଟିୟାନ ହେଇଯିବା ପରେ ସେମାନଙ୍କର କୌଣସି ଏକ ପର୍ବ-ପର୍ବାଣିର ଆବଶ୍ୟକତାକୁ ଅନୁଭବ କରି ବଡ଼ଦିନ ଉତ୍ସବ (Christmass) ପାଳନ କରିବା ଆରମ୍ଭ କରାଗଲା । ଯୀଶୁଙ୍କ ଜନ୍ମର ସଠିକ୍ ଲଗ୍ନ ବାଇବେଲରେ ଲିପିବଦ୍ଧ ହୋଇନାହିଁ କିଅବା କେହି ଜାଣିନଥିଲେ ସୁଦ୍ଧା ଖ୍ରୀଷ୍ଟପୂର୍ବ ୪ରେ ଯୀଶୁଙ୍କର ଜନ୍ମ ହୋଇଛି ବୋଲି ଐତିହାସିକମାନେ ଏଥିରେ ଏକମତ ।

ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯୀଶୁ ଅମର ଈଶ୍ୱରଙ୍କର ସନ୍ତାନ । ସେ ମନୁଷ୍ୟ ଜାତିର ସକଳ ପାପ ନିମିତ୍ତ କ୍ରୁଶରେ ମରିଥିଲେ । ପୁନର୍ବାର ତୃତୀୟ ଦିବସର ସୂର୍ଯ୍ୟୋଦୟ ପୂର୍ବରୁ ପୁନର୍ଜୀବିତ ହୋଇ ଜୀବନ ଧାରଣ କରି ଉଠିଲେ । ସେଥି ନିମନ୍ତେ ଖ୍ରୀଷ୍ଟିୟାନମାନେ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ଏକତ୍ର ହୋଇ ସମୂହ ପ୍ରାର୍ଥନା କରୁଥିଲେ । ଏହି ସମସ୍ତ କାରଣରୁ ଜନ୍ମ ଜୟନ୍ତୀ ପାଳନ ମଧ୍ୟରାତ୍ରରେ କରାଯିବା ନିମିତ୍ତ ସ୍ଥିର କରାଯାଇଅଛି । ଏହି ଅବସରରେ ମଧ୍ୟରାତ୍ରରେ ସମୂହ ପ୍ରାର୍ଥନା କରାଯାଉଥିବା ଏହାର ନାମ କରଣ ଇଂରାଜୀରେ (Christmass) ଖ୍ରୀଷ୍ଟମାସ କରାଯାଇଅଛି, ଅର୍ଥାତ୍ (Mass on Christ's Day) ଭାରତରେ ଏହା ବଡ଼ ଦିନ ନାମରେ ପରିଚିତ ଅଟେ ।

ବର୍ଷକରେ ଥରେ ଗୋଟିଏ ଆନନ୍ଦ ଉତ୍ସବ ମୁଖରିତ ପର୍ବ ହୋଇଥିବାରୁ ଏଥିରେ ସାମର୍ଥ୍ୟ ଅନୁସାରେ ପ୍ରତ୍ୟେକ ନିଜନିଜର ଘର, ଅଗଣା, ଦାଣ୍ଡ ଓ ଗାଁ ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ ସହ ପ୍ରଚୁର ସାଜସଜ୍ଜା କରିଥାଆନ୍ତି । ପ୍ରାୟ ପ୍ରତ୍ୟେକଙ୍କର ଘରର ସମ୍ମୁଖରେ ଗୋଟିଏ ଗୋଟିଏ ତାରା ରଙ୍ଗୀନ ଆଲୋକରେ ସଜାଇଥାଆନ୍ତି । କାରଣ ଯୀଶୁଙ୍କର ଜନ୍ମ ସମୟରେ ଗୋଟିଏ ବଡ଼ ତାରା ପୂର୍ବଦେଶୀୟ (ଭାରତୀୟ) ପଣ୍ଡିତମାନଙ୍କୁ ପଥକଢାଇ ନେଇ ଯୀଶୁ ଜନ୍ମ ହୋଇଥିବା ଗୁହାଳଘର ଉପରେ ସ୍ଥଗିତ ହୋଇ ରହିଥିଲା । ଯଦ୍ୱାରା ପୂର୍ବଦେଶୀୟ ପଣ୍ଡିତମାନେ ନିଶ୍ଚିତ ହେଲେ ଯେ, ଜନ୍ମିତ- ରାଜା ଏହି ସ୍ଥାନରେ ଅଛନ୍ତି ।

ଚାଷୀଘରେ ବର୍ଷକର ଫସଲ ଅମଳ ହୋଇଥିବାରୁ ସେମାନେ ଆନନ୍ଦରେ ନୂଆ ଶସ୍ୟ ଅମଳ ସହ ହାତରେ ଦୁଇ ପଇସା ଥିବାରୁ ଲୁଗାପଟା, ପିଠାପଣା ଭୋଜିଭାତ ମହୋତ୍ସବ ଆନନ୍ଦରେ ମାତିଯାଆନ୍ତି ।

ପରିବାରର କେହି କର୍ମ ସଂସ୍ଥାନରେ ବାହାରେ ରହୁଥିଲେ ସେହି ସମୟରେ ସେମାନେ ମିଳନ ଓ ଆନନ୍ଦ ଉପଭୋଗ କରିବାକୁ ଘରକୁ ଆସିଥାଆନ୍ତି । ନିକଟରେ ଥିବା ବଂଧୁମାନଙ୍କୁ ନିମନ୍ତ୍ରଣ କରି, ପିଠାପଣା ଆଦାନ ପ୍ରଦାନ କରି ସମ୍ପର୍କକୁ ମଜଭୁତ କରନ୍ତି । ଅନ୍ୟ ଧର୍ମାବଲମ୍ବୀ ଅନ୍ୟ ଧର୍ମାବଲମ୍ବୀ ପଡ଼ୋଶୀମାନଙ୍କୁ ନିମନ୍ତ୍ରଣ କରି ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରାଯାଏ ।

ଏ ବିଶ୍ୱରେ ଯେତେ ପର୍ବପର୍ବାଣି ପାଳିତ ହୁଏ ବଡ଼ଦିନ ପାଳନର ସବୁଠାରୁ ଏକ ବିଶେଷ ବିଷୟ ହେଉଛି କେବଳ ବଡ଼ଦିନରେ ହିଁ ଉପହାର ଦିଆନିଆ ହୁଏ । ସେଥିରେ କିଛି ବାଛ ବିଚାର କିମ୍ବା ସିମାରେଖା ନଥାଏ । ଏଣୁ ପ୍ରତ୍ୟେକ ପ୍ରତ୍ୟେକଙ୍କୁ କିଛି ଦେବା ନିମନ୍ତେ ଚେଷ୍ଟା କରନ୍ତି । ଏହାର କାରଣ ବିଶ୍ୱକର୍ତ୍ତା ଏ ବିଶ୍ୱକୁ ତାଙ୍କର ପୁତ୍ର ଯୀଶୁଙ୍କୁ ଦାନ କରିଦେଲେ । ତେଣୁ ତାହାର ନିଦର୍ଶନ ସ୍ୱରୂପ, ଆମେ ସଭିଏଁ ତାଙ୍କର ସନ୍ତାନ ଭାବେ ପରସ୍ପରକୁ ଦାନ ଦେଇ ସମ୍ମାନୀତ ଓ ଆନନ୍ଦିତ କରିବା ଆବଶ୍ୟକ ।

ସେଥିନିମିତ୍ତ ପାଶ୍ଚାତ୍ୟ ସଭ୍ୟତାରେ ଏହି ଉତ୍ସବ ପାଳନ ସମୟରେ ଏକ ଖ୍ରୀଷ୍ଟମାସ ଫାଦର ବାହାରି ସେ ପ୍ରତ୍ୟେକଙ୍କୁ ଉପହାର ପ୍ରଦାନ କରନ୍ତି । ପ୍ରକୃତରେ ସାଧୁନିକୋଲାସ୍ ନାମରେ ଜଣେ ଖ୍ରୀଷ୍ଟିୟ ପାଦ୍ରୀ ୧୭୫୦ ବର୍ଷପୂର୍ବେ ଆଧୁନିକ ତୁର୍କୀରେ ଜନ୍ମ ଗ୍ରହଣ କରିଥିଲେ ସେ ଏକ ଅଭିନବ ଉପାୟରେ ପିଲାମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ଲୋହିତ ରଙ୍ଗର ବସ୍ତ୍ର ପରିଧାନ କରି ବଡ଼ଦିନ ସମୟରେ ଉପହାର ଦେବାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ତାହା ଆଜି ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇ ତାହା ସାନ୍ତାକ୍ଲଜ ନାମରେ ପରିଚିତ । ସାନ୍ତାକ୍ଲଜକୁ ଦେଖିଲେ ଆମେ ବଡ଼ଦିନ ଋତୁକୁ ମନେପକାଉ । ଏଥିସହ ଜଡ଼ିତ ଆଉ ଏକ ବିଷୟ ହେଉଛି Christmass Tree ଯାହାକୁ ଆମେ ବଜାରରେ ପ୍ଲାଷ୍ଟିକର ଗଛ କ୍ରୟ କରିଥାଉ ଅଥବା ଝାଉଁଗଛ କିମ୍ବା ସେହି ପ୍ରଜାତିର କୌଣସି ଏକ ଗଛର ଡାଳକୁ ଆଣି ପ୍ରାୟ ପ୍ରତ୍ୟେକ ଗୃହରେ ଏକ କଳ୍ପବୃକ୍ଷ ସୃଷ୍ଟି କରାଯାଇ ପରସ୍ପର ନିମିତ୍ତ ଉପହାରଗୁଡ଼ିକ ନାମଲେଖି ବାନ୍ଧି ଦିଆଯାଏ । ମଧ୍ୟରାତ୍ର ପ୍ରାର୍ଥନା ପରେ ସେ ଗୁଡ଼ିକ ନିଜନିଜର ନାମ ଦେଖି ଗ୍ରହଣ କରି ପ୍ରତ୍ୟେକ ଉତ୍ଫୁଲ୍ଲିତ ହୁଅନ୍ତି ।

ଏହା ଶୀତଦିନରେ ପଡୁଥିବାରୁ ଗରିବ ଲୋକମାନଙ୍କୁ ଶୀତବସ୍ତ୍ର ଦାନ, ଅନ୍ନଦାନ କରି ଅନେକେ ଆଶୀର୍ବାଦ ପାଇବାର ହକଦାର ହୁଅନ୍ତି । ଏହି ସ୍ମରଣୀୟ ଦିନ, ଯୀଶୁଙ୍କର ଜନ୍ମଦିନରେ ମାନବସେବା କରି ଆମେ ସଭିଏଁ ମାନବ ସଭ୍ୟତାର ଏକ ଅଂଶୀଦାର ହୋଇ ଆମ ଓଡ଼ିଶାରୁ ଦାରିଦ୍ର୍ୟତା ହଟାଇବାକୁ ପଣ କରୁ ।


♥ କୁଣ୍ଡପୁର, ବସ୍ତା, ବାଲେଶ୍ୱର
ମୋ: ୮୫୮୪୯୭୪୨୬୬


## ବଡ଼ଦିନ, କ୍ରିସ୍-ମସ୍ ଓ ସାଣ୍ଟା-କ୍ଲସ୍‌ର କିମ୍ବଦନ୍ତୀ




ଅମୂଲ୍ୟ କୁମାର ପଣ୍ଡା


ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ ରୂପେ ବଡ଼ଦିନକୁ ଇଂରାଜୀରେ Christ-mas ମଧ୍ୟ କୁହଯାଏ ଯାହାକୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ବଡ଼ ଧୁମ୍‌ଧାମ୍‌ର ସହିତ ପ୍ରତିବର୍ଷ ଡିସେମ୍ବର ୨୫ ତାରିଖ ଦିନ ପାଳନ କରିଥାନ୍ତି । କ୍ରିସ୍‌ମସ୍ ବା ବଡ଼ଦିନ ବ୍ୟତୀତ ଏହି ପର୍ବର ଆହୁରି ଅନେକ ନାମ ଲୋକମୁଖରେ ପ୍ରଚଳିତ ଥିବା ଇତିହାସରୁ ଜଣାପଡ଼େ । ପଞ୍ଚମ ଶତାବ୍ଦୀର ଏଂଗ୍ଲୋ-ସେକ୍ସନ୍ ମାନେ ଏହାକୁ ଶୀତଋତୁର ଅର୍ଦ୍ଧବିନ୍ଦୁ ଯାହାକୁ ଇଂରାଜୀରେ midwinter ବୋଲି କହୁଥିଲେ । କେହିକେହି ଏହାକୁ ନେଟିଭଟିଓ ଲାଟିନ୍ ଶବ୍ଦ nativitasରୁ ଗୃହୀତ ବୋଲି କହୁଥିଲେ । ଯୀଶୁଙ୍କ ଜନ୍ମକୁ ଇଂରାଜୀରେ 'Nativity of Jesus' ବୋଲି କୁହାଯାଇଥାଏ ଓ ଏହା ଲାଟିନ୍ ଶବ୍ଦ nativitasରୁ ଗୃହୀତ ହୋଇଅଛି ବୋଲି କୁହଯାଏ । ଆଧୁନିକ ଯୁଗରେ ବଡ଼ଦିନ ପାଳନ ସମୟରେ ଉପହାର ଦେଣନେଣ, ଆଗମନ କ୍ୟାଲେଣ୍ଡରର ଦିନ ଗଣିବା, ବଡ଼ଦିନର ସଙ୍ଗୀତ ଓ ପ୍ରାର୍ଥନା, ବଡ଼ଦିନ ଗଛ, ଘରକୁ ଆଲୋକମାଳାରେ ସଜ୍ଜିତ କରିବା, ଗୀର୍ଜା ଘର ତରଫରୁ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ଯୋଗଦାନ ଦେବା, ବଡ଼ଦିନ କାର୍ଡ୍ ଦେବାନେବା, କଣ୍ଢେଇ ମାଧ୍ୟମରେ ଯୀଶୁଙ୍କ ଜନ୍ମବୃତ୍ତାନ୍ତ ଦର୍ଶାଇବା ପରି ବିଭିନ୍ନ ପ୍ରଥା ପ୍ରଚଳିତ ହୁଏ । ବଡ଼ଦିନ ସମ୍ପର୍କିତ କିଛି ସ୍ଥାନୀୟ ଲୋକକଥା ଓ ପରମ୍ପରା ମଧ ରହିଛି । ସନ୍ଥ ନିକୋଲାସ୍ ବା ସାଣ୍ଟା କ୍ଲସ୍ ଇଂରାଜୀରେ Santa Claus ଯିଏ ଛୋଟ ପିଲାଙ୍କ ପାଇଁ ଉପହାର ଆଣିଦେବା ସେମାନଙ୍କୁ ଉତ୍ସାହିତ ଓ ଆନନ୍ଦିତ କରିଥାଏ । ଖ୍ରୀଷ୍ଟୀୟ ପାଞ୍ଜି ବା ଗୀର୍ଜାର କ୍ୟାଲେଣ୍ଡର୍ ଅନୁସାରେ ଖ୍ରୀଷ୍ଟ ଜନ୍ମର କିଛି ଦିନ ପୂର୍ବରୁ ଉପବାସ ଓ ନିଷ୍ଠା ପୂର୍ବକ ପୂଜାପାଠ ଆରମ୍ଭ ହୋଇ ବଡ଼ଦିନ ଉତ୍ସବର ଆରମ୍ଭ ହୋଇଥାଏ ଏବଂ ତାହା ଦ୍ୱାଦଶ ଦିନରେ ସରି ଏକ ଉତ୍ସବ ପରି ପାଳିତ ହୁଏ । କିଛି ଦେଶର ସ୍ଥାନୀୟ ସଂସ୍କୃତି ଅନୁସାରେ ଏହି ଉତ୍ସବ ଆଠ ଦିନ ଧରି ମଧ ପାଳିତ ହୁଏ । ଖ୍ରୀଷ୍ଟ ଧର୍ମାବଲମ୍ବୀ ବା ଅନେକ ଦେଶରେ ଅଣ-ଖ୍ରୀଷ୍ଟୀୟ ଜନସମୂହଙ୍କର ମୁଖ୍ୟ ପର୍ବ ହୋଇଥିବାରୁ ଭାରତ ସମେତ ଅନେକ ଦେଶରେ ବଡ଼ଦିନକୁ ଏକ ସରକାରୀ ଛୁଟିଦିନ ରୂପେ ଘୋଷିତ କରା ଯାଇଥାଏ । ଖ୍ରୀଷ୍ଟଧର୍ମ ଗ୍ରନ୍ଥ ବାଇବେଲ୍‌ର ଅନୁସାରେ ବେଥ୍ଲେହେମ୍‌ଠାରେ ଯୀଶୁଙ୍କ ଜନ୍ମ ଗ୍ରହଣର ବୃତ୍ତାନ୍ତ ବଡ଼ଦିନ ଉତ୍ସବର ପାରମ୍ପରିକ ମୂଳଦୁଆ । ଯୀଶୁଙ୍କ ପିତା ହେଉଛନ୍ତି ଜୋସେଫ୍ ଓ ମାତା ହେଉଛନ୍ତି ମେରି ବା ମରିୟମ । ଥରେ ବେଥ୍ଲେହେମ୍ ସହରରେ ଉଭୟ ପହଞ୍ଚି ଜାଣିବାକୁ ପାଇଥିଲେ ଯେ ସେମାନଙ୍କ ରହିବା ପାଇଁ କୌଣସି ପାନ୍ଥନିବାସ ନାହିଁ । ତେଣୁ ଏକ ମେଣ୍ଢାଶାଳରେ ମାତା ମେରିଙ୍କୁ ରହିବାକୁ ପଡ଼ିଥିଲା ଓ ସେଠାରେ ସେ ଯୀଶୁଙ୍କୁ ଜନ୍ମଦାନ କରିଥିଲେ । ମେଷପାଳକ ମାନେ ଏ ବିଷୟରେ ସଭିଙ୍କୁ ଜଣାଇଲେ ଓ ଯୀଶୁ ଜନ୍ମ ନେବା କଥା ପ୍ରଚାରିତ ହୋଇଥିଲା ବୋଲି କୁହଯାଏ ।

ତେବେ ଏହି ବଡଦିନ ତଥା ଖ୍ରୀଷ୍ଟମାସ୍‌ରେ କ୍ରିସ୍ମସ୍ ଗଛ ପ୍ରଚଳନ ଏକ ମହତ୍ତ୍ୱପୂର୍ଣ୍ଣ କଥା ଯେଉଁଥିରେ ଏକ ଗଛରେ ଆଲୋକମାଳା ସଜାଯାଇଥାଏ । ତେବେ ଏହା ଉପରେ ବିଭିନ୍ନ ଲୋକଙ୍କର ବିଭିନ୍ନ ମତ । ଆଧୁନିକ ଜର୍ମାନୀର ପୁନର୍ଜାଗରଣ ଯୁଗରେ ଆଧୁନିକ କ୍ରିସ୍ମସ୍ ଗଛର ପ୍ରଚଳନ ଆରମ୍ଭ ହେଲା ବୋଲି କୁହଯାଏ । ଷୋଡ଼ଶ ଶତାବ୍ଦୀରେ ପ୍ରଚଳିତ କ୍ରିସ୍ମସ୍ ଗଛ ତତ୍କାଳୀନ ପ୍ରୋଟେଷ୍ଟାଣ୍ଟ୍ ଖ୍ରୀଷ୍ଟ ନେତା ମାର୍ଟିନ୍ ଲୁଥରଙ୍କଦ୍ୱାରା ଆରମ୍ଭ ହୋଇଥିଲା ବୋଲି କେହି କେହି ବିଶ୍ୱାସ କରନ୍ତି । ମାର୍ଟିନ୍ ଲୁଥର୍ ପ୍ରଥମେ ଏକ ଚିରହରିତ୍ ଗଛରେ ମହମବତୀ ରଖି ସଜାଇଥିଲେ, ଯେଉଁଥିରୁ ଆଲୋକମାଳା ଶୋଭିତ ଗଛ ପ୍ରଥାର ସୃଷ୍ଟି ହୋଇଥାଇପାରେ ବୋଲି ବିଶ୍ୱାସ କରାଯାଏ । ଯଦିଓ ବର୍ତ୍ତମାନ କାଳରେ କ୍ରିସ୍ମସ୍ ଗଛ ବଡ଼ଦିନ ଛୁଟି ସମୟର ଆଗମନର ସୂଚକ, ପୂର୍ବେ କିନ୍ତୁ ଏହା ଏକ ପାଗାନ୍ ପ୍ରଥା ଥିଲା ଓ ଏହାର ବଡ଼ଦିନ ସହିତ ସମ୍ବନ୍ଧ ନଥିଲା ବୋଲି କେତେକଙ୍କର ମତ । ବାଇବେଲ୍ ଗ୍ରନ୍ଥରେ ବର୍ଣ୍ଣିତ ସ୍ୱର୍ଗର ଗଛ ଯାହାକୁ ଇଂରାଜୀରେ tree of life ବା tree of paradis ର ସହିତ ଆଧୁନିକ ସମୟର କ୍ରିସ୍ମସ୍ ଗଛର ସମ୍ପର୍କ ରହିଛି । ବାଇବେଲ୍‌ର ଏକ କାହାଣୀ ଅନୁସାରେ ଆଡାମ୍ ଓ ଇଭ୍ ନାମକ ପ୍ରଥମ ପୁରୁଷ ଓ ସ୍ତ୍ରୀଙ୍କଠାରୁ ମାନବ ଜାତିର ସୃଷ୍ଟି ଏବଂ ଏହି କାହାଣୀ ବିଭିନ୍ନ ମଧ୍ୟଯୁଗୀୟ ନାଟକ ମାଧ୍ୟମରେ ଡିସେମ୍ବର୍ ୨୪ ତାରିଖ ଦିନ ପ୍ରଦର୍ଶିତ ହୁଏ । ଏହି ସବୁ ନାଟକର ମଞ୍ଚର ପ୍ରଚ୍ଛଦଭୂମିରେ ଲାଲ୍ ସେଓ ଯାହା ଏକ ନିଷିଦ୍ଧ ଫଳର ସୂଚକ ଓ ୱେଫର୍ ଯାହା ଶୁଦ୍ଧିକରଣ ବା ମୁକ୍ତିର ସୂଚକ ଇତ୍ୟାଦିରେ ଲଦା ଏକ ଗଛ ରହିଥାଏ । ଯୀଶୁ ଜନ୍ମ ବୃତ୍ତାନ୍ତର ଦୃଶ୍ୟ ସହିତ ଏହି ସ୍ୱର୍ଗର ଗଛକୁ ମଧ ଘରମାନଙ୍କରେ ଲୋକେ ସଜାଇ ଥାନ୍ତି । ଏବେ ଆଧୁନିକ ଯୁଗରେ ଗଛମାନଙ୍କରେ ସେଓ ଫଳ ପରିବର୍ତ୍ତେ ଲାଲ୍ ରଙ୍ଗର ଚକମକିଆ ପେଣ୍ଡୁ ବା ବଲ୍ ଖଞ୍ଜି ଦେଇ ଲୋକ ଆନନ୍ଦ ନିଅନ୍ତି । ମଧ ଯୁଗ ପରେ ଶୀତ ଋତୁରେ ପ୍ରାଚୀନ ରୋମାନ୍ ସାମ୍ରାଜ୍ୟରେ 'ସାଟର୍ଣ୍ଣାଲିଆ' ବୋଲି ଏକ ପର୍ବ ପାଳିତ ହେଉଥିଲା ଯେଉଁଥିରେ ଘରମାନଙ୍କରେ ଚିରହରିତ୍ ଗଛର ପତ୍ର ଲଗାଇ ସଜାଯାଉଥିଲା ଓ ଏପରି ସବୁ ପ୍ରଥା ବଡ଼ଦିନ ଉପଲକ୍ଷେ କ୍ରିସ୍ମସ୍ ଗଛ ଲଗାଇବାର ପ୍ରଥାର ସମ୍ଭାବ୍ୟ ଉତ୍ସ ହୋଇପାରେ ବୋଲି ଅନୁମନ କରାଯାଏ । ଏକ ଗଳ୍ପାନୁସାରେ ସନ୍ଥ ବୋନିଫେସ୍ ଡୋନାରର ଓକ୍ ଗଛ କାଟି ଦେଇଥିଲେ । ଏହି ସବୁ ଲୋକଗଳ୍ପରୁ ପ୍ରତୀତ ହୁଏ ଯେ, ୮ମ ଶତାବ୍ଦୀରେ ଜର୍ମାନ୍‌ମାନେ ପାଗାନ୍ ଉପାସକ ଥିଲେ । ପରବର୍ତ୍ତୀ ସମୟର ଏକ ଲୋକଗଳ୍ପରେ କଥିତ ଅଛି ଯେ, କଟାଯାଇଥିବା ଓକ୍ ଗଛରୁ ପୁଣି ଏକ କୋନାକାର ଚିରହରିତ୍ ଗଛ ବଢ଼ି ଉଠିଥିଲା । ଏହି କୋନାକୃତି ଗଛର ଅଗ ସ୍ୱର୍ଗ ଆଡ଼କୁ ଅନାଇ ଥିବା ବେଳେ, ଏହାର ତ୍ରିଭୂଜାକାର ବିନ୍ଦୁକୁ ପରମପିତା ଓ ପରମପିତାଙ୍କ ପୁତ୍ର ଯିଏ ଯୀଶୁ ଖ୍ରୀଷ୍ଟ ଓ ପବିତ୍ର ଆତ୍ମା, ଏହି ତ୍ରିକୋଣ ବିଷୟରେ ମନେ ପକାଉଥାଏ ବୋଲି ବିଶ୍ୱାସ କରାଯାଏ ।

କ୍ରିସ୍ମସ୍ ଗଛ ବସାଇବା ଓ ବାହାର କରିବାର ନିର୍ଦ୍ଦିଷ୍ଟ ଦିନ ରହିଥାଏ ବୋଲି ବିଶ୍ୱାସ କରାଯାଏ । ପାରମ୍ପରିକ ଭାବେ କିଛି ସ୍ଥାନରେ କ୍ରିସ୍ମସ୍ ଗଛଗୁଡ଼ିକୁ ବସାଇବା ଓ ସଜାଇବା କାମ ବଡ଼ଦିନର ପୂର୍ବ ସନ୍ଧ୍ୟା ଅର୍ଥାତ୍ ଡିସେମ୍ବର ୨୪ । ସେହିପରି ଦ୍ୱାଦଶ ଦିନ ଜାନୁଆରୀ ୫ ପରେ ଗଛକୁ ବାହାର କରାଯାଉଥିଲା । ସମୟ ପୂର୍ବରୁ ଗଛ ଲଗାଇବା ବା ବାହାର କରିବା ଘରର ଲୋକଙ୍କ ପାଇଁ ଦୁର୍ଭାଗ୍ୟ ଆଣିବ ବୋଲି ବିଶ୍ୱାସ କରାଯାଉଥିଲା ଏବଂ ଘରର ଲୋକଙ୍କ ଦୁର୍ଭାଗ୍ୟର ପ୍ରତିକାର ପାଇଁ ୧୨ଟି ରାତି ଅତିବାହିତ ହେବା ପରେ ଗଛକୁ ବାହାର କରାଯାଉଥିଲା । ବଡ଼ଦିନ ସାଜସଜ୍ଜା ସାମଗ୍ରୀ କ୍ରିସ୍ମସ୍ ଗଛରେ ଲଗାଇବା ବା ଖଞ୍ଜିବା ପାଇଁ ବ୍ୟବହୃତ ହୁଏ ଓ ଏଗୁଡ଼ିକ ସାଧାରଣତଃ କାଠ, କାଚ, ଧାତୁ ବା ଚୀନାମାଟିରେ ତିଆରି ହୋଇଥାଏ । ପ୍ରଥମେ କ୍ରିସ୍ମସ୍ ଗଛରେ ସେଓ, ଚକୋଲେଟ୍, ପ୍ରେମ-ଫୁଲ-ତାରକା ଆଦି ବିଭିନ୍ନ ଆକୃତିର ପେଷ୍ଟ୍ରି ଓ କେକ୍‌ଦ୍ୱାରା ସଜା ଯାଉଥିଲା । ପୂର୍ବେ ଜର୍ମାନୀର ଲାଉଶା ସହର କ୍ରିସ୍ମସ୍ ଗଛର ସଜ୍ଜା ଉଦ୍ଦିଷ୍ଟ ରଙ୍ଗବେରଙ୍ଗ କାଚ ପେଣ୍ଡୁ ନିର୍ମାଣ ପାଇଁ ପ୍ରସିଦ୍ଧ ଥିଲା । ପେଣ୍ଡୁ ସହିତ କ୍ରିସ୍ମସ୍ ଗଛରେ କାଚର ସ୍ଫଟିକ ମାଳା, ଟିଣ ନିର୍ମିତ ବିଭିନ୍ନ ରୂପ ଖଞ୍ଜି ବା ଝୁଲାଇ ଦିଆଯାଏ । ବଡ଼ଦିନ ସାଜସଜ୍ଜାର ଲୋକପ୍ରିୟତା ବଢ଼ିବାରୁ କୁଶଳୀ କାରିଗରମାନେ କାଚ ନିର୍ମିତ କଣ୍ଢେଇ ଇତ୍ୟାଦି ତିଆରି କରିବା ଆରମ୍ଭ କଲେ । କ୍ରିସ୍ମସ୍ ଗଛରେ ରଙ୍ଗୀନ୍ ମାଳ, ଚିକିମିକି ଓ ରିବନ୍ ଫିତା ଲଗାଇ ମଧ ସଜାଯାଇଥାଏ । ଅତି ସୂକ୍ଷ୍ମ ରଙ୍ଗୀନ୍ କାଚ ଓ ଅଳଙ୍କୃତ ସଜ୍ଜା ସାମଗ୍ରୀ ପାଇଁ ଥୁରିଂଗିଆନ୍ ବନ ପ୍ରଦେଶ ଓ ୧୯ଶ ଶତାବ୍ଦୀର ଶେଷଆଡ଼କୁ ଲାଉଶା ଖୁବ୍ ପ୍ରସିଦ୍ଧ ଥିଲେ ଏବଂ ଏହି ସବୁ ସ୍ଥାନରେ ବଡ଼ଦିନ ସଜ୍ଜାସାମଗ୍ରୀର ଉଦ୍ୟୋଗ ବିକାଶ ଲାଭ କରିଥିଲା । କାଚ ବା ପ୍ଲାଷ୍ଟିକ୍ ନିର୍ମିତ ପେଣ୍ଡୁ ଉପରେ ଆଲୋକ ପ୍ରତିଫଳନ ପାଇଁ ପତଳା ଧାତବ ପରସ୍ତ ଚଢ଼ାଯାଏ ଓ ଏହି ସବୁ ରଙ୍ଗୀନ୍ ପେଣ୍ଡୁ କ୍ରିସ୍ମସ୍ ଗଛକୁ ସଜାଇବାରେ ବ୍ୟବହୃତ ହୋଇଥାଏ । କ୍ରିସ୍ମସ୍ ଗଛକୁ ଜାଜ୍ୱଲ୍ୟମାନ ଆଲୋକମାଳାରେ ସଜାଇ ଦିଆଯାଇଥାଏ । ଗଛ ଉପରେ ଏକ ତାରକା ବା ଦେବଦୂତର ଚିହ୍ନ ଲଗାଇ ଦିଆଯାଏ । ୧୮୦୦ ଶତାବ୍ଦୀର ଶେଷ ବେଳକୁ ପତ୍ରହୀନ ଗଛ ବା ଡାଳରେ ତୁଳା ଲଗାଇ ତୁଷାରାଚ୍ଛନ୍ନ କ୍ରିସ୍ମସ୍ ଗଛର ରୂପ ଦେଇ ସଜା ଯାଉଥିଲା । ଏବେ ଏହି ବଡଦିନ ଆସିଲେ ଖ୍ରୀଷ୍ଟଧର୍ମ ଲୋକମାନେ ଖୁବ୍ ଧୁମ୍ ଧାମରେ ପାଳନ କରିବା ସହିତ ନିଜ ଘରକୁ ଆଲୋକରେ ସଜାଇଥାନ୍ତି ।


♥ ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦








### ପ୍ରେମର ଠାକୁର


ଜୟଶ୍ରୀ ପଟ୍ଟନାୟକ


ପ୍ରେମର ଠାକୁର ଯୀଶୁ ଆସୁଛନ୍ତି
ପବିତ୍ର ବଡଦିନରେ
ଗୀର୍ଜାଘର ଏବେ ଚଳ ଚଂଚଳ
ତାଙ୍କରି ଆଗମନରେ ।

ଖ୍ରୀଷ୍ଟଧର୍ମର ପ୍ରବର୍ତ୍ତକ ସିଏ
ଈଶ୍ୱରଙ୍କ ସନ୍ତାନ
ମର୍ତ୍ତ୍ୟମଣ୍ଡଳକୁ ଆସିଛନ୍ତି ସିଏ
କରିବାକୁ ପ୍ରେମ ଗାନ
ଆସ ସଜାଇବା ଖ୍ରୀଷ୍ଟମାସ ଗଛ
ବଲ, ଘଂଟି, ଖେଳନାରେ
ପ୍ରେମର ଠାକୁର ଯୀଶୁ ଆସୁଛନ୍ତି
ପବିତ୍ର ବଡଦିନରେ ।

ସାନ୍ତାକ୍ଲଜ ଦେବେ ଉପହାର ମାନ
ଜଣାଇ ଅଭିନନ୍ଦନ
ପରସ୍ପର ସାଥେ ଭଲରେ ରହିଲେ
ହେବ ସାର୍ଥକ ଜୀବନ
ପ୍ରାର୍ଥନା ସଙ୍ଗୀତେ ତାଙ୍କୁ ସ୍ମରଥିବା
ସଜାଇ ମହମବତୀରେ
ପ୍ରେମର ଠାକୁର ଯୀଶୁ ଆସୁଛନ୍ତି
ପବିତ୍ର ବଡଦିନରେ ।

ମାନବର ସେବା ପାଇଁ ପୃଥିବୀରେ
ହେଲା ତାଙ୍କ ଆବିର୍ଭାବ
ପରମେଶ୍ୱର ସେ ତାଙ୍କ ଉପଦେଶ
ବଢ଼ାଇଛି ଭାତୃଭାବ
ପାପା ତାପ ସବୁ ଦୂର ହୋଇଯିବ
ପାଇ ତାଙ୍କ କରୁଣାରେ
ପ୍ରେମର ଠାକୁର ଯୀଶୁ ଆସୁଛନ୍ତି
ପବିତ୍ର ବଡଦିନରେ ।


♥ ଗଙ୍ଗନଗର, ଭୁବନେଶ୍ୱର
(ମୋ)୭୯୭୮୧୧୦୪୭୪




### କର ଯୀଶୁଙ୍କର ଜୟ


ନୀଳମଣି ଚାନ୍ଦ




ଆସ ଆସ ଯେତେରେ ମୋ'ର
ସାଙ୍ଗ ମିତ
ମିଶି ଆମେ ଗାଇବା
'ଜିଙ୍ଗଲ୍ ବେଲ୍' ଗୀତ ।
ଝିଲିମିଲି କରଇ ବଡ଼ଦିନ ତାରା
ଆନନ୍ଦର ଜୁଆର ଉଠେ ଧରା ସାରା ।
ପ୍ରଭାତରୁ ଯିବାରେ ଗୀର୍ଜା ଆଡ଼େ ଆମେ
ପ୍ରାର୍ଥନାଟି କରିବା ପ୍ରଭୁ ଯୀଶୁ ନାମେ ।
ସାନ୍ତାକ୍ଲସ୍ ହେବାରେ ସାନ୍ତାକ୍ଲସ୍ ହେବା
ଖ୍ରୀଷ୍ଟମାସ୍ ଟ୍ରିଟି ଆଣି ରଖିଦେବା ।
କେକ୍ କଟା ସରିଛି ବୁଲିବୁଲି ବାଣ୍ଟ
ଆଜି ଭଲ କରିଲେ
ବାଇବେଲ୍ ପାଠ ।
ଜନ୍ମିଥିଲେ ଯୀଶୁ ତ ଆଜି ଏଇ ଦିନେ
'ବଡ଼ଦିନ' ବୋଲିରେ
ବିଶ୍ୱବାସୀ ଚିହ୍ନେ ।
ସତ୍ୟ ଦୟା କ୍ଷମାର ସିଏ ଅବତାର
ସେ ମହାପୁରୁଷଙ୍କୁ କର ନମସ୍କାର ।
'ଓମିକ୍ରନ' ଆତଙ୍କେ ଥରେ ଆଜି ଧରା
ସମୂଳେ ନାଶ କର ପ୍ରଭୁ ଯୀଶୁ ପରା ।
ବିଶ୍ୱପାଇଁ ହେବରେ ଇଏ ବଡ଼ କାମ
ସାର୍ଥକ ହେବ ସିନା ଯୀଶୁଙ୍କର ନାମ ।
ତାଙ୍କ ଆଶିଷେ ଧରା ହେଉ ମଧୁମୟ
ଭୁଲନି କରିବାକୁ ଯୀଶୁଙ୍କର ଜୟ ।


♥ ୨୭, ମନ୍ତ୍ର ମାନୋର,
ଗୋଠପାଟଣା
ଭୁବନେଶ୍ୱର-୨୯,
(ମୋ) ୯୫୮୩୨୦୨୩୫୭


### ତୁମେ ଗଲା ପରେ ପରେ


ବୈଷ୍ଣବ ମେହେର


ଅଟଳ ବଟବୃକ୍ଷଟି
ଟଳି ପଡ଼ିଲା ପରେ
ମୁଣ୍ଡ ଉପରୁ ହଜି ଯାଇଛି ଛାଇ
ନୀଳ ଆକାଶରୁ
ଜହ୍ନ ଉଭେଇ ଗଲାପରେ
ରାତି ତ ରାତି
ଦିନ ଦ୍ୱିପହରରେ ବି
ଛାଇ ଯାଇଛି ଅନ୍ଧାର ।

ଏବେ ତ...
ତୁମ ସହ ହଜି ଯାଇଛି
ଫୁଲର ମହକ
ଯୌବନର ବୟସ
କବିତାର ଶବ୍ଦ
ନୂଆନୂଆ ଗୀତ ଗାଉଥିବା ପକ୍ଷୀ
ଉଡ଼ିଗଲା ପରେ
ଦେଖ କେତେ ଲୁହ
ଗଡ଼ାଇଛି ଆକାଶ ।

ସେ ଅବେଳ !
ପାଂଚଟା ପାଂଚ ପରେ ପରେ
ସେଦିନ...
ଶ୍ରାବଣ ବି ଖୁବ୍ କାନ୍ଦିଛି
ରାତିସାରା ଡାଳରୁ ପତ୍ରରୁ ଉଛୁଳି ପଡ଼ିଛି
ଥପ୍ ଥପ୍ ଲୁହ ।

ତୁମେ ହିଁ କହିଛ
ପୁଣି ତୁମେ ଫେରିବ
ନୂଆଁ ଗୀତ ଗାଇବ
ତୁମ ଅନ୍ତରତମ ସଳିତା ଚିପୁଡ଼ି
ପୁଣି ଦୀପ ଟିଏ ଜାଳିବ ।


♥ ସିନାପାଲି,ନୂଆପଡ଼ା




### ଯୀଶୁଖ୍ରୀଷ୍ଟ


ରାମ ଚନ୍ଦ୍ର ପ୍ରଧାନ




ଡିସେମ୍ବର ମାସ ପଚିଶି ତାରିଖେ
ସମୟର ବୁକୁ ଚିରି
ବରଷକୁ ଥରେ ଆସେ ବଡ଼ଦିନ
ଯୀଶୁଙ୍କର ନାମ ଧରି ।

ଯୀଶୁଖ୍ରୀଷ୍ଟଙ୍କର ଜନମ ବାରତା
ଦିଏ ଏଇ ଶୁଭ ଦିନ
ସବୁରି ହୃଦୟେ ସୁଖ ଶାନ୍ତି ଭରି
ବୋଲାଏ ସେ ବଡ଼ଦିନ ।

ଆଲୋକ ମାଳାର ସୁନ୍ଦର ସଜ୍ଜାରେ
ଝଲସଇ ଧରାଧାମ
ପର୍ବ ପର୍ବାଣୀରେ ବଡ଼ଦିନ ଅଟେ
ସବୁଠାରୁ ଅନ୍ୟତମ ।

ଶାନ୍ତିର ଆଲୋକ ଚାରିଆଡ଼େ ପଡ଼ି
ଦୂର ହୁଏ ଅଭିମାନ
ପାପ-ତାପ-ଦୁଃଖ ଅପସରି ଯାଇ
ନାଚିଉଠେ ତନୁମନ ।

ପ୍ରେମର ଫଲଗୁ ବିଛୁରିତ ହୋଇ
ଖେଳିଯାଏ ଶିହରଣ
ଯୀଶୁ କଥାମୃତ ମନନ ଚିନ୍ତନେ
ପୁଲକିତ ହୁଏ ପ୍ରାଣ ।

ଆସିଛି ଆସିଛି ଆଜି ବଡ଼ଦିନ
ଆନନ୍ଦେ କର ସ୍ୱାଗତ
ଅମୀୟ ପ୍ରେମରେ ଗାଇ ଜୟଗୀତି
ମିଶାଅ ହାତକୁ ହାତ ।

ଜାତି ଧର୍ମ ବର୍ଣ୍ଣ ଭେଦଭାବ ଭୁଲି
ପରକୁ କର ଆପଣା
ସମ୍ପର୍କ ସୂତାରେ ଯୀଶୁନାମ ସ୍ମରି
ଠିକ୍ ରଖ ବୁଝାମଣା ।


♥ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
(ମୋ)୯୮୬୧୬୩୮୭୩୬





## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୨୩)

# ବିଶ୍ୱାମିତ୍ରଙ୍କ ସହ ରାମ ଲକ୍ଷ୍ମଣଙ୍କ ମିଥିଳା ଯାତ୍ରା



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିଶ୍ୱାମିତ୍ର ଋଷି ତାଙ୍କ ଯଜ୍ଞ ସୁରୁଖୁରୁରେ ସମାପ୍ତ କରି ସାରିଥିଲେ। ଯଜ୍ଞରେ ବିଘ୍ନ ସୃଷ୍ଟ କରୁଥିବା ରାକ୍ଷାସ ସୁବାହୁର ବିନାଶ କରିଥିଲେ ରାମଚନ୍ଦ୍ର। ମାରୀଚ ରାମଚନ୍ଦ୍ରଙ୍କ ବାଣମାଡ଼ରେ ବହୁ ଦୂର ସମୁଦ୍ର କୂଳରେ ପଡ଼ିଥିଲା। ତାଡ଼କା ଅସୁରୁଣୀ ମଧ୍ୟ ମୃତ୍ୟୁବରଣ କରିଥିଲା।

ବିଶ୍ୱାମିତ୍ରଙ୍କ ଯଜ୍ଞ ସମାପ୍ତି ପରେ ସେ ଅଯୋଧ୍ୟା ଫେରିନଥିଲେ। ମିଥିଳାର ରାଜା ଜନକ ସେହି ସମୟରେ ଏକ ଯଜ୍ଞ କରୁଥିଲେ। ବିଶ୍ୱାମିତ୍ର ଓ ଅନ୍ୟ ଋଷିମାନେ ସେହି ଯଜ୍ଞକୁ ଯାଇଥିଲେ। ବିଶ୍ୱାମିତ୍ର ଋଷି ରାମ ଲକ୍ଷ୍ମଣଙ୍କୁ ତାଙ୍କ ସାଙ୍ଗରେ ମିଥିଳା ଯିବାକୁ କହିଥିଲେ। ରାମ ଲକ୍ଷ୍ମଣ ଖୁସିରେ ମିଥିଳା ଯିବାକୁ ରାଜି ହୋଇଥିଲେ।

ସେହି ସମୟରେ ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ଜନକଙ୍କ ରାଜନବରରେ ଥିବା ଶିବଧନୁ କଥା କହିଥିଲେ। ସେ ଶିବଧନୁ କଥା ଚମତ୍କାର ଥିଲା। ରାମ ଲକ୍ଷ୍ମଣଙ୍କୁ ସେ ଧନୁକୁ ଦେଖିବାକୁ ବିଶ୍ୱାମିତ୍ର କହିଥିଲେ। ପିଲାମାନେ, ଶିବଧନୁ କଥା ଟିକେ ପରେ କହିବି। ଗଙ୍ଗାନଦୀ ପାର ହେବାକୁ ବିଶ୍ୱାମିତ୍ର ଓ ରାମ ଲକ୍ଷ୍ମଣ ଦୁଇ ଭାଇ ଗଙ୍ଗାନଦୀ କୂଳରେ ପହଂଚିଲେ। ରତ୍ନାକର ଗର୍ଗବଟୁଙ୍କ ରାମାୟଣରେ ଏକ ଅପୂର୍ବ ଆଖ୍ୟାନ ଉଲ୍ଲେଖ ଅଛି। ତାହା ଏବେ ମୁଁ କହୁଛି। ମିନା ଅପା ବିଶ୍ୱାମିତ୍ର ମୁନିଙ୍କର ରାମ ଲକ୍ଷ୍ମଣଙ୍କ ସହିତ ଗଙ୍ଗାପାର ହେବା କଥା କହିଥିଲେ।

ଅସୁରମାନଙ୍କ ମାରିବା ପାଇଁ ଅଗନ୍ତ ଋଷି ସବୁ ସମୁଦ୍ର ପାଣିକୁ ଚଳୁ କରି ପିଇ ଦେଇଥିଲେ। ପୃଥିବୀର ସମୁଦ୍ରମାନେ ଜଳଶୂନ୍ୟ ହୋଇ ଯାଇଥିଲେ। ମା’ ଗଙ୍ଗାଙ୍କୁ ଭଗୀରଥ ପୃଥିବୀକୁ ଆଣିଲେ ଓ ନିଜ ବଂଶଧରଙ୍କୁ ଉଦ୍ଧାର କଲେ। ତା ସହିତ ସମୁଦ୍ରମାନେ ଗଙ୍ଗାଜଳରେ ପୂର୍ଣ୍ଣ ହୋଇଥିଲେ। ଏ କଥା ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ କହିଥିଲେ। ରାମ ଲକ୍ଷ୍ମଣ ଗଙ୍ଗାନଦୀ କଥା ଶୁଣି ଚମତ୍କୃତ୍ ହୋଇଥିଲା। ସେମାନେ ସମସ୍ତେ ଗଙ୍ଗାନଦୀ କୂଳରେ ପହଂଚି ଯାଇଥିଲେ। ମାତ୍ର ଗଙ୍ଗାନଦୀ ପାର ହେବେ କିପରି ? କୂଳରେ ନାବ ଦେଖାଯାଇନଥିଲା।

ବିଶ୍ୱାମିତ୍ର ଋଷି ରାମ ଲକ୍ଷ୍ମଣଙ୍କ ସହିତ ଘାଟରେ ପହଂଚିଥିଲେ। ସେମାନେ ଦେଖିଲେ, ନାବିକ ଡଙ୍ଗାକୁ ନେଇ ମଝି ନଦୀରେ ରହିଛି। ସମସ୍ତେ ଆଶ୍ଚର୍ଯ୍ୟ ହେଲେ।

ରାମଙ୍କ ପାଦଧୂଳି ପଡ଼ି ପାଷାଣ ଅହଲ୍ୟାରେ ବଦଳି ଯାଇଥିଲା। ଏ କଥା ଧୀବର ଲୋକ ମୁଖରୁ ଶୁଣିଥିଲା। ତାର ଡର ହେଲା ଯେ ରାମଙ୍କ ପାଦଧୂଳି ପଡ଼ି ତା ଡଙ୍ଗା ନାରୀ ବା ଅନ୍ୟ କିଛି ନହେଉ। ଧୀବରର ଡରକୁ ରତ୍ନାକର ଗର୍ଗବଟୁ ସୁନ୍ଦର ଭାବରେ ଲେଖିଛନ୍ତି।

“ନଉକା ନାୟିକା ହେଲେ ବୁଡ଼ିବ ମୋ ଭେଳା।”

ଧୀବରକୁ ମଝି ନଈରେ ତା ଡଂଗା ସହିତ ଦେଖି ବିଶ୍ୱାମିତ୍ର ଋଷି ତାକୁ ଡାକ ଦେଲେ କୂଳକୁ ଆସି ସେମାନଙ୍କ ନଦୀ ପାର କରିବାକୁ କହିଲେ। ଧୀବର ବିଭିନ୍ନ ବାହାନା କରି କହିଲା ଯେ ସେ କୂଳକୁ ଆସି ପାରିବନି।

ଶ୍ରୀରାମ ଏଥର ଧୀବରକୁ ଡାକିଲେ ଓ ସେମାନଙ୍କୁ ତୁରନ୍ତ ନଦୀ ପାର କରିବାକୁ କହିଲେ। ଏଥର ଶ୍ରୀରାମଙ୍କୁ ତା ଡରକଥା କହିଲା ଓ ଗୋଟେ ସର୍ତ୍ତ ରଖିଲା ଯେ ସେ ପ୍ରଥମେ ଶ୍ରୀରାମଙ୍କ ପାଦ ଧୋଇ ଦେବ ଓ ତା’ପରେ ସେମାନେ ଡଙ୍ଗାରେ ବସିବେ।

ଧୀବର କଥାରେ ରାମ ରାଜି ହେଲେ। ଧୀବର ଡଂଗା କୂଳକୁ ଆଣିଲା ଓ ଜଣ ଜଣ କରି ଡଙ୍ଗାରେ ବସାଇବା ଆଗରୁ ତାଙ୍କ ପାଦ ଧୋଇଦେଲା। ଧନ୍ୟ ସେ ଧୀବର ଯିଏ ଶ୍ରୀରାମଙ୍କ ପାଦ ଧୋଇବାର ପୂଣ୍ୟ ଅର୍ଜନ କଲା।

ଗଙ୍ଗା ନଦୀ ପାର ହୋଇ ବିଶ୍ୱାମିତ୍ର ମୁନି ରାମ ଲକ୍ଷ୍ମଣଙ୍କୁ ସାଂଗରେ ନେଇ ମିଥିଳାର ପ୍ରବେଶ କଲେ। ତାଙ୍କ ଆସିବାର ଖବର ରାଜା ଜନକଙ୍କ ପାଖରେ ପହଂଚି ଯାଇଥିଲା ଓ ସେ ତୁରନ୍ତ ଆସି ବିଶ୍ୱାମିତ୍ର, ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାଛୋଟି ନେଲେ।

ସେଦିନ ଏହିଠାରେ ମିନା ଅପା ରାମାୟଣ କଥା ବନ୍ଦ କଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## କବିତା

ତୁମ ପାଇଁ

### ମୋହନରୁ ସିଏ ହେଲେ ବାପୁଜୀ

ମଂଜୁ ଦାସ



ଅଠରଶ’ ଅଣସ୍ତରୀ
ଅକ୍ଟୋବର ଦୁଇରେ
ଗୁଜରାଟ ରାଇଜର
ପୋର ବନ୍ଦରଠାରେ।
ଜନମିଲା ପୁଅଟିଏ
ଦେଖି ପୂରେ ନୟନ
ଶରଧାର ପିତାମାତା
ନାମ ଦେଲେ ମୋହନ।
ଶଶିକଳା ପରି ସିଏ
ଦିନୁ ଦିନୁ ଝଳିଲା
ତୁଳସୀ ପତର ପରି
ବାସସ ତା’ର ଖେଳିଲା।
ପିନ୍ଧୁଥିଲା ଆଣ୍ଠୁଲୁଚା
ଖଦଡ଼ର ବସନ
ସିଧାସିଧା ଖାଦ୍ୟ ଯାହା
କରୁଥିଲା ଭୋଜନ।
ବିଦେଶୀ ଶାସନ ନୀତି
ତାକୁ ଭାରି ଘାରିଲା
ମୁକାଳିବ ଦେଶକୁ ସେ
ମନେ ପଣ କରିଲା।
ସତ୍ୟ ନ୍ୟାୟ ଶାନ୍ତି ପାଇଁ
ଦେଲା କେତେ ବାରତା
ଅହିଂସାକୁ ମନ୍ତ୍ର କରି
ହେଲା ଦେଶ କରତା।
ତାଙ୍କରି ଅହିଂସା ବଳେ
ଫେରିଗଲେ ବିଦେଶୀ
ସ୍ୱାଧୀନ ହୋଇଲୁ ଆମେ
ବୋଲାଇଲୁ ସ୍ୱଦେଶୀ।
ବାପୁଜୀ ନାମରେ ସାରା-
ଦେଶ ତାଙ୍କୁ ଡାକଇ
ତାଙ୍କରି ଅହିଂସା ପଥେ
ଯିବା ପାଦ ପକାଇ।

+ସିପିଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଜଗତସିଂହପୁର-୭୫୪୧୦୩

### ଶିଶୁ

ଓଁକାର ନାଥ ଘୋଷ

କେଡ଼େ ସୁନ୍ଦର ତୁହିରେ ଶିଶୁ
କେଉଁ କୁହୁକ ଜାଣୁ?
ତୋ’ ପରିଚୟ, ଯାହା ବି ହେଉ,
ମନକୁ ମୋର ଟାଣୁ।
ତୋ’ ହାତ, ମୁହେଁ ଚୁମା ଦେବାକୁ,
ମନ ଉଚ୍ଛନ୍ନ ହୁଏ।
ବୁକୁରେ ଚାପି ବୋକଦେବାକୁ,
ମନ ବି ମୋର କୁହେ।
ଥରେ ତୋ’ ପରଶ ପାଏ ମୁଁ ଯେବେ,
ସବୁଦୁଃଖ ଭୁଲି- ଯାଏ ମୁଁ ତେବେ।
ଦୁଃଖ ବିଷ ଭରା ଏହି ଧରାରେ,
ସୁଖର ଅମୃତ ତୁହି ପରା ରେ...।

+ତେଲେଙ୍ଗା ବଜାର,
କଟକ-୭୫୩୦୦୯



# ଚଢେଇ ହେଲାନି ରାଜି



ବିନୟ କୁମାର ଦାସ



ସୋନୁ ଏଇ କେତେଦିନ ହେଲା ଲକ୍ଷ୍ୟ କରୁଛି ଚଢେଇଟିଏ ଆସି ତା ପଢାଘର ଝରକା ଆରପାଖରେ ଥିବା ଆମ୍ବଗଛ ଡାଳରେ ବସି ତାକୁ ଦେଖୁଛି । ବେଳେ ବେଳେ ରାବୁଛି । ତା ସ୍ୱର ସୋନୁକୁ ଭାରି ଭଲ ଲାଗୁଛି । ତାକୁ ଜଣାଯାଉଛି ସତେ ଯେମିତି ଚଢେଇଟି ତାକୁ କିଛି କହିବାକୁ ଚାହୁଁଛି । ଦିନେ ସେ ଚଢେଇକୁ ପଚାରିଦେଲା , “ଚଢେଇରେ...ତୁ ପ୍ରତିଦିନ ଆସି ଏଇ ଗଛରେ ବସୁଚୁ.. ମୋତେ ଏତେ ଦେଖୁଛୁ । ତୁ ପାଠ ପଢିବାକୁ ଚାହୁଁଚୁ କି ? ଯଦି କହିବୁ , ତେବେ ମୁଁ ତୋତେ ପାଠ ପଢେଇ ଦେବି । ଆମେ ସାଙ୍ଗ ହୋଇ ନିଇତି ପଢନ୍ତୁ । ପଢିଲେ ତୁ ବହୁତ କଥା ଦୁନିଆ ବିଷୟରେ ଜାଣି ପାରନ୍ତୁ । ପଢିବୁ ?”

ଚଢେଇ କହିଲା , “ ସେ ପାଠପଢା କାମ ତୁମ ମଣିଷମାନଙ୍କର । ଆମେ ତୁମ ପାଠ ପଢିବୁ ନାହିଁ ।”

“ ତେବେ ତୁ ପ୍ରତିଦିନ ମୋ ପାଖକୁ ଆସୁଚୁ କଣ ପାଇଁ ?”

“ ତୁମେ ମୋତେ ଭଲ ଲାଗୁଚ । ତୁମେ ଜଣେ ଭଲ ପିଲା ...ସେଇଥିପାଇଁ ।”

“ ସତରେ.. ! ତାହେଲେ ତ ଆମେ ଦୁହେଁ ସାଙ୍ଗ ହୋଇଯିବା । ମୋ ସାଙ୍ଗ ହେବୁଟି ?”

“ ନା....ମୁଁ ତୁମ ସାଙ୍ଗ ହେବିନାହିଁ । ”

“ କଣ ପାଇଁ ? ଏଇନା ପରା କହୁଥିଲୁ , ମୁଁ ଭଲ ବୋଲି ।”

“ ହଁ , ତୁମେ ଭଲ । ହେଲେ ମୁଁ ତୁମ ସାଙ୍ଗ ହୋଇ ପାରିବିନି ।”

“ କଣ ପାଇଁ ହୋଇ ପାରିବୁନି ?”

“ ମୋ ମାଆ ମନା କରିଛି ମଣିଷମାନଙ୍କ ସହିତ ସାଙ୍ଗ ହେବା ପାଇଁ ।”

“ ଏମିତି କଥା କାହିଁକି ତୋ ମାଆ ତୋତେ କହିଛି ଯେ.. ମଣିଷମାନେ ପରା ଏ ସୃଷ୍ଟିର ଶ୍ରେଷ୍ଠ ଜୀବ । ସେମାନଙ୍କ ସହିତ ସାଙ୍ଗ ହେଲେ ତୁମର ବହୁତ ଫାଇଦା । ସେମାନଙ୍କଠାରୁ ତୁମେ ବହୁତ କିଛି ଶିଖି ପାରନ୍ତ ।”

“ କେଜାଣି...ମୋତେ ତ ମାଆ କହିଛି , ମଣିଷର ବହୁତ ଖରାପ ଗୁଣ ରହିଛି । ସେହି ତୁଳନାରେ ଆମର ବହୁତ ଭଲ ଗୁଣ ରହିଛି । ଆମ ଗୁଣ ଆଉ ଆମ ଅଭ୍ୟାସକୁ ମଣିଷ ଯଦି ଆଦରି ପାରନ୍ତା , ତେବେ ସେମାନଙ୍କର କେତେ ମଙ୍ଗଳ ହୁଅନ୍ତା । କିନ୍ତୁ ସେମାନେ ସେମିତି କରୁ ନାହାନ୍ତି ଆଉ ଯାବତୀୟ ରୋଗରେ ପଡି କଷ୍ଟ ଭୋଗୁଛନ୍ତି ।”

“ତୁ ଏ କଣ କହୁଛୁରେ ଚଢେଇ ? ମୋତେ ତ ଆଶ୍ଚର୍ଯ୍ୟ ଲାଗୁଛି ତୋ କଥା ଶୁଣି । ଆଚ୍ଛା କହିଲୁ , ତୋ ମାଆ ଆମର ଖରାପ ଅଭ୍ୟାସ ବିଷୟରେ କଣ ସବୁ କହିଛି ? ”

“ ନା, ଛୁଆବାବୁ...ମୁଁ ସେଗୁଡା କହିବି ନାହିଁ । କହିଲେ ତୁମ ମନ ଦୁଃଖ ହେବ । ମୁଁ ତୁମ ମନରେ କଷ୍ଟ ଦେବାକୁ ଚାହେଁନି । ତୁମେ ଭାରି ଭଲ ।”

“ ତୋତେ ମୋ ରାଣ ...ତୁ ମୋତେ କହ, ମୁଁ ଜମା ମନ ଦୁଃଖ କରିବି ନାହିଁ । ବରଂ ତୋତେ କଥା ଦେଉଛି, ସେ ଖରାପ ଅଭ୍ୟାସ ଠାରୁ ମୁଁ ନିଜକୁ ଦୂରେଇ ରଖିବି । କହ ଚଢେଇ...”

“ ହଉ ଠିକ୍ ଅଛି ଛୁଆବାବୁ । ମୁଁ କହିବି । ପ୍ରଥମ ରେ ଖାଦ୍ୟ କଥା କହିବି । ମଣିଷମାନେ ନିଜର ଖାଇବା ପିଇବାରେ ଆଦୌ ସଚେତନ ନୁହନ୍ତି କି ଯତ୍ନଶୀଳ ବି ନୁହନ୍ତି । ଆମେ ଭୋକ ହେଲେ ଖାଉ.. ହେଲେ ମଣିଷ ଯେତେବେଳେ ଇଚ୍ଛା ସେତେବେଳେ ଭୋକ ନଥିଲେ ବି ପେଟ ଠେସିଠେସି ଖାଆନ୍ତି । ମାଆ ମାନେ ବି ନିଜ ସନ୍ତାନକୁ ବଳାଇ ବଳାଇ ଖୁଆନ୍ତି । ଏହାଦ୍ୱାରା ଅଜୀର୍ଣ୍ଣ ହୁଏ । ହଜମ କରିବା ଶକ୍ତି କମିକମି ଆସେ । ଭଗବାନ ଦେଇଥିବା ହଜମ କରିବା ଯନ୍ତ୍ରକୁ ସେମାନେ ବିଶ୍ରାମ ଦିଅନ୍ତି ନାହିଁ । ଆମେ ତ ସେଥିପାଇଁ ରାତିରେ କିଛି ବି ଖାଉନା । ”

“ ହେଲା...ଆଉ କଣ କହିଛି ତୋ ମାଆ ?”

“ ମଣିଷମାନେ ରାତିରେ ବି ବୁଲନ୍ତି । ଆମେ ସଂଜ ହେଲା ମାତ୍ରେ ବସାକୁ ଫେରି ଆସି ଶୋଇପଡୁ । ଶୀଘ୍ର ଶୋଉ...ସଅଳ ଉଠୁ । ”

“ ତୁ ଠିକ୍ କହିଛୁ । ଆମ ସାର୍ ବି ଦିନେ ଶ୍ରେଣୀରେ କହୁଥିଲେ , ଶୀଘ୍ର ଶୋଇ ଶୀଘ୍ର ବିଛଣା ଛାଡିଲେ , ମଣିଷ ସ୍ୱାସ୍ଥ୍ୟବାନ , ଧନବାନ ଆଉ ଜ୍ଞାନୀ ହୋଇ ପାରେ । ଏମିତି ଅଭ୍ୟାସ କଲେ ଆମେ ଦିନରେ ଅଧିକ କାମ କରିବା ପାଇଁ ଅଦ୍ଭୁତ ଶକ୍ତି ପାଇପାରୁ । ଅଳସୁଆମି ଆପେଆପେ ଆମ ଠାରୁ ଦୂରେଇ ଯାଏ । ଏକଥା ମୋ ଜେଜେ ବି ଥରେ କହୁଥିଲେ ଯେ ଈଶ୍ୱର ରାତି ସୃଷ୍ଟି କରିଛନ୍ତି କେବଳ ବିଶ୍ରାମ ନେବା ପାଇଁ । ଆମେ କିନ୍ତୁ ତାର ବିପରୀତ କାମ କରୁଛୁ । ”

“ ମୋ ମାଆ କହୁଥିଲା ମଣିଷ ନିଜର ଆହାର ବଦଳି ଚାଲେ । ଏହା ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଶୁଭଙ୍କର ନୁହେଁ । ସେଇଥିପାଇଁ ତ ସେ ନାନା ରୋଗରେ ଆକ୍ରାନ୍ତ ହୁଏ । ନିୟମିତ ଶୁଦ୍ଧ ଭୋଜନ କରିବା ଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ । ଆମେ ସବୁବେଳେ ପେଟର କିଛି ଅଂଶ ଖାଲି ରଖୁ । କେବେ ପୂରା କରୁନା । ”

“ ହଁ , ଏ କଥା ମୁଁ ଶୁଣିଛି ଜେଜେଙ୍କ ଠାରୁ । ସେ କୁହନ୍ତି ପେଟର ଚଉଠ ଭାଗ ଖାଲି ରଖିବା ଉଚିତ । ଏମିତି କଲେ ଖାଦ୍ୟ ସହଜରେ ହଜମ ହୁଏ । କିଛି ରୋଗ ହୁଏ ନାହିଁ । ଆଚ୍ଛା ଚଢେଇ, ତୁମମାନଙ୍କୁ ତ କିଛି ରୋଗ ହେଉଥିବ ?”

“ସେମିତି ଦେଖିବାକୁ ଗଲେ ପ୍ରାୟ ଆମେ କିଛି ରୋଗରେ ପଡୁନା । ଯଦି କେବେ କେମିତି କିଛି ହୁଏ, ତେବେ ଆମେ ଖାଇବା ବନ୍ଦ କରିଦେଉ । ଦେହ ଭଲ ହେଲେ ପୁଣି ଖାଉ । ପ୍ରକୃତି ଆମକୁ ଯାହା ଦିଏ , ସେତିକି ଆମେ ଖାଉ । ସେଥିରେ କିଛି ମିଶାଇ ଆମେ ଖାଉନା । ମଣିଷମାନେ ତ ବିଭିନ୍ନ ମସଲା ତେଲ ରାସାୟନିକ ଦ୍ରବ୍ୟ ଯୁକ୍ତ ଗୁରୁପାକ ଖାଦ୍ୟରେ ଅଭ୍ୟସ୍ତ । ତେଣୁ ସେମାନେ ରୋଗରେ ପଡିବା କିଛି ବିଚିତ୍ର ନୁହେଁ ।”

“ ତାପରେ ..ଆଉ ସବୁ କଣ ଆମର ଖରାପ ଅଭ୍ୟାସ ?”

“ଆମେ ଅଳସୁଆ ହେଉନା । ପରିଶ୍ରମ କରିବା ଦ୍ୱାରା ଆମ ମନ ଆଉ ଦେହ ସୁସ୍ଥ ରହିଥାଏ । ଆମେ କେବେ କାହା ବିରୁଦ୍ଧରେ ଏଣୁତେଣୁ କହି କଳହ କରୁନା । ଆମ ଭିତରେ ସର୍ବଦା ସଦ୍‌ଭାବ ରହିଥାଏ । ଆମେ ଆମର ଭାଷା କୁ କେବେ ଛାଡି ପାରୁନା । ଆମ ପିଲାଙ୍କୁ ଆମେ ଭରପୂର ସ୍ନେହ ଦେଉ । କିଚିରି ମିଚିରି କାକଳିରେ ଆମେ ପ୍ରକୃତିକୁ ଆହୁରି ସୁନ୍ଦର କରିଥାଉ । ଅନ୍ୟକୁ ଖୁସି ଦେବା ପାଇଁ ଆମେ ସବୁବେଳେ ଚେଷ୍ଟା କରୁ ।”

“ ମୁଁ ବୁଝିଗଲିରେ ଚଢେଇ । ମୋ ଜାଣିବାରେ ସତରେ ଆମେ ଅନେକ ଭୁଲ କାମ କରୁଛୁ । ହେଲେ ମୁଁ ଭାବୁଛି , ଆମେ ଏମିତି ଏକ ଯୁଗରେ ବାସ କରୁଛୁ ଯେ ଆମକୁ ପରିସ୍ଥିତି ଦୃଷ୍ଟିରୁ ସେହି ଭୁଲ କାମ ଭିତରୁ କିଛି ଆମେ ଉପାୟଶୂନ୍ୟ ହୋଇ କରିଥାଉ । ତେବେ ମୁଁ ତୋତେ କଥା ଦେଉଛି , ମୁଁ ବଡ ହେଲେ ଏମିତି ସବୁ କାମ ଠାରୁ ନିଜକୁ ଦୂରେଇ ରଖିବି । ଏବେ କହ, ମୋ ସାଂଗ ହବୁ ତ ?”

ଚଢେଇ ଟିକେ ନିରବ ରହିଲା । ହୁଏତ ସେ କଣ କହିବ ବୋଲି ମନେମନେ ଭାବୁଥିଲା ।

କହିଲା , “ ସତରେ ଛୁଆବାବୁ...ତମେ ବହୁତ ବହୁତ ଭଲ ପିଲା । କିନ୍ତୁ କହିବା ପାଇଁ ମୋତେ ଦୁଃଖ ଲାଗୁଛି ଯେ ମୁଁ ତୁମ ସାଂଗ ହୋଇ ପାରିବିନି । ହେଲେ ତୁମେ ମନ ଉଣା କର ନାହିଁ , ଏମିତି ମୁଁ ପ୍ରତିଦିନ ତୁମ ପାଖକୁ ଆସିବି । ଆମେ କଥା ହେବା । ବାସ୍..।”

“ କିନ୍ତୁ କଣ ପାଇଁ ମୋ ସାଂଗ ହବୁନି କି ? ”

“ ମୋ ମାଆ ମୋତେ ଏମିତି କରିବା ପାଇଁ ମନା କରିଛି ବୋଲି ତ ମୁଁ ତୁମକୁ ଆରମ୍ଭରୁ କହିଛି । ମୁଁ ମୋ ମାଆଙ୍କ କଥା ମାନିବି । ଏହା ଆମର ଧର୍ମ । ଗୁରୁଜନଙ୍କ କଥା ମାନି ଚଳିବା ସମସ୍ତଙ୍କର କର୍ତ୍ତବ୍ୟ । ଏହା କଲେ ନିଜର ମଙ୍ଗଳ ହୁଏ । ତୁମେ ବି ସେମିତି କରିବ । ସବୁବେଳେ ଗୁରୁଜନଙ୍କ କଥା ମାନି ଚଳିବ । ହଉ , ଆଜି ପାଇଁ ବିଦାୟ ଛୁଆବାବୁ...ପୁଣି କାଲି ଭେଟ ହେବ ।”

ଏତକ କହିଦେଇ ସେ ଫୁରର୍ କରି ଉଡି ଚାଲିଗଲା । ତା ଯିବା ବାଟକୁ ଚାହିଁ ସୋନୁ ଭାବୁଥିଲା ଚଢେଇଟି ତ କିଛି ଭୁଲ କଥା କହି ନାହିଁ ।

♥ ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

# ଖୁସି ପସରା



ନଗେନ୍ଦ୍ର ନାଥ ପଟ୍ଟନାୟକ



ଜିଙ୍ଗଲବେଲସ୍ , ଜିଙ୍ଗଲବେଲସ୍, ଜିଙ୍ଗଲଅଲ୍ ଦି ୱ୍ଠ. .......କ୍ରିସମାସ ରାଇମ ଶୁଣି କୁଣାଳ ନିଜ ଘର ଝରକା ଦେଇ ବାହାରକୁ ନିରେଖି ଚାହିଁଲା। ସେଦିନ ବଡଦିନ ପହିଲି ରାତିରେ ଲାଲ ଟୁକୁଟୁକୁ ସଫା ପୋଷାକ ପିନ୍ଧି, ଝୋଟ ଭଳିଆ ଲମ୍ବାଲମ୍ବା ଧଳାଦାଢି ରଖି ଓ କାନ୍ଧରେ ପୁଟୁଳା ଲଦି ସାନ୍ତାକ୍ଲଜ ଗାଡିରେ ନାନା ପ୍ରକାର ଆଖିଝଲସା ଉପହାର ସବୁ ବାଂଟୁଥାନ୍ତି । ସାନ୍ତାକ୍ଲଜକୁ ଦେଖିବା ମାତ୍ରେ କୁଣାଳ ମନ ଖୁସିରେ ନାଚିଉଠିଲା। ଆନନ୍ଦରେ କୁରୁଳିଉଠି ତାଳିମାରି ବଡ ପାଟିରେ ଡାକିଲା - ସାନ୍ତା ଅଙ୍କଲ ! ହଁ ଗେହ୍ଲାପୁଅ, ତୁମ ଲାଗି ମୁଁ ଖୁବ୍ ସୁନ୍ଦର ଉପହାର ଆଣିଚି ହେଇ ଦେଖ ଏଇ ପୁଚୁପୁଚୁଆ ଖେଳନା । ଯାକୁ ତୁମେ ଚାହିଁଥିଲ ନା ? କୁଣାଳ ଆଖି ଯୋଡିକ ଉଜ୍ଜ୍ୱଳି ଉଠିଲା । ଚମକିପଡି କୁଣାଳ କହିଲା -ଅଙ୍କଲ,ମୁଁ ଯାକୁ ଚାହୁଁଚି ବୋଲି ତୁମେ ଜାଣିଲ କେମିତି ?

-ମୁଁ ବେଶ୍ ଭଲ ଭାବରେ ଜାଣେ କୋଉ ପିଲା କଣ ଚାହେଁ । ବଲଗାହରିଣ ଟଣା ଉଡନ୍ତା ଗାଡିରେ ମୁଁ କୁହୁକ ବାଲି ପକାଇ ଦେଇଚି । ସେଟା ଗଳିକନ୍ଦିରେ ଉଡିଉଡିକା ଯାଏ । ଆଉ ପିଲାଙ୍କ ମନ ପସନ୍ଦକୁ ଜାଣି ସବୁ ଉପହାର ଗାଡିରେ ଭର୍ତିକରି ଘେନିଆସେ । ପିଲାଙ୍କୁ ଯେତେବେଳେ ମନମାଫିକ ଉପହାର ମିଳିଯାଏ ସେମାନଙ୍କ ଚେହେରାରେ ଖୁସିର ଝଲକ ଉକୁଟିଆସେ । ପିଲାମାନେ ବଡଦିନ ଅପେକ୍ଷାରେ ଥାନ୍ତି ପୂରା ଏକମାସ ବିତିଯାଏ ସେମାନଙ୍କ ହସଖୁସିରେ । ଏଇଲେ ମୁଁ ଚାଲିଲି, ମତେ ଏଥର ଅନେକ ଜାଗା ଯିବାକୁ ପଡିବ । ସକାଳ ହେବା ଆଗରୁ ସୌଖିନୀ ଉପହାର ସବୁ ବାଂଟିବାକୁ ହେବ ।

- ଓହୋ, ସାନ୍ତା ଅଙ୍କଲ ! ତୁମ କ’ଣ ସତରେ ହାଲିଆ ହୋଇଗଲଣି ? ପୁଅ ,ମତେ କ’ଣ ତୁମେ ସାହାଯ୍ୟ କରିବ ?

- ହଁ ,ସକାଳ ହେବା ଆଗରୁ ମତେ ଘରକୁ ଫେରିଆସିବାକୁ ହେବ । ନଇଲେ ମାମା ବାପା ବଡ ହଇରାଣ ହେବେ । କୃଣାଳ ଓ ସାନ୍ତା ସଡକ ପାରହୋଇ ଯାହାଙ୍କ ଘର ସାମନାରେ ପହଁଚିଲେ ସେଇ ଘର ଭିତରୁ ପିଲାଟିର କଇଁକଇଁ କାନ୍ଦୁଥିବାର ଶବ୍ଦ ଭାସୁ ଆସୁଥିଲା । ବାପା ତାକୁ ବୋଧଦେଇ କହୁଥିଲେ- ମୁଁ ଏଥର ତୋତେ କୌଣସି ଉପହାର ଦେଇପାରିଲ ନାହିଁ । କରୋନା ମହାମାରୀ ବେଳେ ମୋର ଚାକିରି ଖଣ୍ଡିକ ଚାଲିଗଲା । ବହୁତ ରାତି ହୋଇଗଲାଣି । ଏଇଲେ ତୁ ଶୋଇପଡ ।

ଏତିକିବେଳେ ସାନ୍ତା ତାଙ୍କ ଘରର ଝରକାକୁ ଆସ୍ତେକିନା ଠକଠକ କଲା । ଝରକା କଡରେ ଉପହାର ଭରା ବାକସ୍‌ଟିଏ ଥୋଇଦେଲା । ଜିଙ୍ଗଲବେଲସ୍ ଜିଙ୍ଗିଲବେଲସ୍ .. ...କ୍ରିସ୍‌ମାସ ରାଇମ ଶୁଣି କାନ୍ଦୁରା ପିଲାଟି ଶାନ୍ତ ପଡିଗଲା। ସାନ୍ତାକ୍ଲଜ ଆସିଚି ମୋ ପାଇଁ ଉପହାର ଆଣିଥିବ-ଏଇଆ କହି ପିଲାଟି ଝରକା ଖୋଲିଲା। ସେଇଠି ଥୁଆ ହୋଇଥିବା ବାକସ୍‌ଟିକୁ ଦେଖି ପିଲାଟି ମନ ଖୁସିରେ ଥେଇଥେଇ ହୋଇ ନାଚିବାକୁ ଲାଗିଲା । କୁଣାଳ ଦେଖିଲା ପିଲାଟିର ଆଖିଯୋଡିକ ଚିକମିକ ତାରାଙ୍କ ଭଳି ଝଲସୁଛି । ସାନ୍ତା ଓ କୁଣାଳ ଦୁହେଁ ଆଗକୁ ବଢିଲେ । ରାସ୍ତାର ଶେଷ ମୁଣ୍ଡରେ ଗୋଟିଏ ଝାଟିମାଟିର ନୁଆଁଣିଆ ଚାଳଘର। ସେଇ ଚାଳଛପର ଘର ବାହାରେ କିଟିକିଟି ବହଳ ଅନ୍ଧାର । ଘର ଭିତରେ ମିଂଜିମିଂଜି ହୋଇ ଦୀପଟିଏ ଜଳୁଥାଏ ।

- ସାନ୍ତା ଅଙ୍କଲ, ଏଇ ଘର ଭିତରେ ତ କାଳି ଅନ୍ଧାର ଛାଇ ହୋଇଯାଇଚି ।

- ଠିକଅଛି, ୟାରି ଭିତରେ ମୁଁ କେମିତି ଆଲୁଅ ଖେଳେଇ ଦେଉଚି ତା ତୁମେ ଲକ୍ଷକର । ଏଇଆ କହି ସେ ଝାଟିମାଟି ଘରେ ଆଲୁଅର ଝାଲେରି ଟାଙ୍ଗିଦେଲା । ଆଖିପିଛୁଳାକେ ଘର ବାହାର ବି ଆଲୁଅ ଖେଳିଗଲା। ଘର ଭିତରେ ବସିଥିବା ପିଲାଙ୍କ ହାତକୁ ସୁଆଦିଆ ଖାଦ୍ୟ ପାକେଟ,ପାଛିଆଏ ମିଠାଫଳ ଓ ବିସ୍କୁଟ ବଢାଇଦେଲା । ଦୁଇଦିନ ଧରି ପିଲାଏ ଭୋକିଲା ଥିଲେ । ପେଟକୁ ମୁଠେ ଦାନା ପାଇଲେ ନାଇଁ । ତେଣୁ ସେମାନଙ୍କ ଆଖିକୁ ଟିକେ ନିଦ ଆସିଲା ନାଇଁ । ପିଲାଟି ଭୋକରେ ଛଟପଟ ହୋଇ ସୁଆଦିଆ ଚିଜ୍ ନେଇ ଖାଇବାକୁ ଲାଗିଲା । ତାକୁ ଦେଖି କୁଣାଳ ଭାବିଲା ଇଏ ତାର ମାମାଙ୍କୁ ନିଶ୍ଚେ ହଇରାଣ ହରକତ କରୁଥିବ । କେତେ ଖାଦ୍ୟ ଖାଇବା ଥାଳିରେ ଛାଡି ଚାଲି ଯାଉଥିବ । ଚକଲେଟ ,ଆଇସକ୍ରିମ ଅଧେ ଖାଇ ବାକି ଅଧକ ଫିଙ୍ଗି ଦେଉଥିବ । ଏଇଲେ ସେ ସବୁ ଖାଇବା ଦରବକୁ ନଷ୍ଟ କରିବ ନାଇଁ, ସେ ନିଜକୁ ନିଜେ କଥା ଦେଇଚି । ସାନ୍ତା ଓ କୁଣାଳ ଦୁହେଁ ପୁଣି ଧୀରେଧୀରେ ଆଗକୁ ପାଦ ବଢାଇଲେ । ସାନ୍ତା କାହା ଘର ବାହାରେ ତ କାହାର ବଗିଚାରେ ,କାହାର ଛାତ ଉପରେ ତ ପୁଣି ବେଳେବେଳେ ପିଲାଙ୍କ ପାଖରେ ଖେଳନା ଥୋଇ ଚାଲିଯାଉଥିଲେ। କୁଣାଳ ମନକୁ ମନ ପ୍ରଶ୍ନକରେ - କାହାକୁ ଦେଖିବା କ୍ଷଣି ଉପହାର ସବୁ ରଖି ଦେବାଟା କଣ ସାନ୍ତା ଅଙ୍କଲଙ୍କ ଠିକ୍ କାମ ? ଏଥର କୁଣାଳ କହିଲା -ଅଙ୍ଗଲ ,ପିଲାମାନେ ସକାଳୁ ଉଠିବା ମାତ୍ରେ ପ୍ରଥମେ ତାଙ୍କ ଆଖି ଯେଉଁସବୁ ଚିଜ ଉପରେ ପଡେ ସେ ସବୁକୁ ହାତେଇବାକୁ ସେମାନଙ୍କ ଭାରି ଇଚ୍ଛା । ସେତେବେଳେ ସେମାନଙ୍କର ଖୁସି କାଇଁରେ କେତେ ! ବାଟରେ ଯାଉଯାଉ ଦୁହେଁଯାକ ଗୋଟିଏ ବିରାଟ ନେଳିଆ କୋଠିଘର ସାମାନରେ ପହଁଚିଲେ। ବାହାର ଗୀର୍ଜା ଭିତରେ ଅନେକ ଯାନ ଧାଡିଧାଡି ହୋଇ ଠିଆ ହୋଇଥାଏ । ଗୀର୍ଜା ଭିତରେ ପାର୍ଟିର ଆସର । ସମସ୍ତେ ନାଚ ଗୀତରେ ମସଗୁଲ ଥାଆନ୍ତି । କୋଠିଘର ପଛପଟେ ଥିବା ଏକ କୋଠରୀ ଭିତରକୁ ଯାଇ ସାନ୍ତା ଗୋଟେ କୋଣରେ ଛିଡାହେଲେ । କୋଠରୀ ଭିତରେ ଝରକା ସବୁ ଖୋଲା ଥାଏ । ପରଦା ବାହାର ଫାଙ୍କ ଦେଇ କୁଣାଳ ଭିତରକୁ ନିରେଖି ଅନାଉଥାଏ । ବିରାଟ କୋଠରୀ ଭିତରେ ଆଖିଝଲସା ଚମତ୍କାର ଖେଳନା କାଠତିଆରି ଅନେକ ଘରକରଣା ଚିଜ୍ ସଜିଲ ହୋଇ ଥୁଆ ହୋଇଥାଏ । କାନ୍ଥରେ ଦାମୀ ରଙ୍ଗିନ ଚିତ୍ର ସବୁ ଝୁଲୁଥାଏ । କଣ୍ଢେଇ ଭଳି ଦିଶୁଥିବା କୁନି ଝିଅଟେ ଗୋଟିଏ ବଡ ଖଟ ଉପରେ ଗୁମସୁମ ହୋଇ ବସିଥିଲା। ଏତିକିବେଳେ ତାର ଧାଇମା ଆସି କହିଲେ -ଝିଅ ଶୋଇଯା, ବାହାରେ ମୋର ଅନେକ କାମ ବାକି । ଘରୁ ଏଯାଏ ଅତିଥି ବିଦା ହେଲେନି । -ସାନ୍ତା ଅଙ୍କଲ ! ଏ କୁନି ଝିଅଟି ଏମିତି ଉଦାସିଆ ଦିଶୁଚି କାଇଁକି ? ୟାର ପାଖେ ତ ଢେର ସୌଖୀନ ଚିଜ ରହିଚି । ୟାର ତ ଖେଳନା ଦରକାର ନାଇଁ । ଏଥର ଏଠୁ ଚାଲ। ୟାକୁ ଆଉ ଉପହାର ଦେବାନି। ୟା କହି କୁଣାଳ ସାନ୍ତାଙ୍କ ହାତଧରି ଟାଣିବାକୁ ଲାଗିଲା । ୟା ମୁହଁରେ ମୁଁ ଟିକେ ହସ ଫୁଟାଇବି । କାରଣ ସେ ଏକୁଟିଆ । ହେ ମୋର କୁନିସାନ୍ତା, ଚାହିଁଲେ ତୁ ୟା ସହିତ ମିତ ବସିପାର। ଏଇଆ କହି ସାନ୍ତା ଅଙ୍କଲ କୁଣାଳ ମୁଣ୍ଡକୁ ଟିକେ ଆଉଁସିଦେଲେ। କୁଣାଳକୁ ମନେହେଲା ସତେ ଯେମିତି ତା ଅନ୍ତରରେ ଖୁସିମାନେ ଫୁଲଝରି ହୋଇ ଝିଲିମିଲି ହେଉଛନ୍ତି । ଚାହୁଁଚାହୁଁ ରଙ୍ଗ ବେରଙ୍ଗର ପୋଷାକରେ ପରୀମାନଙ୍କ ଭଳି ବେଶଭୂଷା ହୋଇ କୁନିକୁନି ଝିଅମାନେ ବେଢିଗଲେ । ଉଦାସୀ ଝିଅଟିକୁ କଣ୍ଢେଇ ଝିଅଟି ଖାଲି ଖିଲିଖିଲି ହୋଇ ହସିବାକୁ ଲାଗିଲା । -ମୋର ମାମା ବାପା ମତେ କେତେ ମନେପକାନ୍ତି। ମତେ କେବେ ଏକୁଟିଆ ଛାଡନ୍ତିନି । ତଥାପି ମୁଁ ଜିଦ୍ କରେ। ଏଇୟା ଭାବି କୁଣାଳ ଠିକକଲା ମୁଁ ଏଣିକି ମାମା ବାପାଙ୍କ ବୋଲ ମାନିବି । ଉପହାର ବାଂଟୁବାଂଟୁ ଗାଡି ଯେ କେତେବେଳେ ପୂରା ଖାଲି ହୋଇଗଲା ଜଣାପଡିଲା ନାଇଁ । ସାନ୍ତା କାହାକୁ ଖେଳନା ବାଂଟୁଥାନ୍ତି ତ କାହା ହାତକୁ ବହି ସବୁ ବଢାଇ ଦେଉଥାନ୍ତି । ପୁଣି କାହାକୁ ଖାଇବା ଦରବ ଆଉ କାହାକୁ ସପନ ବାଂଟୁଥାନ୍ତି । ଏସବୁ ଉପହାର ଭିତରେ ଖୁସିର ମହକ ଭରିରହିଥିଲା ।

+୯୯୯-୩,ଜଗମୋହନ ନଗର,ଜାଗମରା,ଖଣ୍ଡଗିରି
ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮

# ୨୬ରେ କଂଗ୍ରେସ ସେବାଦଳର ବିଶାଳ ସଦ୍‌ଭାବନା ସମାବେଶ

ଭୁବନେଶ୍ୱର,୨୪/୧୨ (ନି.ପ୍ର): ରାଜ୍ୟର ଯୁବପିଢ଼ୀଙ୍କ ନିକଟରେ ଗାନ୍ଧୀ, ଗୋପବନ୍ଧୁଙ୍କ ବାର୍ତ୍ତାକୁ ପହଂଚାଇବା ପାଇଁ ଆସନ୍ତା ୨୬ ତାରିଖରେ ରାଜ୍ୟ କଂଗ୍ରେସ ସେବାଦଳ ପକ୍ଷରୁ ଏକ ରାଜ୍ୟ ସ୍ତରୀୟ ସଦ୍‌ଭାବନା ସମାବେଶ କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ସମ୍ବାଦିକ ସମ୍ମିଳନରେ କହିଛନ୍ତି। ଏହି ସମାବେଶରେ ବିଭିନ୍ନ ଜିଲ୍ଲାରୁ ସେବାଦଳ କର୍ମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ୨୬ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡଃ ଏ ଚେଲା କୁମାର ସବୁଜ ପତାକା ଦେଖାଇ ଉଦଘାଟନ କରିବେ। କଂଗ୍ରେସ ଭବନଠାରୁ ସେବାଦଳ କର୍ମୀମାନେ ଗଣ ପୋଷାକରେ ବାହାରି ୟୁନିଟ ୩ ଗୁରୁଦ୍ୱାର, ରାମମନ୍ଦିର, ସ୍କାଉଟ ଗାଇଡ଼ ଅଫିସ ଦେଇ ବୁଦ୍ଧ ମନ୍ଦିର, ରାଜଧାନୀ ମସଜିଦ ଓ କ୍ୟାଥୋଲିକ ଚର୍ଚ୍ଚ ଠାରୁ କେଶରୀ ଟକିଜ ଛକ ତଳ ରାସ୍ତାରେ ରାଷ୍ଟ୍ରୀୟ ଯୁବ ପ୍ରକଳ୍ପ କାର୍ଯ୍ୟାଳୟରେ ଡଃ ସୁବାରାଓଙ୍କ ଫଟୋରେ ପୁଷ୍ପାର୍ଘ ପ୍ରଦାନ କରି କଂଗ୍ରେସ ଭବନ ପଂହଚିବ। ସବୁ ଧର୍ମ ସଂସ୍ଥାର କର୍ମକର୍ତ୍ତାଙ୍କୁ ଏହି ମହାନ କାର୍ଯ୍ୟରେ ଯୋଗାଦେବା ପାଇଁ ଅନୁରୋଧ କରାଯାଇଛି। ରାଲିକୁ ଆକର୍ଷଣୀୟ କରିବାପାଇଁ ବ୍ୟାଣ୍ଡ, ଲଉଡି ଖେଳ, ଘଂଟବାଦ୍ୟ, ଡଙ୍ଗରିଆ କନ୍ଧମାନଙ୍କ ବାଦ୍ୟ ଓ ନୃତ୍ୟ ଏବଂ ଖୋର୍ଦ୍ଧାର ପାଇକ ଝିଅ ଓ ପୁଅ ମାନଙ୍କ ଦ୍ୱାରା କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯିବ। ରାଲି କଂଗ୍ରେସ ଭବନ ଠାରେ ପହଂଚିବା ପରେ ଏକ ସଂକ୍ଷିପ୍ତ ସଭା ଅନୁଷ୍ଠିତ ହେବ। ଏହି ସଭାରେ ଡଃ ଚେଲା କୁମାର, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସଂପାଦକ ଜି ରୁଦ୍ର ରାଜୁ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ନିଖିଳ ଭାରତ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଲାଲଜୀ ଭାଇ ଦେଶାଇ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ କଂଗ୍ରେସ ସେବାଦଳ ପକ୍ଷରୁ ୧୯୮୩ ମସିହାରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ବର୍ତ୍ତମାନର ଇନ୍ଦିରା ପାର୍କ ସେତେବେଳର ପ୍ୟାରେଡ଼ ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ହୋଇଥିଲା,ସେହି କାର୍ଯ୍ୟକ୍ରମରେ ସେତେବେଳର ଏଆଇସିସି ସାଧାରଣ ସଂପାଦକ ଥିବା ସ୍ୱର୍ଗୀୟ ରାଜୀବ ଗାନ୍ଧୀ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ, ମୁଖପାତ୍ର ମନୋରଞ୍ଜନ ଦାଶ, ଓବିସି ଅଧ୍ୟକ୍ଷ ଜ୍ଞାନଦେବ ବେଉରା, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର, ସେବାଦଳ କର୍ମକର୍ତ୍ତା ମହମ୍ମଦ ଶାହାଦୁଲ୍ଲା ଓ କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାଟେଲାଇଟ୍ ସର୍ଭେ ଯୋଗୁ ୨୬ ହଜାର ଭୂତ ଚାଷୀ ଧରାପଡ଼ିଛନ୍ତି: ଖାଦ୍ୟ ଓ ଯୋଗାଣମନ୍ତ୍ରୀ



ଭୁବନେଶ୍ୱର,୨୪/୧୨ (ନି.ପ୍ର): ଟୋକନ ବ୍ୟବସ୍ଥା ଓ ଟେକନୋଲୋଜି ଦ୍ୱାରା ଆଜି ସୁଦ୍ଧା ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ସୂଚାରୁ ରୂପେ ଚାଲିଛି ବୋଲି ଖାଦ୍ୟ ଓ ଯୋଗାଣମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ୭ ଲକ୍ଷ ୮୦ ହଜାର ୭୧୦ ମେଟ୍ରିକ ଟନର ଧାନ ସଂଗ୍ରହ ଆଜି ସୁଦ୍ଧା କରାଯାଇଛି। ଯେଉଁଥିରେ ୧ ଲକ୍ଷ ୫୦ ହଜାର ୨୭୩ ଚାଷୀ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରହିଛନ୍ତି। ବର୍ଷା ଓ ପାଣିପାଗର ଅବ୍ୟବସ୍ଥା ଯୋଗୁ ଧାନକଟାରେ ୧୫ରୁ ୨୦ ଦିନ ବିଳମ୍ବ ହୋଇଛି। ଧାନକିଣା ସମ୍ପୂର୍ଣ୍ଣ ଭାବେ ସୁଚାରୁ ରୁପେ ହେବ। ସରକାରୀ ସ୍ତରରେ କୌଣସି ପ୍ରକାରର ତ୍ରୁଟି ହେବ ନାହିଁ। ସେଥିପାଇଁ ଆମ ବିଭାଗ ସଚେତନ ଅଛି । ଧାନ କିଣା ଅବ୍ୟବସ୍ଥା ଓ ଦୁର୍ନୀତି ନେଇ ବିରୋଧୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି, ପାଇଲଟ ପ୍ରକଳ୍ପ ଭାବେ ଆମେ ଏଥର ସାଟେଲାଇଟ ସର୍ଭେ କରିଛୁ। ଯାହାଦ୍ୱାରା ଏଥିରେ ୨୬ ହଜାର ଫ୍ଲସ ଏଣ୍ଟ୍ରି ବା ଭୂତ ଚାଷୀ ବାହାରିଛନ୍ତି। ଏହା କରିବା ଦ୍ୱାରା ଆମେ ୧୬୦୦ କୋଟି ଟଙ୍କା ବଞ୍ଚାଇଛୁ। ମୋ ନିର୍ବାଚନ ମଣ୍ଡଳୀର ଗୋଟିଏ ମିଲର ଛଡ଼ା ଆଉ କିଏ ମିଲର ଅଛନ୍ତି ମୁଁ ଜାଣେ ନାହିଁ। ମିଲରମାନେ ମୋ ଦୁଆରମୁହଁକୁ ଆସନ୍ତି ନାହିଁ ବୋଲି କହି ବିରୋଧୀଙ୍କ ଅଭିଯୋଗର ଉତ୍ତର ରଖିଛନ୍ତି ମନ୍ତ୍ରୀ। ଯଦି ନିର୍ଦ୍ଧିଷ୍ଟ ଅଭିଯୋଗ ଅଛି ଆଣନ୍ତୁ, ବିଭାଗ ସବୁ ଶୁଣିବ।

# ଭୁବନେଶ୍ୱର ରେଲୱେ ଷ୍ଟେସନ୍‌କୁ ମିଳିଲା ଇଟ ରାଇଟ ମାନ୍ୟତା




ଭୁବନେଶ୍ୱର,୨୪/୧୨ (ନି.ପ୍ର): ଯାତ୍ରୀମାନଙ୍କୁ ଉଚ୍ଚମାନର, ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଖୋର୍ଦ୍ଧା ରୋଡ଼ ର ଭୁବନେଶ୍ୱର ରେଳ ଷ୍ଟେସନକୁ "ଇଟ ରାଇଟ " ଷ୍ଟେସନ ଭାବରେ ମାନ୍ୟତା ପତ୍ର ପ୍ରଦାନ କରାଯାଇଛି । ୧ ରୁ ୫ ପର୍ଯ୍ୟନ୍ତ ରେଟିଂ ସହିତ ଖାଦ୍ୟ ନିରାପତା ଏବଂ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ ଦ୍ୱାରା ନିୟୋଜିତ ଥାର୍ଡ ପାର୍ଟି ଅଡିଟ୍ ଏଜେନ୍ସିର ସର୍ଭେ ସମାପ୍ତି ପରେ ଏହି ମାନ୍ୟତା ପତ୍ର ଭୁବନେଶ୍ୱର ରେଲୱେ ଷ୍ଟେସନ୍ କୁ ପ୍ରଦାନ କରାଯାଇଥିଲା । ଭୁବନେଶ୍ୱର ଷ୍ଟେସନ ୪ ତାରକା ମୂଲ୍ୟାୟନ ହାସଲ କରିଛି । ୪-ତାରକା ମୂଲ୍ୟାୟନ ରେଳବାଇ ଯାତ୍ରୀମାନଙ୍କ ପାଇଁ ନିରାପଦ ତଥା ସ୍ୱଚ୍ଛ ଖାଦ୍ୟ ଉପଲବ୍ଧ କରାଇବା ପାଇଁ ଏକ ବଳିଷ୍ଠ ପ୍ରୟାସ। ଏହା ଭୁବନେଶ୍ୱର ଷ୍ଟେସନରେ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ଆଦର୍ଶ ପ୍ରୟାସକୁ ସୂଚିତ କରେ । ଭୁବନେଶ୍ୱର ରେଳ ଷ୍ଟେସନରେ ଥିବା ସମସ୍ତ କ୍ୟାଟରିଂ ଷ୍ଟଲରେ ଖାଦ୍ୟ ଲାଇସେନ୍ସ ପ୍ରମାଣପତ୍ର ଏବଂ ବିକ୍ରେତାଙ୍କ ପାଖରେ ମେଡିକାଲ ଫିଟନେସ୍ ସାର୍ଟିଫିକେଟ୍ ରହିଛି । ଆଜି ଭୁବନେଶ୍ୱର ରେଳ ଷ୍ଟେସନରେ ଏକ କାର୍ଯ୍ୟକ୍ରମରେ ଯାମିନୀ ସଡଙ୍ଗୀ, ଓଡିଶା ସରକାରଙ୍କ ଖାଦ୍ୟ ସୁରକ୍ଷା କମିଶନର ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ଡିଭିଜନାଲ ରେଳ ମ୍ୟାନେଜର ଶ୍ରୀ ରିଙ୍କେଶ ରଓୟଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ରିଙ୍କେଶ ରୟ କହିଛନ୍ତି ଯେ ଖୋର୍ଦ୍ଧା ରୋଡ଼ ଡିଭିଜନ ପାଇଁ ଏହା ଏକ ଗର୍ବର ବିଷୟ ଏବଂ ଭବିଷ୍ୟତରେ ଭୁବନେଶ୍ୱର ଷ୍ଟେସନରେ ଆମର ମୂଲ୍ୟବାନ ଯାତ୍ରୀଙ୍କ ପାଇଁ ସ୍ୱଚ୍ଛତା ଏବଂ ଖାଦ୍ୟ ଗୁଣର ମାନ ବଜାୟ ରଖିବା ପାଇଁ ଆମକୁ ଅଧିକ ଦାୟିତ୍ୟବାନ ହେବାକୁ ପଡ଼ିବ। ସେ କହିଲେ ଯେ ପୁରୀ, କଟକ ଓ ଡିଭିଜନର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ କୁ "ଇଟ ରାଇଟ " ବର୍ଗରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ କରାଯିବ। ଡ଼କ୍ଟର ପି .କେ. ମହାପାତ୍ର, ନିର୍ଦ୍ଦେଶକ ଖାଦ୍ୟ ନିରାପତା, ବି.ଜି.ଏସ୍ ରାଓ, ମୁଖ୍ୟ ଚିକିତ୍ସା ଅଧୀକ୍ଷକ (ସି.ଏମ.ଏସ୍), ଅମିତେଶ ଆନନ୍ଦ, ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଖୋର୍ଦ୍ଧା ରୋଡ଼ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଚଣ୍ଡିଗଡ଼, ଆନନ୍ଦ ବିହାର ଟର୍ମିନାଲ, ଛତ୍ରପତି ଶିବାଜୀ ଟର୍ମିନାସ, ମୁମ୍ବାଇ ସେଂଟ୍ରାଲ ଏବଂ ଭଦୋଦରା ରେଳ ଷ୍ଟେସନ ପରେ ପ୍ରମାଣପତ୍ର ପାଇବା ରେ ଭୁବନେଶ୍ୱର ରେଳ ଷ୍ଟେସନ ହେଉଛି ଭାରତୀୟ ରେଳବାଇର ୬ଷ୍ଠ ରେଳ ଷ୍ଟେସନ।

# ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ପରିଷଦ ବୈଠକ

## ୨୦୨୦ରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ୪୭୩୮

ଭୁବନେଶ୍ୱର,୨୪/୧୨ (ନି.ପ୍ର): ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ । ବିଶ୍ୱର ଅନ୍ୟ ଦେଶ ତୁଳନାରେ ଆମ ଦେଶରେ ସର୍ବାଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା ସଡ଼କ ସୁରକ୍ଷା ପରିଷଦ ବୈଠକରେ ମତପ୍ରକାଶ କରିଛନ୍ତି।

ଆମ ରାଜ୍ୟ ଓଡ଼ିଶାରେ ୨୦୨୦ ମସିହାରେ ମୋଟରେ ୪୭୩୮ ଜଣ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ପ୍ରାୟ ୫ ହଜାର ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ୨୦୧୯ ମସିହା ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ପ୍ରାୟ ୧୧% ହ୍ରାସ ପାଇଛି ଓ ଏହାର ମୁଖ୍ୟ କାରଣ ହେଲା କୋଭିଡ୍-୧୯ ସ୍ଥିତିରେ ରାଜ୍ୟର ବିଭିନ୍ନ ଅଂଚଳରେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଲାଗୁ ହେବା କାରଣରୁ ମୃତ୍ୟୁହାର ହ୍ରାସ ପାଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ଆମ ରାଜ୍ୟରେ ଘଟୁଥିବା ପ୍ରତି ୧୦୦ଟି ଦୁର୍ଘଟଣାରେ ୪୮ ଜଣ ମୃତ୍ୟୁବରଣ କରୁଥିବାବେଳେ ଜାତୀୟ ସ୍ତରରେ ମୃତ୍ୟୁ ସଂଖ୍ୟା ୩୬ ବୋଲି ସେ କହିଛନ୍ତି ।

ରାଜ୍ୟରେ ମୁଖ୍ୟତଃ ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେଉଁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ଅଧିକ ସଂଖ୍ୟକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି ଓ ମୋଟର ସାଇକେଲ ଚାଳକଙ୍କ ସଂଖ୍ୟା ସମୁଦାୟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ୫୩ ପ୍ରତିଶତ ଏବଂ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ବ୍ୟକ୍ତି ହେଲ୍‌ମେଟ୍ ପିନ୍ଧି ନଥିବାରୁ ମୃତ୍ୟୁ ବରଣ କରୁଥିବା ମନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମାଇବା ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ପରିବହନ ବିଭାଗ ତରଫରୁ ସଡ଼କ ଦୁର୍ଘଟଣାପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ପ୍ରସ୍ତୁତ କରାଯାଇଛି । ଏମାନଙ୍କୁ ଫାର୍ଷ୍ଟ ରେସ୍‌ପଣ୍ଡର ଟ୍ରେନିଂ ଦିଆଯାଇଛି । ଯାନଚାଳକମାନଙ୍କ ପାଇଁ ରିଫ୍ରେସ୍ ର ଟ୍ରେନିଂ କରାଯାଉଛି। ବ୍ଲାକ୍ ସ୍ପଟ୍ ଗୁଡ଼ିକୁ ସେଭ୍ ଲାଇଫ୍ ଫାଉଣ୍ଡେସନ୍ ଦ୍ୱାରା ସର୍ଭେ କରାଯାଇ ତ୍ରୁଟି ସୁଧାରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ଆଇନ ସଚିବ, ପୋଲିସ ବିଭାଗର ଅତିରିକ୍ତ ଡିଜି, ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସଡ଼କ ସୁରକ୍ଷା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ତାଳଗୁଡ଼ ଭବନ ଉଦ୍‌ଘାଟିତ

ଭୁବନେଶ୍ୱର,୨୪/୧୨ (ନି.ପ୍ର): ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ନବନିର୍ମିତ ତାଳଗୁଡ଼ ଭବନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଭର୍ଚୁଆଲ୍ ଭାବେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ତାଳଗୁଡ଼ ସମବାୟ ସଂଘ ସମେତ ଅନ୍ୟ ସମବାୟ ସମିତିଗୁଡ଼ିକ ନିମନ୍ତେ ଆୟ ବୃଦ୍ଧିର ଏହା ଏକ ମାଧ୍ୟମ ହୋଇପାରିବ, ଯାହା ଗ୍ରାମୀଣ ଅର୍ଥନୀତି ବିକାଶରେ ସହାୟକ ହେବ ବୋଲି ସେ କହିଥିଲେ। ତାଳଗୁଡ଼ ଭବନଠାରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଆୟୋଜିତ ଏକ ବୈଠକରେ ବିଭିନ୍ନ ସମବାୟ ସମିତିର ଯୋଗଦେଇଥିବା ସଦସ୍ୟସଦସ୍ୟାମାନଙ୍କୁ ଉଦ୍‌ବୋଧନ ଦେଇ ତାଳଗୁଡ଼ ସମବାୟ ସମିତି ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକ ସଂପୂର୍ଣ୍ଣ ଭାବେ ଅର୍ଗାନିକ୍ ହେବା ଯୋଗୁଁ ଏହାର ଆଦର ରହିଛି । ତେବେ ପ୍ରତି ଜିଲ୍ଲାରେ ଏହି ସଂଘର ସମିତି ସଂଖ୍ୟା ବୃଦ୍ଧି କରିବାର ଆବଶ୍ୟକ ଓ ରହିଥିବା ସେ ଦର୍ଶାଇଥିଲେ । ବିଶେଷ ଭାବେ ତାଳଗୁଡ଼ ସଂଘ ଅନ୍ୟାନ୍ୟ ସମବାୟ ତୁଳନାରେ ପଛରେ ଥିବା ହେତୁ ଏଗୁଡ଼ିକ ଅନ୍ୟାନ୍ୟ ବୃତି ଯଥା: ମହୁ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ, କୁଟୀର ଶିଳ୍ପ ପ୍ରଭୃତିରେ ସାମିଲ କରିବାକୁ ହେବ ବୋଲି କହିଥିଲେ । ସେ ହିତାଧିକାରୀମାନଙ୍କ ଅନୁରୋଧ କ୍ରମେ ସମସ୍ତ ସଂଘଗୁଡ଼ିକ ନିମନ୍ତେ ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା କରାଯିବା ଏବଂ କାର୍ଯ୍ୟାଳୟର ପରିଚାଳନା ନିମନ୍ତେ ଅନ୍ୟୁନ ୫୦ ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରିବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ବ୍ୟତୀତ ଏମାନଙ୍କର ଉତ୍ପାଦଗୁଡ଼ିକୁ ବ୍ରାଣ୍ଡିଂ କରି ଉତମ ପ୍ୟାକେଜିଂ କରିବା ତଥା ବିକ୍ରୟ କେନ୍ଦ୍ରଗୁଡ଼ିକର ସଂପ୍ରସାରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ପରେ ତାଳଗୁଡ଼ ସଂପର୍କିତ ଏକ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ପ୍ରାରମ୍ଭିକ ସୂଚନା ଦେଇ ଶିଳ୍ପ ନିର୍ଦ୍ଦେଶକ ତଥା ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ମହାସଂଘର ପ୍ରଶାସକ ମହମ୍ମଦ ସାଦ୍ଦିକ୍ ଆଲାମ୍ ଏହା ଏକ ପୁରାତନ ସମବାୟ ସମିତି ହୋଇଥିବାବେଳେ କୋଭିଡ୍ ମହାମାରୀ ସମୟରେ ମଧ୍ୟ ରେକର୍ଡ ପରିମାଣ ବିକ୍ରି କରିପାରିଥିଲା ବୋଲି ସୂଚିତ କରିଥିଲେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ତାଳଗୁଡ଼ ମହାସଂଘର ପରିଚାଳନା ନିର୍ଦ୍ଦେଶକ ଚିଦାନନ୍ଦ ମିଶ୍ର ପରିଚାଳନା କରିଥିବାବେଳେ ଏମ୍‌ଏସ୍‌ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ମନ୍ମଥ କୁମାର ବିଶ୍ୱାଳ, ଯୁଗ୍ମ ସଚିବ ଶ୍ରୀମତୀ ରାଜଶ୍ରୀ ସିଂ, ମାନସୀ ମାନ୍ଧାତା, କେନ୍ଦ୍ର ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗର ଅରୂପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ତାଳଗୁଡ଼ ଉତ୍ପାଦନ ସମବାୟ ସମିତିର ପାକ୍ଷିକ ପତ୍ରିକା 'ସମବାୟ ସମାଚାର' ବିଶେଷାଙ୍କ ପ୍ରକାଶ କରାଯାଇଥିଲା ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୪/୧୨ (ନି.ପ୍ର): ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସ୍ଥାନୀୟ ଜୟଦେବ ଭବନ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ, ଅବସରପ୍ରାପ୍ତ ତଥା ବରିଷ୍ଠ ନାଗରିକ ସମାଜର ଅପରିହାର୍ଯ୍ୟ ବ୍ୟକ୍ତିତ୍ୱ। କିନ୍ତୁ ଆଜିର ସମାଜରେ ପୁଅମାନେ ବାପମାନଙ୍କୁ ପଚାରୁ ନାହାଁନ୍ତି। ତେଣୁ ପିତାମାତା ଭଗବାନ ସଦୃଶ, ସେ ତାଙ୍କ ନିଜର ପୁଅମାନଙ୍କୁ ପାଖରେ ରଖି ପିତାପୁତ୍ରର ସମ୍ପର୍କ ବଢ଼ାଇଛନ୍ତି।

ସଂଘର ସଭାପତି ବିଶ୍ୱନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଗତ ଜୁଲାଇ୨୯ ତାରିଖ ଓଡ଼ିଶାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ୧୧ ପ୍ରତିଶତ ମହଙ୍ଗା ଭତା ଦେବାକୁ ଅନୁରୋଧ କରାଯାଇଥିଲା ଏବଂ ଦୁର୍ଗାପୂଜା ଭେଟି ସ୍ୱରୂପ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସଂଘର ଅନୁରୋଧକୁ ରକ୍ଷାକରି ଓଡ଼ିଶାର ଚାରିଲକ୍ଷ କର୍ମଚାରୀ ଓ ସାଢେ ତିନିଲକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କୁ ୧୧ପ୍ରତିଶତ ମହାଙ୍ଗା ଭତା ପ୍ରଦାନ କରିଥିବାରୁ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ପ୍ରକାଶ ଥାଉକି, ସଂଘ ବିଭିନ୍ନ ଜନସେବା କାର୍ଯ୍ୟରେ ରହିବା ସହ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଆସୁଛି। ଏହି ଉତ୍ସବରେ ସମ୍ବଲପୁର, ବାରିପଦା, ବ୍ରହ୍ମପୁର ଓ ଭୁବନେଶ୍ୱରର ସମସ୍ତ ଜୋନ୍ ଅଫିସ୍‌ର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ତାକ୍ଷରୀ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚକାନୟନ ଭଜନ ସନ୍ଧ୍ୟା ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

# କବି ଚକ୍ରଧର ରାଉତଙ୍କ ଦ୍ୱିତୀୟ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୨୪/୧୨ (ନି.ପ୍ର): ସବୁଜ ଓ ଆଧୁନିକ ଯୁଗର ସନ୍ଧିକାଳରେ ଚକ୍ରଧର ରାଉତ ଜଣେ ସ୍ୱଳ୍ପ ଅଲୋଚିତ ବିଶିଷ୍ଟ କବି। ତାଙ୍କ କବିତାରେ ମଣିଷର ସ୍ୱପ୍ନ, ସ୍ୱପ୍ନଭଙ୍ଗ ତଥା ପ୍ରେମ ଓ ପ୍ରଣୟର କଥା ଶବ୍ଦର ଲଳିତ ସଂଯୋଜନାରେ ପ୍ରକଟିତ ହୋଇଛି। ସେ କବି ଭାବରେ ସମାଜକୁ ଗଢିବା ପାଇଁ ଯେମିତି ପଣ କରିଥିଲେ, ଶିକ୍ଷକ ଭାବରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ସେମିତି ପ୍ରତିଜ୍ଞା କରିଥିଲେ। ଏହି ବରେଣ୍ୟ କବି ଓ କୃତୀ ଶିକ୍ଷକଙ୍କ ସମ୍ପର୍କରେ ଜୀବନୀ ପୁସ୍ତକ ଏବଂ ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶ ପାଇବା ଉଚିତ୍। ଆଜି ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଯଶସ୍ୱୀ କବି ଓ ଆଦର୍ଶ ଶିକ୍ଷକ ଚକ୍ରଧର ରାଉତଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବ ସମାରୋହରେ ଯୋଗଦେଇ ଅତିଥିମାନେ ଏହି ମତପୋଷଣ କରିଛନ୍ତି। ବିଶିଷ୍ଟ ରାଜନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରାଦ୍ଧୋତ୍ସବରେ ମୁଖ୍ୟ ଅତିଥି ଭାବରେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ, ବିଶିଷ୍ଟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଯୋଗ ଦେଇଥିଲେ। ଚକ୍ରଧର-ସ୍ୱର୍ଣ୍ଣଲତା ମେମୋରିଆଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ବିଜୟ ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ଫାଉଣ୍ଡେସନର ଅଧ୍ୟକ୍ଷ ଦୟାନିଧି ରାଉତ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ ଏବଂ ସଭା ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ। ଏହି ଅବସରରେ ଦିବଂଗତ କବି ଚକ୍ରଧର ରାଉତଙ୍କ ସ୍ମୃତିଚାରଣ କରି ଅତିଥିଗଣ କହିଥିଲେ ଯେ, ଶିକ୍ଷକତା ସ୍ୱର୍ଗତଃ ରାଉତଙ୍କର ଜୀବିକା ଥିଲେ ବି କବିତା ରଚନା ଥିଲା ତାଙ୍କର ଜୀବନ। ଜୀବିକା ଓ ଜୀବନ ମଧ୍ୟରେ ସେ ଉପଯୁକ୍ତ ସମନ୍ୱୟ ରଖି ଉଚିତ୍ ନ୍ୟାୟ ଦେଇପାରିଥିଲେ। ସେ ନିଜ କାବ୍ୟ କବିତାରେ ସରଳ ସାବଲୀଳ ଭାଷା ପ୍ରୟୋଗ କରିବା ସହିତ ଭାବ, ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ସେସବୁକୁ ଉଚ୍ଚକୋଟୀର କରିପାରିଥିଲେ।

# ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର,୨୪/୧୨ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ୨୦୨୧-୨୨ ଶିକ୍ଷାବର୍ଷରୁ ନିୟମିତ ବାର୍ଷିକ ଭିତିରେ ବିଭିନ୍ନ ପାଠ୍ୟୋତର ଗତିବିଧିମୂଳକ ବିଷୟର ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ମାନ ଆୟୋଜନ କରିବାକୁ ନିଷ୍ପତି ନେଇଛନ୍ତି । ଏହି ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଗୁଡ଼ିକ ପର୍ଯ୍ୟାୟକ୍ରମେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହେବ । ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର 'ଲୋଗୋ' ଆଜି ଭୁବନେଶ୍ୱର ଶୁକବିହାରସ୍ଥିତ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଉତ୍ପାଦନ ବ୍ୟୁରୋର ବୋର୍ଡରୁମ୍ ରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ଉନ୍ମୋଚନ ଉତ୍ସବରେ ମନ୍ତ୍ରୀ ଡ. ସାହୁ କହିଥିଲେ ଯେ ଓଡ଼ିଶାର ଛାତ୍ରଛାତ୍ରୀ ପାଠ ସାଥିରେ ଅନ୍ୟାନ୍ୟ କ୍ଷେତ୍ରରେ ଜାତୀୟ/ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିବାର ସୁଯୋଗ ସୃଷ୍ଟି ହୋଇଛି। ଏହି ଉନ୍ମୋଚନ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଯୋଗଦେଇ କହିଲେ ଯେ ଏହି ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ରାଜ୍ୟରେ ଥିବା ବୈଷୟିକ ବିଶ୍ୱବିଦ୍ୟାଳୟମାନ ଯଥା ଓୟୁଏଟି, ବିପିୟୁଟି ଆଦି ତଥା ଆଇଆଇଟି, ଆଇଜର, ନାଇଜର ଭଳି ଅନୁଷ୍ଠାନମାନେ ମଧ୍ୟ ଭାଗନେଇପାରିବେ । ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଚଳିତ ବର୍ଷ ଏଥି ପାଇଁ ପ୍ରାୟ ୧ କୋଟି ୮୦ ଲକ୍ଷ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ । ବ୍ୟକ୍ତିଗତ ସ୍ୱର୍ଦ୍ଧା ନିମନ୍ତେ ପୁରସ୍କାର ରାଶି ବାବଦରେ ପ୍ରଥମ ପୁରସ୍କାର ପାଇଁ ୩୦ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ପାଇଁ ୨୫ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ପାଇଁ ୨୦ ହଜାର ଟଙ୍କା ରଖାଯାଇଥିବା ବେଳେ କ୍ରିକେଟ୍ ଓ ଫୁଟବଲ୍ ଦଳଗତ ବିଜେତାମାନଙ୍କ ପାଇଁ ପୁରସ୍କାର ରାଶି ଯଥାକ୍ରମେ ପ୍ରଥମ ନିମେନ୍ତ ୧ ଲକ୍ଷ ଟଙ୍କା, ଦ୍ୱିତୀୟ ପୁରସ୍କାର ନିମନ୍ତେ ୫୦ ହଜାର ଟଙ୍କା ଏବଂ ତୃତୀୟ (ଉଭୟ ସେମିଫାଇନାଲିଷ୍ଟ) ୨୫ ହଜାର ଟଙ୍କା ରଖାଯାଇଛି । ସେହିପରି କବାଡ଼ି, ଭଲିବଲ୍ ଓ ବାସ୍କେଟବଲ୍ ଦଳଗତ ବିଜେତାମାନଙ୍କ ପାଇଁ ପ୍ରଥମ ପୁରସ୍କାର ନିମନ୍ତେ ୫୦ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ନିମନ୍ତେ ୨୫ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ପାଇଁ ୧୫ ହଜାର ଟଙ୍କା ରଖାଯାଇଛି । ବ୍ୟାଡ୍‌ମିଂଟନ ଡବଲ୍ସ ପାଇଁ ବିଜେତାଙ୍କୁ ୩୦ ହଜାର ଟଙ୍କା ଓ ରନର୍ସ-ଅପ୍ ଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ୨୦୨୧-୨୨ ଶିକ୍ଷାବର୍ଷରେ ହେବାକୁ ଥିବା ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର ଆପାତତଃ ଅନୁସୂଚୀ ସ୍ଥିର କରାଯାଇଛି । ଅନୁସୂଚୀ ଅନୁଯାୟୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୨୦୨୨ ଜାନୁଆରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଆଥଲେଟିକ୍ସ ଆୟୋଜନ କରିବେ । ସେହିପରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା ୨୦୨୨ ଜାନୁଆରୀ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଗେମ୍ସ ଆୟୋଜନ କରିବେ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ୨୦୨୨ ଫେବୃଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଲିଟେରାରୀ ଓ କଲଚରାଲ୍ ଇଭେଂଟ ଆୟୋଜନ କରିବେ । ଆଥ୍‌ଲେଟିକ୍ସରେ ପୁରୁଷ ବର୍ଗରେ ୧୬ଟି ଓ ମହିଳା ବର୍ଗରେ ୧୦ଟି ଇଭେଂଟ ଆୟୋଜିତ ହେବ । ଆଉଟ୍‌ଡୋର ଗେମ୍‌ସରେ ଫୁଟବଲ୍, କ୍ରିକେଟ୍, ଭଲିବଲ୍, ବାସ୍କେଟ୍‌ବଲ୍ ଓ କବାଡ଼ି ଆୟୋଜିତ ହେବ । ଏହି ଇଭେଂଟଗୁଡ଼ିକର ଲିଗ୍ ସ୍ତରୀୟ ମ୍ୟାଚ୍‌ଗୁଡ଼ିକ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ଏବଂ କ୍ୱାର୍ଟର ଫାଇନାଲ୍ ରୁ ଫାଇନାଲ୍ ପର୍ଯ୍ୟନ୍ତ ମ୍ୟାଚ୍ ଆୟୋଜକ ବିଶ୍ୱବିଦ୍ୟାଳୟ ପରିଚାଳନା କରିବେ। କ୍ରିକେଟ୍ କ୍ଷେତ୍ରରେ ଆୟୋଜକ ବିଶ୍ୱବିଦ୍ୟାଳୟ କେବଳ ଫାଇନାଲ୍ ମ୍ୟାଚ୍ ପରିଚାଳନା କରିବେ ।

# ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ କମିଟି ଗଠିତ

ଭୁବନେଶ୍ୱର,୨୪/୧୨ (ନି.ପ୍ର): ଅଖିଳ ଭାରତ ଛାତ୍ର କଂଗ୍ରେସର ସଂପାଦିକା ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷାଙ୍କ ଅନୁମୋଦନ କ୍ରମେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଜଗଦିଶ ଗଜେନ୍ଦ୍ର ପ୍ରଦାନ କରିଥିବା ଜିଲ୍ଲା ଛାତ୍ର କଂଗ୍ରେସ କମିଟିକୁ ଘୋଷଣା କରିଛନ୍ତି। ଉପସଭାପତି ଭାବେ ସେକ୍ ଅବଦୁଲ ଆବ୍ରାର, ଜିତେନ୍ଦ୍ର ମଲ୍ଲିକ, ସଂଜୀବ କୁମାର ରାଉତ, ଅଭିଜିତ ମହାପାତ୍ର, ସ୍ୱୟମ୍ଭୁ ସୁରଜିତ, ଶାସ୍ୱତ ନନ୍ଦ, ରାଜଲକ୍ଷ୍ମି ନନ୍ଦ, ମାନସ ସାହୁ, ଶିବାନୀ ପ୍ରସାଦ ରଣା, ବିଶାଳ ସାହାଣି, ସୁଶିଲ କୁମାର ମଙ୍ଗରାଜ, ସୌରଭ କୁମାର ଉତରାୟ, ସୁଲଭ ମହାପାତ୍ର, ମିର ଜାକିର ରହିଛନ୍ତି । ସାଧାରଣ ସଂପାଦକ ଭାବେ ସେକ୍ ସମିମ, ଉତମ ପଣ୍ଡା, ଜିତେନ୍ଦ୍ର ଭଞ୍ଜ, ତୋଫାନ ସେଠୀ, ଦେବୀ ପ୍ରସାଦ ଦାସ, ଅଲ୍ଲି ଶ୍ରୀନୁ, ରାହୁଲ ଜେନା, ଆଶିଷ କୁମାର ଦାସ, ଅନିଷ ଦାସ, ମୁସ୍ତାକମ ଅଲ୍ଲି ଖାନ, ବିଶ୍ୱଜିତ ଦତ, ଶୁଭମ ନନ୍ଦ, ଆଶୁତୋଷ ବେହେରା, ଅର୍ଣ୍ଣବ ପଟ୍ଟନାୟକ, ତନ୍ମୟ ଜେନା, ଅଭିଳାଷ ମହାନ୍ତି, ସେଖର ରାଣା, ସୟଦ ଅଜମ ଅଲ୍ଲୀ, ସାଇସ୍ୱରୂପ ସାମଲ, ମୁକ୍ତେଶ୍ୱର ନାୟକ, ବିକାଶ କୁମାର ଦିଗଲ ରହିଛନ୍ତି । ସଂପାଦକ ଭାବେ ଦିବ୍ୟସିଂ ମୃତ୍ୟୁଞ୍ଜୟ, ଦୟାନନ୍ଦ ପଣ୍ଡା, ଚନ୍ଦନ ସାହୁ, ବିଶ୍ୱଜିତ ସାହୁ, ସାଇରାମ ପାଣିଗ୍ରାହୀ, ଜ୍ୟୋତିନ୍ଦ୍ର ବାରିକ, ସୁଭସ୍ମିତା ପଣ୍ଡା, ଜଗଦିଶ ଜେନା, ରୁଦ୍ର ନାରାୟଣ ନାୟକ, ନିରଞ୍ଜନ କୁମାର ଭୋଇ, ଶୁଭମ ନାୟକ, କୈଳାସ ପ୍ରଧାନ, ସେକ୍ ଜାହିଦ, ମିର ଇମ୍‌ତେୟାଜ, ସୟଦ ସୋହେବ ଅଲ୍ଲି, ସଂକେତ ବିଶ୍ୱାଳ, ଅଂଶୁମାନ ଦାସ, ସୌମ ପ୍ରକାଶ ଶର୍ମା, ଶୁଭାଶିଷ ମହାନ୍ତି, ସେକ୍ ଅପରେଜ, ସୁଶାନ୍ତ ବଡ଼ଜେନା ଅଛନ୍ତି । ମୁଖପାତ୍ର- ସୌମ୍ୟ ଷଣ୍ଢ ଏବଂ ସୋସିଆଲ ମେଡ଼ିଆ ଦାୟିତ୍ୱରେ ବିକ୍ରମ ପଣ୍ଡା, ପରୱିନ କୁମାର ସାହୁ ଓ ନାସିର ଉଦିନ ଖାନ ରହିଛନ୍ତି।

## ଅନନ୍ୟ ପ୍ରତିଭାର ଅଧିକାରୀ....

ତା'ପରେ ୧୯୯୮ ମସିହାରେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ,୧୩ ମାସ ପ୍ରଧାନମନ୍ତ୍ରୀ ପଦରେ ରହିଥିଲେ । ୧୯୯୯ ମସିହାରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ । ସଂସଦରେ ବାଜପେୟୀ ଜୀ ୫୦ ବର୍ଷ ରୁ ଅଧିକ କାଳ ସଦସ୍ୟ ହୋଇ ରହିଛନ୍ତି ।ଭାରତବର୍ଷ ର ଏକମାତ୍ର ସାଂସଦ,ଯିଏ ମଧ୍ୟପ୍ରଦେଶ,ଉତ୍ତରପ୍ରଦେଶ, ଗୁଜୁରାଟ,ଦିଲ୍ଲୀ ଆଦି ଚାରୋଟି ରାଜ୍ୟରୁ ସଂସଦ କୁ ନିର୍ବାଚିତ ହୋଇଛନ୍ତି । ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଦେଶରେ ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇଛି ।୧୯୯୮ ମସିହା ମଇ ମାସରେ ପୋଖରାନ ଠାରେ କରାଯାଇଥିବା 'ପରମାଣୁ ପରୀକ୍ଷଣ' ଥିଲା ତାଙ୍କର ଏକ ବଡ଼ ସଫଳତା ।ଏହାଦ୍ୱାରା ସେ ବିଶ୍ୱରେ ହାତଗଣତି ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରମଧ୍ୟରେ ଭାରତକୁ ସାମିଲ କରାଇଥିଲେ ।ସେ ଏଭଳି କୌଶଳ ରେ ପରମାଣୁ ବୋମା ପରୀକ୍ଷା କରାଇଲେ ଏହାର ସୂଚନା ଆମେରିକା ମଧ୍ୟ ପାଇନଥିଲା । ଦେଶର ବିକାଶପାଇଁ ଅଟଳ ବିହାରୀ ବାଜପେୟୀ ଜୀ ଅନେକ ପଦକ୍ଷେପ ନେଇଥିଲେ ।ତନ୍ମଧ୍ୟରେ ସ୍ୱର୍ଣ୍ଣ ଚତୁର୍ଭୁଜ ସଡ଼କ ପ୍ରକଳ୍ପ ଓ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ୟତମ ।ଆର୍ଥିକ ବ୍ୟବସ୍ଥାର ପୁନରୁତ୍ଥାନ ପାଇଁ ପରିବହନ କ୍ଷେତ୍ରର ଉନ୍ନତି ଯେ ନିହାତି ଜରୁରୀ ସେ ହୃଦବୋଧ କରିପାରିଥିଲେ ।ଏଥିପାଇଁ ସେ ଦେଶର ୪ ଦିଗରେ ୪ ଟି ବୃହତ ନଗରୀ କୁ ଉନ୍ନତ ଏବଂ ବିକଶିତ ସଡ଼କପଥରେ ଯୋଡ଼ିବାକୁ ସେ ଆରମ୍ଭ କରିଥିଲେ ସ୍ୱର୍ଣ୍ଣ ଚତୁର୍ଭୁଜ ଜାତୀୟ ରାଜପଥ ପ୍ରକଳ୍ପ ।ଚେନ୍ନାଇ ଠାରୁ ଦିଲ୍ଲୀ ଏବଂ ମୁମ୍ବାଇ ଠାରୁ କୋଲକାତା ପର୍ଯ୍ୟନ୍ତ ଏହି ପ୍ରକଳ୍ପ ମାଧ୍ୟମରେ ଜାତୀୟ ସଡ଼କ ପଥ ବ୍ୟବସ୍ଥାରେ ଅଭୁଦପୂର୍ବ ପରିବର୍ତ୍ତନ ଅଣାଯାଇପାରିଥିଲା ।ଏଥିସହ ଗ୍ରାମାଞ୍ଚଳ ଗମନାଗମନ କୁ ସୁଦୃଢ଼ କରିବାକୁ ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ।ଏହି ଯୋଜନା ଦେଶର ସାମଗ୍ରିକ ଆର୍ଥିକ ବିକାଶ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି,ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

୧୯୯୯ ମସିହାରେ ଓଡ଼ିଶାରେ ପ୍ରଳୟଙ୍କାରୀ ମହାବାତ୍ୟା ହୋଇଥିଲା ।ଓଡ଼ିଶାର ଅନେକ କ୍ଷତି ହୋଇଥିଲା ।ସେହି ସମୟରେ ଓଡ଼ିଶା ପାଇଁ ବାଜପେୟୀ ଜୀ ଙ୍କ ଅବଦାନ କୁ ଆଜି ବି ସ୍ମରଣ କରୁଛନ୍ତି ରାଜ୍ୟବାସୀ ।ଧନଜୀବନ ରକ୍ଷା,ବାତ୍ୟା ପରବର୍ତ୍ତୀ ଅବସ୍ଥାକୁ ସୁଧାରିବାରେ ବାଜପେୟୀ ସରକାର ଯେଭଳି ଓଡ଼ିଶାକୁ ସହଯୋଗ କରିଥିଲେ,ତାହ ଅତୁଳନୀୟ । ବାଜପେୟୀ ଜୀ ଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସମଗ୍ର ଦେଶରେ ଯେଉଁ ୬ ଟି ସ୍ଥାନରେ ଏମସ୍ ପ୍ରତିଷ୍ଠା ଘୋଷଣା ହୋଇଥିଲା,ସେହି ମଧ୍ୟରୁ ଗୋଟିଏ ଏମସ୍ ଓଡ଼ିଶା ର ଭୁବନେଶ୍ୱର ସହର ଉପକଣ୍ଠ ସିଜୁଆ ଠାରେ ୨୦୦୩ ମସିହାରେ ବାଜପେୟୀ ଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା ।ଯାହା ଆଜି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଦେଶପ୍ରତି ବାଜପେୟୀ ଙ୍କ ଅବଦାନ କୁ ସମ୍ମାନ ଜଣାଇବା ପରିପ୍ରେକ୍ଷୀ ରେ ୨୦୧୪ ମସିହା ଡ଼ିସେମ୍ବର ୨୫ ତାରିଖ ତାଙ୍କ ୯୦ ତମ ଜନ୍ମତିଥି କୁ ସୁଶାସନ ଦିବସ ରୂପେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ ।୨୦୧୫ ରେ ତାଙ୍କୁ ଭାରତରତ୍ନ ସମ୍ମାନ ରେ ସମ୍ମାନିତ କରାଗଲା । ସେହି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ୨୦୧୮ ମସିହା ଅଗଷ୍ଟ ୧୬ ତାରିଖରେ ସମଗ୍ର ଦେଶବାସୀଙ୍କୁ ଶୋକସାଗରରେ ଭସାଇ ଚାଲିଗଲେ । ଆଜି ତାଙ୍କର ଜୟନ୍ତୀ ଅବସରରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ ଜଣାଉଛି ।

ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା), ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା, ପିନ୍ - ୭୫୨୦୩୫, ମୋବାଇଲ ନଂ- ୬୩୭୦୨୦୮୪୨୮

## କୁନିପିଲାଙ୍କୁ ଖାଦ୍ୟ ପୁଡିଆ ଦେଇ ସଙ୍ଗଠନର ଜନ୍ମଦିନ ପାଳନ

ଖଇର, ୨୪/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଦୁଃଖିଦରିଦ୍ରଙ୍କୁ ସହାୟତା ଦେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆୟୁସ୍ମାନ ସଙ୍ଗଠନ ନିଜର ସ୍ୱନକ୍ଷତ୍ର ଦିବସ କୁ ନିଆରା ଢଙ୍ଗରେ ପାଳନ କରିଛି । ଗୁରୁବାର ଦିନ ସସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ କର୍ମକର୍ତ୍ତା ମାନେ ଗଡପୋଖରୀ ପଞ୍ଚାୟତ ବାରାଯୋଡି ଓ ସାମୁଲେଇ ଗ୍ରାମକୁ ଯାଇ ଛୋଟଛୋଟ ପିଲାଙ୍କୁ ଖାଦ୍ୟ ପୁଡିଆ ଦେଇ ଜନ୍ମଦିନ ପାଳିଥିଲେ । ସଙ୍ଗଠନର ସଦସ୍ୟ ପ୍ରମୋଦ ଗାହାଣ,ରତ୍ନାକର ମଲ୍ଲିକ, ମେଘା, ଜ୍ଞାନ ପଣ୍ଡା, ମାନସ ସାହୁ, ସୁଶାନ୍ତ ଜେନା, ପର୍ଶୁ ଗାହାଣ, ଜିତୁ ଜେନା, ପ୍ରଶାନ୍ତ ଗାହାଣ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨ ଅଧ୍ୟାଦେଶକୁ ....

କରିଥିବା ଦର୍ଶାଯାଇଛି । ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଓଡ଼ିଶା ମ୍ୟୁନିସପାଲଟି ଆକ୍ଟ-୧୯୫୦ ଓ ଓଡ଼ିଶା ମ୍ୟୁନିସପାଲ କର୍ପୋରେସନ୍ ଆକ୍ଟ-୨୦୦୩ରେ ସଂଶୋଧନ ପାଇଁ ୨ଟି ଅଧ୍ୟାଦେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ପୌରାଧ୍ୟକ୍ଷ ଓ ମେୟର ପଦବୀ ସଂରକ୍ଷଣ ପ୍ରାବଧାନର ସଂଶୋଧନ ପାଇଁ ଏହି ଅଧ୍ୟାଦେଶ ଆସିଛି ବୋଲି ମୁଖ୍ୟ ସଚିବ କହିଥିଲେ ମଧ୍ୟ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ବିବୃତ୍ତିରେ ଉକ୍ତ ଅଧ୍ୟାଦେଶ ସମ୍ପର୍କରେ କିଛି ବି ଉଲ୍ଲେଖ ନାହିଁ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସଂରକ୍ଷଣ ହାର ସର୍ବାଧିକ ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଉଭୟ ହାଇକୋର୍ଟ ଓ ସୁପ୍ରିମକୋର୍ଟ ରାୟ ଦେବା ପରେ ରାଜ୍ୟ ସରକାର ୨୦୨୧ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ବିଧାନସଭାରେ ବିଲ୍ ଆଣି ଉଭୟ ପଂଚାୟତ ଓ ପୌର ଆଇନକୁ ସଂଶୋଧନ କରିଥିଲେ । ଅନୁସୂଚିତ ଜାତି, ଜନଜାତି ଓ ଓବିସି ବର୍ଗଙ୍କ ନିମନ୍ତେ ସଂରକ୍ଷଣ ହାର ସର୍ବାଧିକ ୫୦ ପ୍ରତିଶତ ମଧ୍ୟରେ ରଖାଯିବ ବୋଲି ଏହି ସଂଶୋଧନରେ କୁହାଯାଇଥିଲା । ଏଥିପାଇଁ ବିଧାନସଭାରେ ଓଡ଼ିଶା ଗ୍ରାମ ପଂଚାୟତ ଆଇନ-୧୯୬୪, ଓଡ଼ିଶା ପଂଚାୟତ ସମିତି ଆଇନ-୧୯୫୯ ଓ ଓଡ଼ିଶା ଜିଲ୍ଲା ପରିଷଦ ଆଇନ-୧୯୯୧ର ସଂଶୋଧନ ହୋଇଥିବାବେଳେ ଓଡ଼ିଶା ମ୍ୟୁନିସପାଲଟି ଆକ୍ଟ-୧୯୫୦ ଓ ଓଡ଼ିଶା ମ୍ୟୁନିସପାଲ କର୍ପୋରେସନ ଆକ୍ଟ-୨୦୦୩ରେ ମଧ୍ୟ ସଂଶୋଧନ ହୋଇଛି । ଓବିସି ବର୍ଗଙ୍କ ପାଇଁ ପ୍ରାୟ ୧୧.୨୫ ପ୍ରତିଶତର ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଏହି ଆଇନରେ ବ୍ୟବସ୍ଥା କରି ରାଜ୍ୟ ସରକାର ଉଭୟ ପଂଚାୟତ ଓ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିଲେ । ମାତ୍ର 'ଟ୍ରିପଲ ଟେଷ୍ଟ' ନସରିବା ପର୍ଯ୍ୟନ୍ତ ଓବିସିଙ୍କୁ ନିର୍ବାଚନରେ ସଂରକ୍ଷଣ ଦେବା ସମ୍ଭବପର ନୁହେଁ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଗତ ୩ଦିନ ପୂର୍ବରୁ ହାଇକୋର୍ଟଙ୍କ ରାୟ ଆସିବା ପରେ ଆଜି ରାଜ୍ୟ କ୍ୟାବିନେଟ ଦୁଇଟି ଅଧ୍ୟାଦେଶ ମାଧ୍ୟମରେ କେବଳ ପୌର ଆଇନରେ ସଂଶୋଧନ ପାଇଁ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ପଂଚାୟତ ଆଇନ(୩ଟି ଯାକ) ପାଇଁ ଏଭଳି ସଂଶୋଧନର ଆବଶ୍ୟକତା ଅନୁଭବ କରିନାହାନ୍ତି । ଯଦିଓ ରାଜ୍ୟ ପଂଚାୟତିରାଜ ବିଭାଗ ଆଜି ଜିଲ୍ଲା ପରିଷଦ ସଭାପତି ସଂରକ୍ଷଣ ପାଇଁ ଚିଠା ବିଜ୍ଞପ୍ତି ଜାରି କରିଛନ୍ତି ।

### ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ....

ସୁବର୍ଣ୍ଣପୁର ଜିଲ୍ଲାକୁ ଅଣ ସଂରକ୍ଷିତ ରଖାଯାଇଛି । ଖୋର୍ଦ୍ଧା, ଝାରସୁଗୁଡା, ଗଞ୍ଜାମ, ଢେଙ୍କାନାଳ, ନୂଆପଡା, ପୁରୀ, ବଲାଙ୍ଗୀର, ସମ୍ବଲପୁରକୁ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ଜାନୁଆରି ୫ ତାରିଖରେ ଆପତି ଅଭିଯୋଗର ଶୁଣାଣି କରି ୭ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ । ୮ ତାରିଖରେ ପଂଚାୟତିରାଜ ବିଭାଗ ରାଜ୍ୟ ନିର୍ବାଚନ କମିଶନଙ୍କୁ ଚୂଡାନ୍ତ ତାଲିକା ଦେବ ।

### ବଡ଼ଦିନ ଓ ନୂଆବର୍ଷ ପାଳନ ଉପରେ....

ଅନ୍ତିମ ସଂସ୍କାର ସମୟରେ କୋଭିଡ ନିୟମକୁ କଡ଼ାକଡ଼ି ପାଳନ କରାଯିବାକୁ ବି ଏଥିରେ କୁହାଯାଇଛି । ତା'ଛଡ଼ା ଏହି ସମୟରେ ଶୋଭାଯାତ୍ରା, ଅର୍କେଷ୍ଟ୍ରା, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବି ବାରଣ କରାଯାଇଛି । ଏକତ୍ର ଭୋଜି କରିବା ଉପରେ ମଧ୍ୟ କଟକଣା ଲଗାଯାଇଛି । ଏନେଇ ଜିଲ୍ଲାପାଳ, ମ୍ୟୁନିସପାଲ କମିଶନର, କଟକ- ଭୁବନେଶ୍ୱର ପୋଲିସ୍ କମିଶନରଙ୍କୁ କୋଭିଡ ନିୟମକୁ କଡ଼ାକଡ଼ି ପାଳନ କରାଯିବାକୁ ବି ନିର୍ଦ୍ଦେଶ ଦିଆଯାଇଛି । ଦରକାର ପଡ଼ିଲେ ଅଧିକ କଟକଣା ଲଗାଇବାକୁ ବି ସେମାନଙ୍କୁ ଅନୁମତି ଦିଆଯାଇଛି । ଶୁକ୍ରବାର ଦିନ ଏସଆରସି ଜାରି କରିଥିବା ପ୍ରଥମ ରିଲିଜ୍ ଅନୁଯାୟୀ ଆସନ୍ତାକାଲି (ଡିସେମ୍ବର ୨୫) ଠାରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ କଟକଣା ଜାରି ରହିବା ନେଇ ସୂଚନା ଦିଆଯାଇଥିଲା । ତେବେ ସଂଧ୍ୟାରେ ଏହାକୁ ସାମାନ୍ୟ ପରିବର୍ତନ କରାଯାଇଥିଲା । ନୂଆ ରିଲିଜ୍ ଅନୁଯାୟୀ ୨୬ରୁ ୩୦ ତାରିଖ କଟକଣା କୋହଳ କରାଯାଇଛି ।

### ଫେବୃୟାରୀ ୩ ବେଳକୁ ....

ଆହୁରି କୁହାଯାଇଛି, ଏବେକାର କୋଭିଡ୍ ଟ୍ରେଣ୍ଡ ଅନୁସାରେ ଡିସେମ୍ବର ମଧ୍ୟ ଭାଗରୁ ସଂକ୍ରମଣ ବଢିବା ଆରମ୍ଭ ହୋଇ ସାରିଛି । କରୋନାର ନୂଆ ପ୍ରଜାତି ଓମିକ୍ରନକୁ ନେଇ ଭୟ ବଢୁଥିବା ବେଳେ ଭାରତରେ ତୃତୀୟ ଲହର ନେଇ ଆକଳନ କରିଛନ୍ତି କାନପୁର ଆଇଆଇଟିର ବୈଜ୍ଞାନିକ । ପ୍ରଥମ ଓ ଦ୍ୱିତୀୟ ଲହର ଭଳି ଆଇଆଇଟି କାନପୁରର ଗବେଷକମାନେ ଗାଣିତିକ ମଡେଲକୁ ଆଧାର କରି ତୃତୀୟ ଲହର ନେଇ ଆକଳନ କରିଛନ୍ତି । ଦୁଇଟି ଲହରର ତଥ୍ୟ, ଭାରତ ସହ ଯେଉଁ ଦେଶର ସଂକ୍ରମଣର ସାମଞ୍ଜସ୍ୟ ରହିଛି, ସେହି ଦେଶର ତଥ୍ୟକୁ ନେଇ ମଡେଲ ପ୍ରସ୍ତୁତ କରାଯାଇଛି । ତେବେ ଏହାରି ଭିତରେ ଆଶ୍ୱସ୍ତିର କଲା ଭଳି ମତ ହେଇଛନ୍ତି ଗବେଷକ ଦଳର ମୁଖ୍ୟ ପ୍ରଫେସର ଏମ୍ ବିଦ୍ୟାସାଗର । ସେ କହିଛନ୍ତି, ଓମିକ୍ରନ ଯୋଗୁଁ ଭାରତରେ ତୃତୀୟ ଲହର ଆସିବ, ତେବେ ଏହା ଦ୍ୱିତୀୟ ଲହର ଅପେକ୍ଷା କମ ଘାତକ ହେବ ।

### ନିର୍ବାଚନ ପୂର୍ବରୁ ଚାଷୀଙ୍କ ପାଇଁ ....

ରୁଜୁ ହୋଇଥିବା ସମସ୍ତ ମାମଲା ରଦ୍ଦ କରିବ ବୋଲି ମୁଖ୍ୟମନ୍ତ୍ରୀ ଚନ୍ନି କହିଛନ୍ତି । ଆଜି ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀ ଚନ୍ନି ପଞ୍ଜାବୀ ଫିଲ୍ମ ଓ ସଂଗୀତ ଇଣ୍ଡଷ୍ଟ୍ରୀ ପ୍ରତି ଅଧିକ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ କ୍ୟାବିନେଟ କିଛି ନିଷ୍ପତ୍ତି ନେଇଥିବା କହିଛନ୍ତି । ସେ କହିଛନ୍ତି, "ପଞ୍ଜାବୀ ଫିଲ୍ମୀ ଓ ମ୍ୟୁଜିକ ସାରା ବିଶ୍ୱରେ ପରିଚିତ । ଏହାକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଫିଲ୍ମ ଆଣ୍ଡ ଡେଭଲପମେଣ୍ଟ କାଉନସିଲ ଗଠନ ହେବ । ଫିଲ୍ମ ଅଭିନେତା, ଅଭିନେତ୍ରୀ, ପ୍ରମୋଟର ଓ ନିର୍ଦ୍ଦେଶକଙ୍କୁ ଇଣ୍ଡଷ୍ଟ୍ରୀ ପାଇଁ କାମ କରିବାକୁ ସବୁ ପ୍ରକାରର ସହାୟତା ଦିଆଯିବ ।" ପଞ୍ଜାବ ସରକାର ଭାଗବତ ଗୀତା ଓ ରାମାୟଣ ଉପରେ ଅଧ୍ୟୟନ କରିବାକୁ ଷ୍ଟଡି ସେଣ୍ଟର ତିଆରି କରିବେ ବୋଲି ଚନ୍ନି କହିଛନ୍ତି ।

### ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ....

ଗଞ୍ଜାମ ଜିଲ୍ଲା କୋଦଳା ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ୧୯୯୦-୯୫ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଥିଲେ । ଏହାପରେ ୨୦୦୦ ମସିହାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାରରେ ଅର୍ଥମନ୍ତ୍ରୀ ହୋଇଥିଲେ । କୋଦଳା ନିର୍ବାଚନ ମଣ୍ଡଳୀରୁ ରାମକୃଷ୍ଣ ଜନତା ଦଳ, ଜନତା ପାର୍ଟି ଓ ବିଜୁ ଜନତା ଦଳରୁ ୫ ଥର ବିଧାୟକ ହୋଇଛନ୍ତି । ୧୯୯୬ରୁ ୧୯୯୭ ଯାଏଁ ବିରୋଧୀ ଦଳ ନେତା ରହିଥିଲେ ରାମକୃଷ୍ଣ । ତେବେ ୨୦୧୪ରେ ରାମକୃଷ୍ଣ ବିଜୁ ଜନତା ଦଳ ଛାଡ଼ି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ।

## ବେଆଇନ କରତ କଳ ଉପରେ ବନ ବିଭାଗର ଚଢ଼ାଉ

ବସ୍ତା, ୨୪।୧୨(ନିପ୍ର) ବାଲେଶ୍ୱର ଜିଲ୍ଲା ସିଂଲା ଥାନା ମାଣିକପୁରା ସ୍ଥିତ ବେଆଇନ କାଠ କରତ କଳ ଉପରେ ବନ ବିଭାଗର ଚଢ଼ାଉ । ଜିଲ୍ଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ ନିର୍ଦ୍ଦେଶ କ୍ରମେ, ଚାନ୍ଦିପୁର ବନାଞ୍ଚଳ ଅଧିକାରୀ ଗଣେଶ ପ୍ରସାଦ ଲେଙ୍କାଙ୍କ ନେତୃତ୍ୱରେ , ଏକ ୨୫ ଜଣିଆ ଟିମ ଉକ୍ତ ବେଆଆଇନ କରତକଳ ଉପରେ ଚଢାଉ କରି ଲକ୍ଷାଧିକ ଟଙ୍କାର କାଠ ଯନ୍ତ୍ରାଂଶ ଜବତ କରିଛି । ଅନ୍ୟ ମାନଙ୍କ ଭିତରେ ବନପାଳ ବିବେକାନନ୍ଦ ଜେନା, ସଶିଧର ମହାନ୍ତି, ଇତିଶ୍ରୀ ମହାପାତ୍ର, ପ୍ରହ୍ଲାଦ ନାୟକ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଜିଲ୍ଲାର ଅନେକ ବେଆଇନ କରତ କଳ ଅହରହ ଚାଲୁଥିବା ବେଳେ, ସେଗୁଡିକ ଉପରେ ବନବିଭାଗ ଚଢ଼ାଉ ନକରି ବନ୍ଦ ଥିବା କରତ କଳ ଉପରେ ଚଢ଼ାଉ କରି ବାହାବାହା ନେବାକୁ ବସିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ଫଳଗଛ ରୋପଣ ନାମରେ ଅର୍ଥ ହରିଲୁଟ

ନୀଳଗିରି, ୨୪/୧୨ (ନି.ପ୍ର): ରାଜ୍ୟ ସରକାର ପ୍ରତି ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଫଳଗଛ ଲଗାଇବା ଯୋଜନାରେ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ୫୦ହଜାର ଟଙ୍କା ର ଅନୁଦାନ ରାଶି ଦେଇଥିବା ବେଳେ ସଂପୃକ୍ତ ଠିକାଦାର , ଯନ୍ତ୍ରୀ ଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀ ପର୍ଯ୍ୟନ୍ତ ଅର୍ଥ ହରିଲୁଟ କରିଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ ନୀଳଗିରି ବ୍ଲକର ଜାମୁଡ଼ିହା ଗ୍ରା.ପ.ର ଥିବା ମଲ୍ୟାଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ହାତଗଣତି କେତୋଟି ଅମୃତଭଣ୍ଡା ଗଛ ଲଗାଇ ସଂପୃକ୍ତ ଠିକାଦାର ଜଣକ ୨୪ହଜାର ଟଙ୍କା ଆତ୍ମସାତ କରିଥିବା ର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ସ୍କୁଲ ପରିସରରେ ୨୪ଟି ଗଛ ନ ଥିବା ବେଳେ ଯନ୍ତ୍ରୀ ଜଣକ କିପରି ୨୪ହଜାର ଟଙ୍କା ପୈଠ କଲେ ତାହାକୁ ନେଇ ଗ୍ରାମବାସୀ ସମେତ ଅଭିଭାବକମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଘଟଣାବାବଦରେ ଠିକାଦାର ଜଣକ ଜାଣିଲା ପରେ ରାତି ଅଧିଆ ୭/୮ଟି ଗଛ ଲଗାଇ ବଦନାମରୁ ବର୍ତିବା ପାଇଁ ଚେଷ୍ଟା କରିଛି । କେତୋଟି ଗଛରେ ତାର ଜାଲି ନ ଥିବା ବେଳେ ଛେଳି ଗୋରୁ ଖାଇ ଖୁଂଟା କରିଦେଇଥିବାର ଦେଖିବାକୁ ମିଳିଛି । ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ସମେତ ବିଦ୍ୟାଳୟ କମିଟି ର ସଦସ୍ୟମାନେ ଦାବୀ କରିଛନ୍ତି ।

## ଭାରତ ସ୍ୱାଧୀନତା ସଂଗ୍ରାମରେ ଓଡିଶା ଓ ମହାରାଷ୍ଟ୍ରର ଅବଦାନ

ଭୁବନେଶ୍ୱର,୨୪/୧୨ (ନି.ପ୍ର): ଦେଶର ସ୍ୱାଧୀନତା ସଂଗ୍ରାମୀମାନେ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲେ ବୋଲି ବିଶିଷ୍ଟବକ୍ତାମାନେ ମତବ୍ୟକ୍ତ କରିଥିଲେ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ଓଡିଶା ଓ ମହାରାଷ୍ଟ୍ର ପତ୍ର ସୂଚନା କାର୍ଯ୍ୟାଳୟ ଓ ଆଂଚଳିକ କ୍ଷେତ୍ରପଚାର ବ୍ୟୁରୋ ପକ୍ଷରୁ ଆଜି ଆୟୋଜିତ ୱେବିନାରରେ ବକ୍ତାଗଣ ଏହା କହିଛନ୍ତି । ଏଥିରେ ଅଂଶଗ୍ରହଣ କରି ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀ ତପନ କୁମାର ମିଶ୍ର ସ୍ୱାଧୀନତା ସଂଗ୍ରାମରେ ଓଡିଶା ମୁଖ୍ୟତଃ ପାଂଚଟି ପର୍ଯ୍ୟାୟରେ ଗତି କରିଥିଲା ବୋଲି କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜୟରାଜଗୁରୁ, ଦ୍ୱିତୀୟ ପର୍ଯ୍ୟାରେ ବକ୍ସି ଜଗବନ୍ଧୁ ଓ ପାଇକ ବିଦ୍ରୋହ, ତୃତୀୟ ପର୍ଯ୍ୟାୟ ସିପାହୀ ବିଦ୍ରୋହ ଓ ଚନ୍ଦନ ହଜୁରୀଙ୍କ ଅବଦାନ, ଚତୁର୍ଥରେ କେନ୍ଦୁଝର ଭୂୟାଁ ମେଳି ଓ ପଂଚମରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସଂଗ୍ରାମ । ତେବେ ମହାତ୍ମ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ସ୍ୱାଧୀନତା ସଂଗ୍ରାମ




ଓଡିଶାରେ ଅଧିକ ଲୋକାଭିମୁଖୀ ହୋଇଥିଲା ବୋଲି ସେ କହିଛନ୍ତି । ଏଥିରେ ଅନ୍ୟତମ ବିଶିଷ୍ଟ ବକ୍ତାଭାବେ ଯୋଗଦେଇ ମହାରାଷ୍ଟ୍ରର ସହାୟକ ପ୍ରଫେସର ବାବା ସାହେବ କାୟଲେ ମହାରାଷ୍ଟ୍ରରେ ଇଷ୍ଟଇଣ୍ଡିଆ କମ୍ପାନୀ ବିରୁଦ୍ଧରେ ଆଦିବାସୀମାନଙ୍କ ଦ୍ୱାରା ପ୍ରଥମ ବିଦ୍ରୋହ ହୋଇଥିଲେ ମଧ୍ୟ ପରବର୍ତୀ କାଳରେ ସଂଗ୍ରାମ ନରମପନ୍ଥୀ, ଚରମପନ୍ଥୀ, ବିପ୍ଳବୀ ଓ ଗାନ୍ଧୀଙ୍କ ନେତୃତ୍ୱରେ ଏହା ହୋଇଥିଲା ବୋଲି କହିଛନ୍ତି । ନରମପନ୍ଥୀମାନେ ୧୮୮୫ରୁ ୧୯୦୫ ମଧ୍ୟରେ ଆର୍ଥିକ ଶୋଷଣକୁ ଆଧାର କରି ଇଂରେଜ ମାନଙ୍କ ବିରୁଦ୍ଧରେ ସ୍ୱର ଉତୋଳନ କରିଥିବାବେଳେ ୧୯୦୫ରୁ ୧୯୨୦ମଧ୍ୟରେ ଲାଲ-ବାଲ୍-ପାଲ୍ ନେତୃତ୍ୱାଧୀନ ସ୍ୱରାଜ ଆନ୍ଦୋଳନ ଓ ୧୯୨୦-୩୦ମଧ୍ୟରେ ବିର ସଭାର କାରଙ୍କ ଭଳି ବିପ୍ଳବୀମାନଙ୍କ ଇଂରେଜ ଶାସନ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଓ ୧୯୩୦ରୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଆଇନ ଆମାନ୍ୟ ଆନ୍ଦୋଳନ ଇତ୍ୟାଦି ସହ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱ ଭାରତ ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ଆୟୁଧ ପାଲଟି ଥିଲା । ଏଥିରେ ଅଧ୍ୟକ୍ଷତା କରି ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର କୁମାର ଚୌଧୁରୀ ଓଡିଶା ଓ ମହାରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ଆନ୍ତଃ-ରାଜ୍ୟ ସମ୍ପର୍କ ଜାତୀୟ ବିକାଶରେ ସହାୟକ ବୋଲି କହିଥିଲେ । ଏଥିରେ ସେ ସ୍ୱାଧୀନତା ସଂଗ୍ରାମର ବୀରମାନଙ୍କର ସ୍ମୃତିଚାରଣ କରିଥିଲେ । ଆଂଚଳିକ କ୍ଷେତ୍ରପ୍ରଚାର ବ୍ୟୁରୋ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇ ଦୁଇ ରାଜ୍ୟ ସମ୍ପର୍କ ତଥା ମିଳେଟ ମିଶନର ଉଦାହରଣ ଦେଇଥିଲେ । ମୁମ୍ବାଇ ପତ୍ରସୂଚନା କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଦୀପ ଜଏ ମାମ୍ପୋଲୀ ଧନ୍ୟବାଦ ଅର୍ପଣ କରିଥିବାବେଳେ, ଭୁବନେଶ୍ୱର ପତ୍ରସୂଚନା କାର୍ଯ୍ୟାଳୟ ଗଣମାଧ୍ୟମ ଓ ଗଣ ଯୋଗାଯୋଗ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ୱେବିନାର ପରିଚାଳନା କରିଥିଲେ ।

## ରୋଟାରୀ କ୍ଲବ ପକ୍ଷରୁ ମାଗଣାରେ ସ୍ୱାସ୍ଥ୍ୟ ଶିବିର

ବାରିପଦା, ୨୪/୧୨ (ନି.ପ୍ର): ବାରିପଦା ସ୍ଥିତ ରୋଟାରୀ ଭବନ ଠାରେ ରୋଟାରୀ କ୍ଲବ ପକ୍ଷରୁ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ମାଗଣାରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବାର କାର୍ଯ୍ୟରହିଛି । ଏହି ଶିବିରଟି ୨୦ ଡିସେମ୍ବର ଠାରୁ ଆରମ୍ଭ ହୋଇ ଥିବା ବେଳେ ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣା ଯାଇଛି । ତେବେ ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ପାଖାପାଖି ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଚିକିତ୍ସା ପାଇ ସାରିଥିବା ବେଳେ ଅଧିକରୁ ଅଧିକ ଲୋକଙ୍କୁ କିଭଳି ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇ ପାରିବ ସେ



ଦିଗରେ କ୍ଲବ ର ପ୍ରୟାସ ଜାରୀ ରହିଛି ବୋଲି ଉଦ୍ୟୋକ୍ତା ମାନେ କହିଛନ୍ତି । ସାଧାରଣ ଲୋକଙ୍କୁ ଉତମ ଚିକିତ୍ସା ଯୋଗାଇ ଦେବା ପାଇଁ ରୋଟାରୀ କ୍ଲବ ପକ୍ଷରୁ ରାଜ୍ୟ ବାହାରୁ ଡାକ୍ତରଙ୍କୁ ଆଣାଯାଇଥିବା କହିଛନ୍ତି କ୍ଲବର ପୂର୍ବତନ ସଭାପତି ବିଭୁପ୍ରସାଦ ଦାସ । ଅନ୍ୟପଟେ ଏଠାରେ ଶରୀରରେ ବିଭିନ୍ନ ଯନ୍ତ୍ରଣାର ଚିକିତ୍ସା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ରୋଗ ସମୁହର ଚିକିତ୍ସା କରାଯାଉଛି ।

## ମଧ୍ୟପ୍ରଦେଶ ବିଧାନସଭାର ପାଂଚ ଦିନିଆ ଶୀତ ଅଧିବେଶନ ଶେଷ

ଭୋପାଳ, ୨୪/୧୨ (ନି.ପ୍ର): ମଧ୍ୟପ୍ରଦେଶ ବିଧାନଭାର ଶୀତକାଳୀନ ଅଧିବେଶନକୁ ସ୍ଥଗିତ ରଖାଯାଇଛି । ଶୁକ୍ରବାର ଦିନ କଂଗ୍ରେସ ବିଧାୟକମାନେ ସ୍ଲୋଗାନ ଦେଇ ହଙ୍ଗାମା ସୃଷ୍ଟି କରିଥିଲେ । ଗୃହକୁ ସ୍ଥଗିତ ରଖିବା ପୂର୍ବରୁ ବିଧାନସଭାର ଉତେଜନା ମଧ୍ୟରେ କୌଣସି ଆଲୋଚନା ନ କରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଲ ପାରିତ ହୋଇଥିଲା ଏହା ସହିତ ପାଂଚ ଦିନିଆ ଶୀତ ଅଧିବେଶନ ଶେଷ ହେଲା ।

## କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ମାରାଥନ ଗସ୍ତ ଓ ବିଭିନ୍ନ ପ୍ରକଳ୍ପର ଉଦଘାଟନ

ବାରିପଦା, ୨୪/୧୨ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ଜୀ ନିଜ ସଂସଦୀୟ କ୍ଷେତ୍ର ମୟୁରଭଞ୍ଜ ଜିଲ୍ଲା କୁ ତୁଫାନୀ ଗସ୍ତରେ ଆସି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ଶୁଭାରମ୍ଭ ସହିତ ଭୂମିପୂଜନ ମଧ୍ୟ କରିଛନ୍ତି । ପ୍ରଥମେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ରାସଗୋବିନ୍ଦପୁର ବ୍ଲକ ଗସ୍ତ କରି କାକବନ୍ଧ ଠାରେ ଏକ ମୁର୍ଢ଼ି ମିଲର ଶୁଭାରମ୍ଭ କରିଥିଲେ । ଉନ୍ନୟନ ନାମକ ଏକ ସଂସ୍ଥାର ତତ୍ୱାବଧାନରେ ୨୨୪.୬୫ ଲକ୍ଷ ବ୍ୟୟ ଅଟକଳ ରେ କରାଯାଇଥିବା ଏହି ମିଲରେ ୫୦୨ ଜଣ ବ୍ୟକ୍ତି ଏଥିରେ କାର୍ଯ୍ୟ କରିବା ସହିତ ଏହା ପାଖଆଖ ୩ଟି ଗ୍ରାମପଞ୍ଚାୟତକୁ ରୋଜଗାର ଯୋଗାଇ ଦେବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଏହାପରେ ସେଠାରୁ ଗୋପବନ୍ଧୁନଗର ବ୍ଲକରେ ଭୋଳାପୋଖରୀ ଠାରୁ ଭୀମଦା



ବ୍ଲକ ବର୍ଡର ପର୍ଯ୍ୟନ୍ତ ଏକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ଶିଳାନ୍ୟାସ କରିଥିଲେ । ଏହି ରାସ୍ତା ସେହି ଅଞ୍ଚଳ ବାସୀଙ୍କ ପାଇଁ ବହୁ ଫଳପ୍ରଦ ହେବ ବୋଲି ଜଣା ଯାଇଛି । ୧୯୮.୯୨ ଲକ୍ଷ ବ୍ୟୟ ଅଟକଳରେ ୩.୫୨୦ କିମି ରାସ୍ତା ତିଆରି ହେବା ସହ ଏହାର ୫ ବର୍ଷର ରକ୍ଷଣା ବେକ୍ଷଣ ନିମନ୍ତେ ୧୬.୩୮ ଲକ୍ଷ ମୂଲ୍ୟ ଧାର୍ଯ୍ୟ କରାଯାଇଛି । ସେଠାରୁ ପୁରୁଣା ବାରିପଦା ଠାରେ ଏକ ଏକଲବ୍ୟ ମଡେଲ ସ୍କୁଲର ଭୂମି ପୂଜନ ମଧ୍ୟ କରିଥିଲେ । ଏହାପରେ ବୃନ୍ଦାଗଡି ଠାରେ ଶୋଭା ନାମକ ଏକ ସଂସ୍ଥା ଦ୍ୱାରା ୧୬୯.୨୭ ଲକ୍ଷ ଅଟକଳରେ ନିର୍ମିତ ଶାଳପତ୍ର ଓ ମହୁ ପ୍ରୋସେସିଂ ୟୁନିଟ ଉଦଘାଟନ କରିଥିବା ବେଳେ ଏହା ୨୦୫ ଜଣ ଲୋକୋଙ୍କୁ ରୋଜଗାରକ୍ଷମ କରାଇବାରେ ସହାୟକ ହେବ ବୋଲି ଜଣାପଡିଛି । ସେଠାରେ ୪୪୯.୦୦ ଲକ୍ଷ ବ୍ୟୟ ଅଟକଳ ରେ ଖଜୁରୀ ରସ ଓ ଲିମନ ଗ୍ରାସ ପାଇଁ ଏକ ପ୍ରଜେକ୍ଟ ମଧ୍ୟ ଶୁଭାରମ୍ଭ କରିଥିଲେ ଏବଂ ୧୨୫୦ ଜଣ ଲୋକ ଏହି ପ୍ରଜେକ୍ଟ ମାଧ୍ୟମରେ ରୋଜଗାରକ୍ଷମ ହେବ ବୋଲି ଶ୍ରୀ ଟୁଡୁ କହିଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ଏହି ମରାଥନ ଗସ୍ତରେ ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ୍, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ପାତ୍ର, ବରିଷ୍ଠ ବିଜେପି ନେତା ଛୋଟେଲାଲ ମହାନ୍ତଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ଏହି ଲୋକାଭିମୁଖି କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳ ବାସୀ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଦେଖିବାକୁ ମିଳିଛି ।

## ଦୁଗ୍ଧ ଉତ୍ପାଦନ କେନ୍ଦ୍ରର ଶିଳାନ୍ୟାସ

ନୀଳଗିରି, ୨୪/୧୨ (ନି.ପ୍ର): ନୀଳଗିରି ବ୍ଲକ କେ.ସି.ପୁର ପଂଚାୟତର ବେତକଟା ରାଉଦିଆ ଠାରେ ଦୁଗ୍ଧ ଉତ୍ପାଦନ କେନ୍ଦ୍ରର ଶିଳାନ୍ୟାସ କରାଯାଇଅଛି । ଏହି ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଶିଳାନ୍ୟାସ କରିଥିବା ବେଳେ ଭୂମୀପୂଜନ ଉତ୍ସବର ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଗୌରୀପ୍ରସାଦ ରଥ ମଂଚାସୀନ ରହି ଉକ୍ତ ଆଖାପାଖ ଅଂଚଳରେ ଅନେକ ପରିବାର ଆତ୍ମ ନିର୍ଭରଶୀଳ ହେବା ସହ ଗୋରକ୍ଷୀମାନଙ୍କର ପ୍ରେରଣାର ଉତ୍ସ ପାଲଟିବ ବୋଲି ନିଜ ବକ୍ତବ୍ୟରେ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭାରତ ସରକାରଙ୍କର ଏହା ଏକ କର୍ମସଂସ୍ଥାନର ମାର୍ଗ ବୋଲି କହିବା ସହିତ ଗୋରୁଙ୍କ ମୂତ୍ର, ଗୋବରରେ ବହୁମୂଲ୍ୟବାନ ସାମଗ୍ରୀ ତିଆରି ହେବା ସହ ଅଂଚଳବାସୀ ଅର୍ଥ ଉପାର୍ଜନ କରିବାର ଏହା ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏଠାରେ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେଲେ ଅଂଚଳବାସୀଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି ହେବ ବୋଲି ସୂଚନା ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ କେ.ସି.ପୁର ପଂଚାୟତର ସରପଂଚ ମହେନ୍ଦ୍ର ମଢ଼େଇ ମଂଚାସୀନ ରହି ଅନୁରୂପ ଭାବେ ବକ୍ତବ୍ୟ ରଖିଥିଲେ । ପୋଡ଼ାଶୁଳସ୍ଥିତ ଶାରଦା ରାମକୃଷ୍ଣ ଗୁରୁକୁଳ ଟ୍ରଷ୍ଟ ପକ୍ଷରୁ ଉକ୍ତ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଟ୍ରଷ୍ଟର ଚେୟାରମେନ୍ କାର୍ତ୍ତିକ ଚନ୍ଦ୍ର ଜେନା ଅଂଚଳବାସୀଙ୍କର ସହଯୋଗ କାମନା କରିଥିଲେ । ୨ଏକର ଜମି ଉପରେ ଉକ୍ତ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯିବ ବୋଲି ଚେୟାରମେନ୍ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

## ବିଳମ୍ବିତ ରାତିରେ ଦୋକାନରୁ ଚୋରୀ

ବସ୍ତା, ୨୪/୧୨ (ନି.ପ୍ର): ବସ୍ତାଥାନା ଅଧିନସ୍ଥ ଦରଡା ଦାଣ୍ଡି ଲେଲିନ ଛକରେ ଗୁରୁବାର ବିଳମ୍ବିତ ରାତ୍ରୀରେ ଦୋକାନର ଚାବିଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରି ଚୋରି ହୋଇଛି ବୋଲି ଆଜି ଦୋକାନୀ କମଳ ଲୋଚନ ପଣ୍ଡା ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାରୁ ପ୍ରକାଶ ଗତକାଲି ରାତି ୧୦ଟା ସମୟରେ ଶ୍ରୀପଣ୍ଡା ଦୋକାନ ବନ୍ଦକରି ତାଲା ପକେଇ ଘରକୁ ଯାଇଥିଲେ । ସକାଳେ ଆଶି ଦେଖିଲେ ଦୋକାନର ତାଲାଭାଙ୍ଗି କମ୍ପୁଟର.ପ୍ରିଣ୍ଟର ମେସିନ.ନଗଦ



ଡ୍ରୟାରଥିବା ୧୦ହଜାରଟଙ୍କା ସମେତ ବିଭିନ୍ନ ଇଲେକ ଟ୍ରୋନିସ ସାମଗ୍ରୀ ଚୋରି ହୋଇଛି । ତେବେ ଚୋରିହୋଇଥିବା ସମସ୍ତ ଜିନିଷର ମୂଲ୍ୟ ୧ଲକ୍ଷରୁ ଉର୍ଦ୍ଧ ହେବ ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

# ଫଳକ ଭାଙ୍ଗିବା ଯୋଗୁଁ ଜଳପ୍ରପାତ ଭୂମିପୂଜନ ସ୍ଥଗିତ

ଖଇରା, ୨୪/୧୨ (ନି.ପ୍ର): ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶୁକ୍ରବାର ଦିନ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧିନରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଥମେ ୧କୋଟି ୧୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମୀତ ହେବାକୁ ଥିବା ଅଡା ଅନ୍ତରା ମୁଖ୍ୟ ରାସ୍ତା ଠାରୁ ବଡମୁହାଁ ବନ୍ଧଗାଁ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ । ପରେ ରପେୟା ସରକାରୀ ଉଚ୍ଚ ବିଦ୍ୟାଳୟ ରୁପାନ୍ତରଣର ଶୁଭ ଶିଳାନ୍ୟାସ କରିଥିଲେ । ସେହିଭଳି କୁପାରୀ ପର୍ଯ୍ୟଟନ କ୍ଷେତ୍ରରେ ଗଡଚଣ୍ଡି ମନ୍ଦିର ନିକଟରେ ୫୦ଲକ୍ଷ ଟଙ୍କା ବ୍ୟୟରେ ଏକ ନାଟ୍ୟ ମଣ୍ଡପର ଭୁମି ପୂଜନ କରିଥିଲେ। ଏହି ଅବସରରେ ମକର ମେଳା କଳାମଣ୍ଡପରେ ଆୟୋଜିତ ସଭାରେ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ପାଣିଗ୍ରାହୀ ବକ୍ତବ୍ୟରେ କେବଳ କୁପାରୀ ପର୍ଯ୍ୟଟନ କ୍ଷେତ୍ର ନୁହେଁ ସବୁ ବର୍ଗର ତଥା ପ୍ରତ୍ୟେକ ବ୍ୟକ୍ତିର ବିକାଶ କଥାନବୀନ ସରକାର ବୁଝୁଛନ୍ତି ବୋଲି କହିଥିଲେ। ଭଦ୍ରକ ଏମପି ମଞ୍ଜୁଲତା ମଣ୍ଡଳ,ସରପଞ୍ଚ ଭବଜ୍ୟୋସ୍ନା ନାୟକ,ସମିତିସଭ୍ୟା ସୁନିତା ସାହୁ,ବାଉଁଶଗଡିଆ ସରପଞ୍ଚ ବିଷ୍ଣୁପଦ ଘଡେଇ,ମହିଳା ସଂଘ ସଭାପତି ରଶ୍ମିତା ମହାପାତ୍ର,ଜିଲାପରିଷଦ ସଭ୍ୟା ଜୟନ୍ତି ମହଲା ଓ କଳ୍ପନା ନାଇକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବହୁ ଚର୍ଚ୍ଚିତ ତଥା ଅପେକ୍ଷିତ ଶାରିଶୁଆ ଜଳପ୍ରପାତର ଶିଳାନ୍ୟାସ ଶୁକ୍ରବାର ଦିନପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ଗୁରୁବାର ରାତିରେ ଖଣି ମାଫିଆ ମାନେ କିଛି ରାଜସ୍ୱ କର୍ମଚାରୀଙ୍କ ସହଯୋଗରେ ଭାଙ୍ଗି ଦେଇଛନ୍ତି । ଯେଉଁଥିପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଓ ଏମ୍ପି ସ୍ଥଗିତ ରଖିଛନ୍ତି । ଏହି ଘଟଣାକୁ ନେଇ କୁପାରୀ ସରପଞ୍ଚ ଭବଜ୍ୟୋସ୍ନା ନାୟକ ଓ ଉପାଧକ୍ଷ ଜୟନ୍ତ କୁମାର ରାଉତ ତିବ୍ର ନିନ୍ଦା କରିଛନ୍ତି । ପୁଣିଥରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯିବ ଏବଂ ନିର୍ବାଚନ ଆଚରଣବିଧି ଲାଗୁ ପୂର୍ବରୁ ଏହି ଭୁମିପୂଜନ କାର୍ଯ୍ୟ ସରିବ । ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ପୂର୍ଣାଙ୍ଗ ହେବ ବୋଲି ପ୍ରକଳ୍ପ ଶେଷ ପରେ କାମଧନ୍ଦା ଅପେକ୍ଷାରେ ଥିବା ସ୍ଥାନୀୟ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ।

# ବାଲେଶ୍ୱର କ୍ୟାଥୋଲିକ ଚର୍ଚ୍ଚରେ ବଡ଼ଦିନକୁ ସ୍ୱାଗତ

ବାଲେଶ୍ୱର,୨୪/୧୨ (ନି.ପ୍ର): ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ପବିତ୍ର ଜନ୍ମଦିନ 'ବଡ଼ଦିନ' ଅବସରରେ ସହରର ପୁରାତନ କ୍ୟାଥୋଲିକ ଚର୍ଚ୍ଚ ଆଲୋକମାଳାରେ ଝଲସି ଉଠୁଛି। ୨୪ତାରିଖ ସଂନ୍ଧ୍ୟାରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବଡ଼ଦିନକୁ ସ୍ୱାଗତ କରାଯାଇଥିଲା। ବାଲେଶ୍ୱର ରୋମାନ କ୍ୟାଥୋଲିକ ଡାଇଓସିସ ପ୍ରଶାସକ ଫାଦର ଆଇଜାକ କେକ କାଟିବା ସହ ବଡ଼ଦିନ ପାଳନର ଯଥାର୍ଥତା ଓ ସମଗ୍ର ମାନବ ସମାଜ ପ୍ରତି ପ୍ରଭୁ ଯୀଶୁଙ୍କ ବାଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ଚର୍ଚ୍ଚର ମୁଖ୍ୟ ଫାଦର ଯଦୁ ମାରାଣ୍ଡି, ସହ-ଯାଜକ ଫାଦର ସୁନୀଲ ମିଞ୍ଜ, ବାଲେଶ୍ୱର ସାମାଜିକ ସେବା ସଂସ୍ଥାର ମୁଖ୍ୟ ଫାଦର ଚେରିଆନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତଙ୍କୁ ବଡ଼ଦିନର ଶୁଭେଚ୍ଛା ଜଣାଇଥିଲେ। ସିଲୁ ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରୂପା ବଟଲର ଓ ସାଥୀମାନେ ବାଇବେଲ ପାଠ ଓ ସଙ୍ଗୀତଗାନ କରିଥିଲେ। ବିଶ୍ୱଜିତ ସାହା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ୟାଥୋଲିକ ଚର୍ଚ୍ଚ ପରିସରରୁ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ଯୁବକଙ୍କ ଦ୍ୱାରା ମୋଟର ସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ସହରବାସୀଙ୍କୁ ପବିତ୍ର ଖ୍ରୀଷ୍ଟମାସର ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ସୁଦୀପ ପିଟର, ଦେବାଶିଷ ରେଜା, ଅଜୟ ବୀର, ରୋଜି ପଟ୍ଟନାୟକ, ସୁନୀତା ସାହା, ସଂଯୁକ୍ତା ଯୋଶେଫ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# 'କଳାକାର'ଶିଶୁ ନାଟକ ମହୋତ୍ସବର ଦ୍ୱିତୀୟ ସଂଧ୍ୟା

ବାଲେଶ୍ୱର,୨୪/୧୨ (ନି.ପ୍ର): ଓଡିଶା ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ଓଡିଶା ସଂଗୀତ ନାଟକ ଏକାଡେମୀ ସହଯୋଗରେ ନାଟ୍ୟାନୁଷ୍ଠାନ 'କଳାକାର' ପକ୍ଷରୁ ସ୍ଥାନୀୟ ଟାଉନହଲରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ଆଜିଥିଲା ଦ୍ୱିତୀୟ ସଂଧ୍ୟା। ଦ୍ୱିତୀୟ ସଂଧ୍ୟାର କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମହାପାତ୍ର ଉଦଘାଟନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଓ ସଂଗୀତ ନାଟକ ଏକାଡେମୀ ସଦସ୍ୟ ହେମେନ୍ଦ୍ର ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। 'କଳାକାର'ର ବରିଷ୍ଠ ଉପଦେଷ୍ଟା ବିଷ୍ଣୁ ପ୍ରସାଦ ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ସଭ୍ୟ ସୁଶାନ୍ତ କୁମାର ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଶ୍ରୀତମ କୁମାର ସିଂହ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ସଂଧ୍ୟାରେ ନାଟକ ମଞ୍ଚସ୍ଥ ହୋଇଥିଲା। ଯାଜପୁର ରଂଗଭୂମି ବିଦ୍ୟାଳୟ ପକ୍ଷରୁ ପ୍ରଥମ ନାଟକ 'ପିଲା ନୁହେଁ ସିଏ ମଣିଟିଏ', ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ ପକ୍ଷରୁ ଦ୍ୱିତୀୟ ନାଟକ 'ପ୍ରମୋଶନ'ବାଲିଖଣ୍ଡ ଉଚ୍ଚବିଦ୍ୟାଳୟ ତରଫରୁ 'ଗୁରୁ' ଓ ଅଙ୍ଗାରଗଡ଼ିଆ ଶ୍ରୀ ସତ୍ୟସାଇ ବିଦ୍ୟାଳୟ ପକ୍ଷରୁ ଚତୁର୍ଥ ନାଟକ 'ବାପାଙ୍କ ଜନ୍ମଦିନ' ମଞ୍ଚସ୍ଥ ହୋଇଥିଲା। ସାମାଜକୁ ବାର୍ତ୍ତା ଦେଉଥିବା ଏହି ୪ ନାଟକର ପିଲାଙ୍କ ଅଭିନୟ ବେଶ ଉଚ୍ଚକୋଟିର ହୋଇଥିବା ଦର୍ଶକମାନେ ମତ ଦେଇଥିଲେ।

# ବାଲେଶ୍ୱର-ଭଦ୍ରକ ଜିଲ୍ଲାର ୮୭ଜଣଙ୍କୁ ୮.୨୫ କୋଟି ପ୍ରଦାନ




ବାଲେଶ୍ୱର,୨୪/୧୨ (ନି.ପ୍ର): ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଋଣମେଳା ସହରର ବିବେକାନନ୍ଦ ମାର୍ଗସ୍ଥିତ ମୁଖ୍ୟ ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶାଖା ପ୍ରବନ୍ଧକ ବିକ୍ରମ ବିଶ୍ୱକର୍ମା, ଭଦ୍ରକ ଶାଖା ପ୍ରବନ୍ଧକ ମୁକେଶ କୁମାର ସାବତ ଓ ମଣିପୁର ଶାଖା ପ୍ରବନ୍ଧକ ମହେଶ କୁମାର ପ୍ରମୁଖ ଏଥିରେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ସଫଳ ରୂପାୟନରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର କାର୍ଯ୍ୟଧାରା ଏବଂ ବ୍ୟାଙ୍କ ପକ୍ଷରୁ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ଋଣ ଓ ରିଆତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ହିତାଧିକାରୀମାନେ ନେଉଥିବା ଋଣର ସୁବିନିଯୋଗ ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବାଲେଶ୍ୱର ଓ ଭଦ୍ରକ ଜିଲାର ୮୭ ଜଣ ହିତାଧିକାରୀଙ୍କୁ ୮ କୋଟି ୨୫ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀ, କ୍ଷୁଦ୍ର ବ୍ୟବସାୟୀ, ପେନସନଧାରୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ସମେତ ହିତାଧିକାରୀଙ୍କୁ କୃଷି ଓ ମୁଦ୍ରା ଋଣ ଦିଆଯାଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଋଣ ପ୍ରଦାନ ନିମନ୍ତେ 'ନୟି ପହଲ' ନାମକ ଏକ ଅଭିଯାନ ଆରମ୍ଭ ହୋଇଥିବା ଅଧିକାରୀମାନେ ସୂଚନା ଦେଇଚନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜବାହରଲାଲ ସିଂହ, ଜୟଦେବ ମହାନ୍ତି, ସତ୍ୟାନନ୍ଦ ପାତ୍ର, ରମେଶ ସାହୁ ପ୍ରମୁଖ ସହ-ଶାଖା ପରିଚାଳକମାନଙ୍କ ସମେତ ବ୍ୟାଙ୍କ କର୍ମଚାରୀମାନେ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ପଟ୍ଟନାୟକ ଜଣେ ଅଭିଜ୍ଞ ଜନନେତା ଓ ପ୍ରଶାସକ ଥିଲେ। ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଜନସେବାରେ ନିଜକୁ ନିୟୋଜିତ କରିଥିଲେ । ଗଞ୍ଜାମ ଜିଲ୍ଲା ତଥା ଓଡିଶାର ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ଉଦଳା ସାଇ ଦରବାରରେ ଗୁରୁଜୀ ୭୫ ତମ ଜନ୍ମଦିନ ପାଳନ ସହ ରୋଗୀଙ୍କୁ ଫଳ ବଣ୍ଟନ



ଉଦଳା, ୨୪/୧୨ (ନି.ପ୍ର): ଉଦଳା ଏନ୍‌ଏସିର ୱାର୍ଡ଼ ନଂ-୧ରେ ଆଜି ପୂଜ୍ୟ ଗୁରୁଜୀ ଡ଼କ୍ଟର ଚନ୍ଦ୍ରଭାନୁ ଏଚ୍ଛପଥୀଙ୍କର ୭୫ ତମ ଜନ୍ମ ଦିବସ ପାଳନ କରାଯାଇଅଛି । ଓଡ଼ିଶାର ବିଶିଷ୍ଟ ତଥା ଭାରତବର୍ଷର ଜଣାଶୁଣା ବାସ୍ତୁବିତ ପ୍ରଦୀପ କୁମାର ରଥ ସୁଦୁର ସମ୍ବଲପୁର ସହରରୁ ଉଦଳା ସାଇ ଦରବାରକୁ ପହଞ୍ଚି ଗୁରୁଜୀଙ୍କର ଜନ୍ମ ତିଥିରେ କେକ କାଟିଥିଲେ । ପରେ ସେ ଗୁରୁଜୀଙ୍କ ନବାକ୍ଷରୀ ଛନ୍ଦରେ ରଚିତ 'ଶ୍ରୀ ଗୁରୁ ଭାଗବତ' ପଠନ କରିଥିଲେ । ଏଥିରେ ଦରବାରର ପ୍ରଦୀପ୍ତ ପଲେଇ, ପ୍ରଦୀପ ସାର, ଯୁଗେନ୍ଦ୍ର, ପୁରୁଷୋତ୍ତମ, ରମା, ଉଷାରାଣୀ ବେହେରା, ମନାଲିସା ନାୟକ ଓ ମୃଣ୍ମୟୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଦରବାର ତରଫରୁ ଅପରାହ୍ନ ୪ ଟାରେ କପ୍ତିପଦା ଉପଖଣ୍ଡ ଚିକିତ୍ସାଳୟରେ ସମସ୍ତ ରୋଗୀ ମାନଙ୍କ ଫଳ ବିସ୍କୁଟ ପ୍ରଦାନ କରାଯାଇଥିଲା । ଏଥିରେ ଉଦଳା ଡ଼ାକ୍ତରଖାନାର ମେନେଜର ନିରୁପମା ମହାନ୍ତିଙ୍କ ସହିତ ଦରବାରର ଯୁବ ସଂଯୋଜକ ବିଶ୍ୱଜିତ ନାୟକ, ଅଭିଶେକ ପ୍ରଧାନ, ପ୍ରକାଶ ଚନ୍ଦ୍ର ଦାସ, ମନୋରଂଜନ ପରିଡ଼ା, ବିଶ୍ୱଜିତ ନାୟକ, ରିତାରାଣୀ ଭଞ୍ଜବାବୁ, ଦରବାରର ସଭାପତି ଚନ୍ଦ୍ର ଶେଖର ପରିଡ଼ା, ମାନଶ୍ରୀ ଦାସ, ସୁପ୍ରୀତି ନାୟକ ପ୍ରମୁଖ ସମସ୍ତ ୱାର୍ଡ଼ରେ ବୁଲି ବୁଲି ରୋଗୀଙ୍କୁ ଫଳ ଓ ବିସ୍କୁଟ ଦେଇଥିଲେ । ଶେଷରେ ଦରବାର ତରଫରୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭକ୍ତ ମାନଙ୍କୁ ଫଳ ଓ କେକ ବଣ୍ଟନ କରାଯାଇଥିଲା ।

# ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୫୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଓ ଗଂଜାମ ଜିଲ୍ଲାରେ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାରେ ୮୪ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଗଂଜାମ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଉତ୍ତର ଉପାନ୍ତ ଲକ୍ଷ୍ମଣନାଥ ରେଳ ଷ୍ଟେସନରେ ଯାତ୍ରୀ ସୁବିଧା ଲୋକାର୍ପିତ

## ଖଡଗପୁର-ଭଦ୍ରକ ମଧ୍ୟରେ ୨୬ ଟି ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ତ୍ୱରାନ୍ୱିତ : ଡିଆର୍‌ଏମ୍

ଜଳେଶ୍ୱର, ୨୪/୧୨(ନିପ୍ର): ଦକ୍ଷିଣ-ପୂର୍ବ ରେଳ ପଥର ଖଡଗପୁର ଡିଭିଜନ ଅଧିନରେ ଓଡିଶାର ଲକ୍ଷ୍ମଣନାଥ ଠାରୁ ରାଣିତାଲ ପର୍ଯ୍ୟନ୍ତ ରହିଛି । ଏ ସମସ୍ତ ଷ୍ଟେସନର ଆଧୁନିକ କରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ତୃତୀୟ ରେଳ ଲାଇନ୍‌ର ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି । ଓଡିଶାର ପ୍ରବେଶଦ୍ୱାର ଲକ୍ଷ୍ମଣନାଥ ରେଳ ଷ୍ଟେସନ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ବହୁ ଦାବି ପରେ ଏହାର ୧ନଂ, ୨ଓ ୩ ନଂ ପ୍ଲାଟଫର୍ମର ସମ୍ପ୍ରସାରଣ ଓ ଆଧୁନିକୀ କରଣ କାର୍ଯ୍ୟ ଶେଷ ହୋଇଛି । ଏହି ଉପଲକ୍ଷେ ଆଜି ଷ୍ଟେସନ ପରିସରରେ ଆୟୋଜିତ ସଭାରେ ଖଡଗପୁର ଡିଭିଜନ୍‌ର ରେଳ ପ୍ରବନ୍ଧକ (ଡିଆର୍‌ଏମ୍) ମନୋରଂଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସୂଚନା ଦେବାକୁ ଯାଇ ଖଡଗପୁର-ଭଦ୍ରକ ମଧ୍ୟରେ ଥିବା ୨୬ଟି ଷ୍ଟେସନର ଆଧୁନିକୀ କରଣ ଲାଗି କାର୍ଯ୍ୟ ଆରମ୍ଭ ହୋଇଛି । ୩କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ଲକ୍ଷ୍ମଣନାଥ ଷ୍ଟେସନର ୩ଟି ପ୍ଲାଟଫର୍ମର ନବିକରଣ କରାଯାଇଛି। ଏହି ଷ୍ଟେସନରେ ସିସି ଟିଭି ଲଗାଯିବା ସହିତ ପୂର୍ବ ଏକ ପାଦଚଲା ସେତୁ ନିର୍ମାଣ କରାଯିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ରେଳ ଷ୍ଟେସନଟି ଯାତୀୟ ରେଳଷ୍ଟେସନ ସୋପାନ ୬ରେ ଥିବା ବେଳେ କୋଭିଡ୍ ପୂର୍ବରୁ ପ୍ରତିଦିନ ହାରାହାରୀ ୨୫୯ଜଣ ଯାତ୍ରୀ ଯାତାୟାତ କରୁଥିବା ବେଳେ ୫୪୭୧ଟଙ୍କା ରାଜସ୍ୱ ମିଳୁଥିଲା । କିନ୍ତୁ ଏବେ କୋଭିଡ୍ ପରେ ପ୍ରତିଦିନ ହାରାହାରୀ ୨୭ଜଣ ଯାତ୍ରୀଙ୍କ ଠାରୁ ୬୭୧ ଟଙ୍କା ରାଜସ୍ୱ ମିଳୁଥିବା ସେ କହିଥିଲେ । କିନ୍ତୁ ପୂର୍ବରୁ ୬ଯୋଡା ପାସେଞ୍ଜର ଟ୍ରେନ ମଧ୍ୟରୁ ୪ଟି ଚାଲିଛି । ଆସନ୍ତା ଦିନରେ ଲକ୍ଷ୍ମଣନାଥ ଷ୍ଟେସନକୁ ଅଧିକ ଉନ୍ନତ ମାନର ଷ୍ଟେସନ କରାଯିବ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାଂସଦ ପ୍ରତାପ ଷଡଙ୍ଗୀ ଭାରତୀୟ ରେଳବାଇ ପୃଥିବୀରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି କହିଥିଲେ । ରେଳବାଇର ସୁବିଧା ସୁଯୋଗ ଯାତ୍ରୀମାନଙ୍କୁ ମିଳିବା ଉଚିତ୍ ଅନ୍ୟପକ୍ଷରେ ରେଳ ବ୍ୟବହାରକାରୀମାନେ ରେଳବାଇ ସମ୍ପତ୍ତିର ସୁରକ୍ଷା ପ୍ରତି ଯତ୍ନବାନ ହେବା ଉଚିତ୍ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର ଓ ଖଡଗପୁର ରେଳ ଡିଭିଜନ୍‌ର ବାଣିଜ୍ୟ ପ୍ରବନ୍ଧକ ରାଜେଶ କୁମାର ଯୋଗ ଦେଇ ଏହି ଷ୍ଟେସନ ଉପରେ ନିର୍ଭର କରୁଥିବା ସମସ୍ତ ଯାତ୍ରୀମାନେ ଏହାର ଫାଇଦା ଉଠାଇ ପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଡିଓଏମ୍, ବରିଷ୍ଠ ଡିଇଏନ୍, ବରିଷ୍ଠ ଡିସିଏମ୍, ବରିଷ୍ଠ ଡିଏସ୍‌ଟିଇ, ବରିଷ୍ଠ ଡିଇଇ, ସହକାରୀ ବାଣିଜ୍ୟିକ ମ୍ୟାନେଜର, ଲକ୍ଷ୍ମଣନାଥ ଷ୍ଟେସନ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଓ ଜନସାଧାରଣ ଉପସ୍ଥିତ ଥିଲେ ।







❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo